ବର୍ଷ-୨୬, ସଂଖ୍ୟା-୧୦୪
ଭୁବନେଶ୍ୱର
୧୭, ଏପ୍ରିଲ୍ ୨୦୨୬ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ ଟଙ୍କା

Vol.-26, Issue No.୧୦୪
Bhubaneswar
17 April, 2026 Friday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat







# ସଂସଦରେ ମହାବିତର୍କ

## ସଂସଦରେ ମହିଳା ସଂରକ୍ଷଣ ସଂଶୋଧନ ସହ ତିନୋଟି ବିଲ୍ ଆଗତ

ନୂଆଦିଲ୍ଲୀ, ୧୬।୪(ମହାଭାରତ) : ମହିଳା ସଂରକ୍ଷଣ ଆଇନ ସହ ଜଡ଼ିତ ତିନୋଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ବୁଧବାର ସଂସଦର ସ୍ୱତନ୍ତ୍ର ଅଧିବେଶନରେ ଉପସ୍ଥାପନ କରାଯାଇଛି। ସମ୍ବିଧାନ (୧୩୧ ତମ ସଂଶୋଧନ) ବିଲ୍, ୨୦୨୬ ଏବଂ ସୀମା ନିର୍ଦ୍ଧାରଣ ବିଲ୍, ୨୦୨୬ ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲଙ୍କ ଦ୍ୱାରା ଉପସ୍ଥାପିତ ହୋଇଥିବାବେଳେ ଗୃହମନ୍ତ୍ରୀ ଅମିତ ଶାହା କେନ୍ଦ୍ର ଶାସିତ ଅଂଚଳ ଆଇନ (ସଂଶୋଧନ) ବିଲ୍, ୨୦୨୬ କୁ ଗୃହରେ ରଖିଥିଲେ।ବିରୋଧୀମାନେ ଏହି ବିଲ୍ ଗୁଡ଼ିକୁ ବିରୋଧ କରିବା ଆରମ୍ଭ କରିଛନ୍ତି। ପ୍ରଥମେ କଂଗ୍ରେସ ନେତା କେ. ସି ଭେନୁଗୋପାଳ କହିଥିଲେ ଯେ, ସରକାର ସମ୍ବିଧାନକୁ ଅପହରଣ କରିବାକୁ ଚାହୁଁଛନ୍ତି। ସମାଜବାଦୀ ପାର୍ଟି ସାଂସଦ ଧର୍ମେନ୍ଦ୍ର ଯାଦବ ସେତେବେଳେ କହିଥିଲେ ଯେ, ମୁସଲମାନ ମହିଳାମାନଙ୍କୁ ସଂରକ୍ଷଣ ନ ଦିଆଯିବା ପର୍ଯ୍ୟନ୍ତ ଏହି ଆଇନର କୌଣସି ଅର୍ଥ ନାହିଁ। ଏହାର ଉତରରେ ଗୃହମନ୍ତ୍ରୀ ଅମିତ ଶାହା କହିଥିଲେ ଯେ ଧର୍ମ ଆଧାରରେ ସଂରକ୍ଷଣ ଅସାମ୍ବିଧାନିକ ଏବଂ ଏହାର ପ୍ରଶ୍ନ ଉଠୁନାହିଁ।ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ମଧ୍ୟ କହିଛନ୍ତି ଯେ, ଦେଶ ଅଧା ଜନସଂଖ୍ୟାକୁ ସଂରକ୍ଷଣ ଚାହୁଁଛି, କିନ୍ତୁ ମୁସଲମାନ ମହିଳାଙ୍କ ପାଇଁ କ'ଣ ବ୍ୟବସ୍ଥା ରହିଛି। ଏହାର ଜବାବରେ ଅମିତ ଶାହା କହିଥିଲେ ଯେ ଯଦି ସମାଜବାଦୀ ପାର୍ଟି ଚାହିଁବ, ତେବେ ନିଜର ଟିକେଟ୍ ମୁସଲମାନ ମହିଳାମାନଙ୍କୁ ଦେଇପାରିବେ, ଏଥିରେ ସରକାରଙ୍କର କୌଣସି ଆପତି ରହିବ ନାହିଁ। ଏହି ସଂଶୋଧନ ବିଲ୍ ରେ ଲୋକସଭାରେ ମୋଟ୍ ଆସନ ସଂଖ୍ୟାକୁ ୫୪୩ରୁ ୮୫୦କୁ ବୃଦ୍ଧି କରିବାର ପ୍ରସ୍ତାବ ରହିଛି। ଏଥିରେ ରାଜ୍ୟଗୁଡ଼ିକ ପାଇଁ ୮୧୫ଟି ଆସନ ଏବଂ କେନ୍ଦ୍ରଶାସିତ ଅଂଚଳଗୁଡ଼ିକ ପାଇଁ ୩୫ଟି ଆସନ ରହିବ। ଆସନଗୁଡ଼ିକର ସଠିକ୍ ନିର୍ଣ୍ଣୟ ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ପରେ ହେବ। ପ୍ରସ୍ତାବିତ ସଂଶୋଧନ ଅନୁଯାୟୀ ମହିଳାମାନଙ୍କ ପାଇଁ ୨୭୩ଟି ଆସନ ସଂରକ୍ଷିତ ରହିବ।

## ଉତ୍ତରରୁ ଦକ୍ଷିଣ, କୌଣସି ଭେଦଭାବ ହେବନି : ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୧୬।୪(ମହାଭାରତ): ସୀମା ପୁନଃ ନିର୍ଦ୍ଧାରଣ ବିଲକୁ ନେଇ ବିରୋଧୀଙ୍କ ହାଲ୍ଲାବୋଲ ଭିତରେ ବଡ ପ୍ରତିଶ୍ରୁତି ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଆଜି ଲୋକସଭାରେ ଆଗତ ୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍ ୨୦୨୬, ଡିଲିମିଟେସନ ବିଲ୍ ୨୦୨୬ ଓ କେନ୍ଦ୍ରଶାସିତ ଅଞ୍ଚଳ ଆଇନ (ସଂଶୋଧନ) ବିଲ୍ ୨୦୨୬ ଉପରେ ମତ ରଖିଛନ୍ତି ପ୍ରଧାନମନ୍ତ୍ରୀ ମୋଦି। ସେ ସୀମା ପୁନଃ ନିର୍ଦ୍ଧାରଣରେ କୌଣସି ପ୍ରକାରର ଭେଦଭାବ ହେବନାହିଁ ବୋଲି ଗ୍ୟାରେଣ୍ଟୀ ଦେବା ସହ କଂଗ୍ରେସର ନାଁ ନ ନେଇ ଦଳକୁ ତୀବ୍ର ସମାଲୋଚନା କରିଛନ୍ତି।

ସେ କହିଛନ୍ତି, "ଆମେ ଭାରତକୁ ଗୋଟିଏ ବୋଲି ଦେଖୁଛୁ। ଏହାକୁ ଅଲଗା ଅଲଗା କରି ଦେଖୁ ନାହୁଁ। ସୀମା ପୁନଃ ନିର୍ଦ୍ଧାରଣ କାହା ପ୍ରତି କୌଣସି ଅନ୍ୟାୟ କରିବ ନାହିଁ। କୌଣସି ରାଜ୍ୟ ସହ ଅନ୍ୟାୟ ହେବ ନାହିଁ ବୋଲି ମୁଁ ପ୍ରତିଶ୍ରୁତି ଦେଉଛି। ପୂର୍ବରୁ ପଶ୍ଚିମ, ଉତ୍ତରରୁ ଦକ୍ଷଣ, କାହା ସହ ଭେଦଭାବ ହେବନି।"

ସୀମା ପୁନଃ ନିର୍ଦ୍ଧାରଣ ବିଲ ଉପରେ ଦକ୍ଷିଣ ଭାରତୀୟ ରାଜ୍ୟଗୁଡିକ ପ୍ରଶ୍ନ ଉଠାଇଛନ୍ତି। ଏହା ଦକ୍ଷିଣ ଭାରତୀୟ ରାଜ୍ୟର ଆସନ ସଂଖ୍ୟା ହ୍ରାସ କରିବ ଓ ହିନ୍ଦୀ ହାର୍ଟଲ୍ୟାଣ୍ଡର ସଂସଦୀୟ ଶକ୍ତିକୁ ଅଧିକ ମଜବୁତ କରିବ



ବୋଲି ବିରୋଧୀ ଅଭିଯୋଗ କରିଛନ୍ତି।

ଏହାକୁ ଦୃଷ୍ଟିରେ ରଖି ମୋଦି କହିଛନ୍ତି ଯେ "ଉତ୍ତରରୁ ଦକ୍ଷିଣ କୌଣସି ଭେଦଭାବ ହେବନାହିଁ। ଭାରତ ହେଉଛି ଗଣତନ୍ତ୍ରର ଜନନୀ। ବିକାଶର ଏହି ଯାତ୍ରାରେ ଆମକୁ ଗୋଟିଏ ନୂଆ ସଫଳତା ଯୋଡିବାକୁ ପବିତ୍ର ସୁଯୋଗ ମିଳିଛି। ଆମେ ଅତ୍ୟନ୍ତ ଭାଗ୍ୟବାନ। କାରଣ ଆମେ ଦେଶର ଅଧା ଜନସଂଖ୍ୟାକୁ ରାଷ୍ଟ୍ର ନିର୍ମାଣର ନିଷ୍ପତ୍ତି ପ୍ରକ୍ରିୟାରେ ସାମିଲ କରିବାର ସୁଯୋଗ ପାଇଛୁ।"

ସରକାର ମହିଳା ସଂରକ୍ଷଣ ବିଲ ଆଳରେ ସୀମା ପୁନଃ ନିର୍ଦ୍ଧାରଣକୁ ଲାଗୁ କରିବାକୁ ଚାହୁଁଥିବା ଅଭିଯୋଗ ଉପରେ ମୋଦି କହିଛନ୍ତି, "ଯେଉଁମାନେ ଅତୀତରେ ଏହାକୁ ବିରୋଧ କରୁଥିଲେ, ସେମାନଙ୍କୁ ଦେଶର ମହିଳାମାନେ କ୍ଷମା ଦେଇ ନଥିଲେ।

ଏହାପରେ ହୋଇଥିବା ନିର୍ବାଚନରେ ସେମାନଙ୍କୁ ଭୟଙ୍କର ସ୍ଥିତର ସମ୍ମୁଖୀନ ହେବାକୁ ପଡିଥିଲା। ଯେଉଁମାନେ ମହିଳାଙ୍କୁ ସେମାନଙ୍କ ଅଧିକାରରୁ ବଞ୍ଚିତ କରିବାକୁ ଚାହୁଁଛନ୍ତି, ସେମାନଙ୍କୁ ଦେଶର ମହିଳମାନେ କ୍ଷମା କରି ନାହାନ୍ତି କିମ୍ବା କରିବେ ନାହିଁ।

ଯଦି ଆମେ ଏକାଠି ଆଗକୁ ବିବା, ତା'ହେଲେ ଏହି ନିଷ୍ପତ୍ତି କୌଣସି ଗୋଟିଏ ରାଜନୀତିକ ଦଳକୁ ଫାଇଦା ଦେବ ନାହିଁ, ବରଂ ଏହା ଦେଶର ଗଣତନ୍ତ୍ରକୁ ଫାଇଦା ଦେବ। ଆମେ ସମସ୍ତେ ମହିଳାମାନଙ୍କୁ ସଂରକ୍ଷଣ ଦେବାର ଏହି ମହତ୍ତ୍ୱପୂର୍ଣ୍ଣ ସୁଯୋଗକୁ ହାତ ଛଡା କରିବା କଥା ନୁହେଁ।

ମୁଁ ଏଠାରେ ସମସ୍ତଙ୍କୁ ଅନୁରୋଧ କରୁଛି ଯେ କେହି ବି ଏହାକୁ ରାଜନୀତିକ ଚଷମାରେ ଦେଖନ୍ତୁ ନାହିଁ। ଏହାକୁ ଜାତୀୟ ସ୍ୱାର୍ଥ ଭାବେ ବିବେଚନା କରନ୍ତୁ। ମହିଳା ସଂରକ୍ଷଣ ୨୫ରୁ ୩୦ ବର୍ଷ ତଳୁ ଲାଗୁ ହେବା କଥା। ଆମେ ଯଦି ଏହାକୁ ସେତେବେଳେ ଲାଗୁ କରିଥାଆନ୍ତୁ, ତା'ହେଲେ ଆଜି ଆମେ ଗୋଟିଏ ପରିପକ୍ୱ ଦେଶ ହୋଇଥାଆନ୍ତୁ।"

## ମହିଳା ସଂରକ୍ଷଣ ପାଇଁ ସମର୍ଥନ, ସୀମା ନିର୍ଦ୍ଧାରଣକୁ ବିରୋଧ

ନୂଆଦିଲ୍ଲୀ, ୧୬।୪(ମହାଭାରତ): ସଂସଦର ତିନି ଦିନିଆ ସ୍ୱତନ୍ତ୍ର ଅଧିବେଶନ ଆରମ୍ଭ ହେବା ପୂର୍ବରୁ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ବିରୋଧୀ ଇଣ୍ଡି ମେଂଟ ନେତାଙ୍କ ଏକ ବୈଠକରେ ଅଧ୍ୟକ୍ଷତା କରିଥିଲେ। ରଣନୀତି ପ୍ରସ୍ତୁତ କରିବା ପାଇଁ ବିରୋଧୀ ଦଳର ଫ୍ଲୋର ଲିଡରମାନେ ରାଜ୍ୟସଭାରେ ବିରୋଧୀ ଦଳ ନେତା ଖର୍ଗେଙ୍କ କାର୍ଯ୍ୟାଳୟରେ ଭେଟିଥିଲେ। ଏହି ସ୍ୱତନ୍ତ୍ର ବୈଠକରେ ତିନୋଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ଉପରେ ଆଲୋଚନା କରାଯାଇଥିଲା, ଯେଉଁଥିରେ ୨୦୨୯ ଲୋକସଭା ନିର୍ବାଚନରେ ମହିଳାମାନଙ୍କ ପାଇଁ ଆସନ ସଂରକ୍ଷଣ ବିଲ୍ ଏବଂ ନିର୍ବାଚନମଣ୍ଡଳୀର ସୀମା ପୁନଃନିର୍ଦ୍ଧାରଣ ବିଲ୍ ଅନ୍ତର୍ଭୁକ୍ତ । ଆସନ ସଂଖ୍ୟା ୫୪୩ ରୁ ସର୍ବାଧିକ ୮୫୦ କୁ ବୃଦ୍ଧି ଏବଂ ସୀମା ନିର୍ଦ୍ଧାରଣର ବ୍ୟବସ୍ଥା ଉପରେ ବିରୋଧୀ ଚିନ୍ତା ପ୍ରକଟ କରିଛନ୍ତି।

ଏହି ବୈଠକରେ ରାହୁଲ ଗାନ୍ଧୀ, ଜୟରାମ ରମେଶ, ସୟଦ ନାସିର ହୁସେନ୍, ପ୍ରମୋଦ ତିୱାରୀ, ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏସପି) ର ସୁପ୍ରିୟା ସୁଲେ, ଶିବସେନା ୟୁବିଟିର ସଞ୍ଜୟ ରାଉତ୍, ତୃଣମୂଳ କଂଗ୍ରେସର ସାଗରିକା ଘୋଷଙ୍କ ସମେତ ଅନ୍ୟମାନେ ଯୋଗ ଦେଇଥିଲେ।

ବୈଠକ ପରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ 'ଏକ୍ସ 'ରେ ଲେଖିଥିଲେ ଯେ, ମହିଳା ସଂରକ୍ଷଣ ନାମରେ ଅଣାଯାଇଥିବା ତ୍ରୁଟିପୂର୍ଣ୍ଣ ସୀମା ନିର୍ଦ୍ଧାରଣ ବିଲ୍ ଦ୍ୱାରା ସଂସଦକୁ ହାଇଜାକ୍ ହେବାକୁ ଦେବେ ନାହିଁ ବିରୋଧୀ ଦଳ। ବିରୋଧୀ ଦଳଗୁଡ଼ିକ ଏକଜୁଟ୍ ହୋଇ ଗଣତନ୍ତ୍ର ଉପରେ ହେଉଥିବା ଏହି ଆକ୍ରମଣର ମୁକାବିଲା କରିବେ ।

ଆରଏସପି ସାଂସଦ ଏନକେ ପ୍ରେମଚନ୍ଦ୍ରନ କହିଛନ୍ତି ଯେ, ବିରୋଧୀ ଦଳ ମହିଳା ସଂରକ୍ଷଣ ବିଲ୍ କୁ ସମ୍ପୂର୍ଣ୍ଣ ସମର୍ଥନ କରୁଛି, କିନ୍ତୁ ସୀମା ନିର୍ଦ୍ଧାରଣ ପ୍ରକ୍ରିୟାକୁ ବିରୋଧ କରୁଛି । ସେ କହିଥିଲେ ଯେ, ୨୦୧୧ ଜନଗଣନା ଆଧାରରେ ପ୍ରସ୍ତାବିତ ସୀମା ନିର୍ଦ୍ଧାରଣ ଏକ ଅସନ୍ତୁଳନ ସୃଷ୍ଟି କରୁଛି। ଉଦାହରଣ ସ୍ୱରୂପ, ଉତର ପ୍ରଦେଶକୁ ପାଖାପାଖି ୧୩୫ଟି ଆସନ ମିଳିବ, ଯେତେବେଳେ କି କେରଳକୁ ମାତ୍ର ୨୨.୫ ଆସନ ମିଳିବ। ଏହି ଅସମାନତା କାରଣରୁ ବିରୋଧୀମାନେ ସରକାରଙ୍କ ଆଭିମୁଖ୍ୟକୁ ବିରୋଧ କରୁଛନ୍ତି।

## ୮୫୨୦ ବୋତଲ ବେଆଇନ କଫ୍ ସିରପ୍ ଜବତ

ଭୁବନେଶ୍ୱର ୧୬।୪(ମହାଭାରତ):: ରାଜଧାନୀ ଭୁବନେଶ୍ୱରରେ ବଡ଼ ଧରଣର ଚ଼ାଉରେ ବିପୁଳ ବେଆଇନ କଫ ସିରପ୍ ଜବତ ହୋଇଛି। ସୂଚନାନୁସାରେ, ଡ୍ରଗ୍ସ କଣ୍ଟ୍ରୋଲ୍ ବିଭାଗ ଓ ଏସ୍‌ଟିଏଫ୍‌ର ମିଳିତ ଟିମ୍ ଡି-କ୍ୟାଥେଲନ ନିକଟରେ ଚ଼ାଉ କରିଛି। ଭିଆର୍‌ଏଲ୍ ଲଜିଷ୍ଟିକ୍ ନାମକ ଏକ ପରିବହନ ସଂସ୍ଥାର ଗାଡିରୁ ୭୧ ପେଟି ରେ ୮୫୨୦ ବୋତଲ ରେସକ୍ରୋନ-ଟି କଫ ସିରଫ ଜବତ ହୋଇଛି ଓ ଏସବୁ କୋଡିନ କଫ ସିରପ୍ ଅହମଦାବାଦରୁ ଭୁବନେଶ୍ୱର ଆସୁଥିଲା। ଭୁବନେଶ୍ୱରରୁ ରାଜ୍ୟରୀ ବିଭିନ୍ନସ୍ଥାନ ବିଶେଷତଃ ବାଲେଶ୍ୱରକୁ ଏହାର ବଡ ଭାଗ ଯାଇଥାନ୍ତା।

## ସିବିଏସଇର ଦୁଇ ଟପର୍ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୬।୪(ମହାଭାରତ): ଚ଼ଳିତ ସିବିଏସଇ ୧୦ମ ଶ୍ରେଣୀ ପରୀକ୍ଷାରେ ୫୦୦ରୁ ୫୦୦ ମାର୍କ ରଖି ସଫଳତା ହାସଲ କରିଥିବା ଟିନା ରଥ ଏବଂ ଆଲିଶା ବିଶ୍ୱାଳ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀଙ୍କୁ ଭୁବନେଶ୍ୱରର ଲୋକସେବା ଭବନରେ ଭେଟିଛନ୍ତି। ମୁଖ୍ୟମନ୍ତ୍ରୀ ଉଭୟ ଟପର ଛାତ୍ରୀଙ୍କୁ ଏହି ଉଲ୍ଲେଖନୀୟ ସଫଳତା ପାଇଁ ଅଭିନନ୍ଦନ ଜଣାଇ ସମ୍ବର୍ଦ୍ଧିତ କରି ରୂପା ତାରକସିର ଉପହାର ଓ ଉତ୍ତରୀୟ ପ୍ରଦାନ କରିଥିଲେ। ଭବିଷ୍ୟତରେ ସେମାନେ ଦୁଇ ଜଣ ଆହୁରି ସଫଳତା ପାଇବେ ବୋଲି ମୁଖ୍ୟମନ୍ତ୍ରୀ ଶୁଭେଚ୍ଛା ଜଣାଇ କହିଥିଲେ । ଉଭୟ ଛାତ୍ରୀ ଭବିଷ୍ୟତରେ ଜଣେ ଜଣେ ଡାକ୍ତର ହେବେ ବୋଲି ମୁଖ୍ୟମନ୍ତ୍ରୀଙ୍କୁ କହିଥିଲେ। ଟିନା ଭବିଷ୍ୟତରେ କାର୍ଡିଓଲୋଜିଷ୍ଟ ହେବାର ଲକ୍ଷ୍ୟ ରଖିଥିବା ବେଳେ, ଆଲିଶା ନ୍ୟୁରୋଲୋଜିଷ୍ଟ ହେବାର ଲକ୍ଷ୍ୟ ରଖିଛନ୍ତି। ମୁଖ୍ୟମନ୍ତ୍ରୀ ଉଭୟ ଛାତ୍ରୀଙ୍କୁ



ନିଷ୍ଠା ଓ ପରିଶ୍ରମ ଜାରି ରଖି, ନିଜର ଲକ୍ଷ୍ୟରେ ନିଶ୍ଚୟ ସଫଳ ହେବ ବୋଲି କହିଥିଲେ । ଏହି ସଫଳତା ରାଜ୍ୟର ଅନ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରେରଣା ସୃଷ୍ଟି କରିବ ବୋଲି ମୁଖ୍ୟମନ୍ତ୍ରୀ ମତ ପ୍ରକାଶ କରିଥିଲେ। ସୂଚ଼ନାଯୋଗ୍ୟ ଯେ, ଟିନା ରଥ ପୁରୀର Mother's Public Schoolରେ ଅଧ୍ୟୟନ କରୁଥିବା ବେଳେ, ଆଲିଶା ବିଶ୍ୱାଳ ଭୁବନେଶ୍ୱରର କେନ୍ଦ୍ରୀୟ ବିଦ୍ୟାଳୟ-୧ ରେ ଅଧ୍ୟୟନ କରି, ୫୦୦ରୁ ୫୦୦ ମାର୍କ ରଖି ରାଜ୍ୟକୁ ଗର୍ବିତ କରିବା ସହ ଦୁହେଁ ଓଡ଼ିଶାର ଉଭୟର ଟପର୍ ଭାବେ ପରିଚ଼ିତ ହୋଇଛନ୍ତି।

ପୁରୀର ଟିନା ରଥଙ୍କ ପିତା ସମୀର କୁମାର ରଥ ଓ ମାତା ରେଣୁ ପ୍ରଭା ଦାସ। ସେହିପରି, ଭୁବନେଶ୍ୱର ୟୁନିଟ୍-୯ ରେ ବାସ କରୁଥିବା ଆଲିଶା ବିଶ୍ୱାଳଙ୍କ ପିତା ହେଉଛନ୍ତି ସୁଦର୍ଶନ ବିଶ୍ୱାଳ ଓ ମାତା ସୌଦାମିନୀ ମଲ୍ଲିକ୍।

## ଶାନ୍ତି ଚୁକ୍ତି ପ୍ରତ୍ୟାଖ୍ୟାନ ହେଲେ ପୁଣି ଯୁଦ୍ଧ

ୱାସିଂଟନ, ୧୬।୪(ମହାଭାରତ): : ଆମେରିକା ଇରାନକୁ ଆଜି ଧମକ ଦେଇ କହିଛି ଯେ ଯଦି ଶାନ୍ତି ଚୁକ୍ତି ପ୍ରତ୍ୟାଖ୍ୟାନ ହୁଏ, ତେବେ ଆମେ ପୁନର୍ବାର ଯୁଦ୍ଧ ଆରମ୍ଭ କରିବୁ। ଆମେରିକାର ପ୍ରତିରକ୍ଷା ସଚ଼ିବ ପିଟ୍ ହେଗସେଥ୍ ଇରାନକୁ ଏକ ବାର୍ତ୍ତାରେ କହିଛନ୍ତି, ଆମେ ଆପଣଙ୍କ ଉପରେ ନଜର ରଖିଛୁ। ଆମେରିକା ଯେତେଦିନ ଆବଶ୍ୟକ ହେବ ଇରାନର ବନ୍ଦର ଓ ହର୍ମୁଜକୁ ଅବରୋଧ କରିବ। ଯଦି ତେହେରାନ ଚୁକ୍ତି ନକରେ ତେବେ ପୁନର୍ବାର ଭୀଷଣ ଆକ୍ରମଣ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ପେଣ୍ଟାଗନ ସାମ୍ବାଦିକ ସମ୍ମିଳନୀରେ ହେଗସେଥ୍ କହିଛନ୍ତି, ଯଦି ଇରାନ୍ ଭୁଲ୍ ନିଷ୍ପତ୍ତି ନିଏ, ତେବେ ଏହା ଅବରୋଧର ସମ୍ମୁଖୀନ ହେବ ଏବଂ ଏହାର ଭିତ୍ତିଭୂମି, ବିଦ୍ୟୁତ୍ ଏବଂ ଶକ୍ତି କ୍ଷେତ୍ର ଉପରେ ବୋମା ବର୍ଷା କରାଯିବ।

ଆମେରିକାର ଶୀର୍ଷ ସାମରିକ ଅଧିକାରୀ ଜେନେରାଲ୍ ଡାନ୍ କେନ୍ କହିଛନ୍ତି ଯେ ଇରାନର ବନ୍ଦରରେ ପ୍ରବେଶ କରୁଥିବା କିମ୍ବା ବାହାରକୁ ଯାଉଥିବା ସମସ୍ତ ଜାହାଜ ଉପରେ ଏହି ଅବରୋଧ ଲାଗୁ ହେବ। ଆମେରିକାର ଅବରୋଧ ଯୋଗୁଁ ବର୍ତ୍ତମାନ ସୁଦ୍ଧା ୧୩ଟି ଜାହାଜ ହର୍ମୁଜରୁ ସେମାନଙ୍କୁ ମୂଳ ସ୍ଥାନକୁ ଫେରିବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି କେନ୍ କହିଛନ୍ତି।

ଏହି ସମୟରେ, ହେଗସେଥ୍ କହିଛନ୍ତି ଯେ ଇରାନ ଉପରେ ପାଞ୍ଚ ସପ୍ତାହରୁ ଅଧିକ ସମୟ ଧରି ଆମେରିକା-ଇସ୍ରାଏଲର ଆକ୍ରମଣ ସମୟରେ ଇରାନ ସେନାର ମେରୁଦଣ୍ଡ ଭାଙ୍ଗିଯାଇଛି। ଇରାନର ନେତାମାନଙ୍କୁ ସିଧାସଳଖ ସମ୍ବୋଧିତ କରି ସେ କହିଛନ୍ତି, ଆମେ ଆପଣମାନଙ୍କ ପ୍ରତ୍ୟେକ ପଦକ୍ଷେପ ଉପରେ ନଜର ରଖିଛୁ ଏବଂ ଆମ ସର୍ତ୍ତ ଗ୍ରହଣ ନକଲେ ଭୟାନକ ପରିଣାମ ଭୋଗିବା ନିଶ୍ଚିତ। ଆପଣଙ୍କର କୌଣସି ପ୍ରତିରକ୍ଷା ଶିଳ୍ପ ନାହିଁ ଏବଂ ଆପଣଙ୍କର ଆକ୍ରମଣାତ୍ମକ କିମ୍ବା ପ୍ରତିରକ୍ଷା କ୍ଷମତା ପୂରଣ କରିବାର କୌଣସି କ୍ଷମତା ନାହିଁ ବୋଲି ହେଗସେଥ୍ କହିଛନ୍ତି।

## ସବୁ ସାଂସଦଙ୍କୁ ଚିଠି ଲେଖିଲେ ନବୀନ

ଭୁବନେଶ୍ୱର, ୧୬।୪(ମହାଭାରତ): ରାଜ୍ୟର ସବୁ ସାଂସଦଙ୍କୁ ବିଜେଡି ସଭାପତି ନବୀନ ପଟ୍ଟନାୟକ ୧୩୧ତମ ସମ୍ବିଧାନ ସଂଶୋଧନ ପ୍ରସଙ୍ଗରେ ଚିଠି ଲେଖିଛନ୍ତି। ଚିଠିରେ ରାଜନୈତିକ ପ୍ରତିନିଧିତ୍ୱ ଓ ଅର୍ଥନୈତିକ ସ୍ୱାର୍ଥ କଥା ଉଠାଇ ନବୀନ ଲେଖିଛନ୍ତି ଓଡ଼ିଶାର ଦୀର୍ଘମିଆଦି ସ୍ୱାର୍ଥ, ସମାନୁପାତିକ ପ୍ରତିନିଧିତ୍ୱ, ଗୌରବ ଅକ୍ଷୁଣ୍ଣ ଜରୁରୀ। ଡିଲିମିଟେସନରେ ପ୍ରତିନିଧିତ୍ୱ ହାର କମିବା ଜାତୀୟସ୍ତରରେ କ୍ଷତି ପହଂଚାଇବ।-ପ୍ରସ୍ତାବିତ ସମ୍ବିଧାନ ସଂଶୋଧନରେ ଓଡ଼ିଶାର ପ୍ରତିନିଧିତ୍ୱ ୩.୯ରୁ ୩.୪%କୁ କମିବ। ୬ଟି କ୍ଷତି ସହିବାକୁ ଥିବା ରାଜ୍ୟ ଭିତରେ ଆମକୁ ପଏଂଟ ୫ କ୍ଷତି ସହିବାକୁ ହେବ। ଓଡ଼ିଶା ଲୋକେ ଆପଣଙ୍କୁ



ସଂସଦକୁ ପଠାଇଛନ୍ତି, ଏହା କରିବାକୁ ଦିଅନ୍ତୁ ନି। ରାଜ୍ୟର ଅର୍ଥନୈତିକ ଓ ରାଜନୈତିକ ସ୍ୱାର୍ଥକୁ ସୁରକ୍ଷା ଦିଅନ୍ତୁ। ଜନସଂଖ୍ୟା ନିୟନ୍ତ୍ରଣ ଓ ମାନବ ସମ୍ବଳର ବିକାଶ ସତ୍ତ୍ୱେ ଓଡ଼ିଶାକୁ ଦଣ୍ଡିତ କରାନଯାଉ।କେନ୍ଦ୍ରୀୟ ରାଜସ୍ୱକୁ ବଡ଼ ଅବଦାନ ସତ୍ତ୍ୱେ ସ୍ୱତନ୍ତ୍ର ରାଜ୍ୟପାହ୍ୟା ଦାବି ପୂରଣ ହୋଇନି। ଯଦି ଓଡ଼ିଶାର ପ୍ରତିନିଧିତ୍ୱ କମୁନି ତାହେଲେ ସଂଶୋଧନକୁ ସମର୍ଥନ ଉଚିତ। କେନ୍ଦ୍ରରେ ଓଡ଼ିଶା ଅଧିକାର ପାଇଁ ସଂସଦ ଭିତରେ ଓ ବାହାରେ ସ୍ୱର ଉଠାଇବାକୁ ନବୀନ ସମସ୍ତ ସାଂସଦଙ୍କୁ ଆହ୍ୱାନ ଦେଇଛନ୍ତି।

ସୀମା ପୁନଃ ନିର୍ଦ୍ଧାରଣ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ନବୀନଙ୍କ ଚିଠି ପ୍ରସଙ୍ଗରେ ବର୍ଷିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଆଇନ ମନ୍ତ୍ରୀ କହିଛନ୍ତି, ସୀମା ପୁନଃ ନିର୍ଦ୍ଧାରଣ ନେଇ ଦ୍ୱନ୍ଦ୍ୱ ତିଆରି କରିବାର ପରିକଳ୍ପନା ନବୀନଙ୍କ ଭଳି ବରିଷ୍ଠ ନେତାଙ୍କୁ ଶୋଭା ଦେଉନି। ପରୋକ୍ଷ ଭାବେ ଏହାକୁ ବିରୋଧ କରିବା, ଅଟକାଇବା ମାନସିକତା ନବୀନ ଛାଡ଼ନ୍ତୁ।ସେ ଆହୁରି କହିଛନ୍ତି ଯେ କେନ୍ଦ୍ର ସରକାର ଐତିହାସିକ ନିଷ୍ପତି ନେବାକୁ ଯାଉଛନ୍ତି। କିନ୍ତୁ ଆସନ କେତେ ବଢିବ ସେନେଇ ଦ୍ୱନ୍ଦ୍ୱ କରିବା ଠିକ ନୁହେଁ।

## ୪୦ ଡିଗ୍ରୀ ଉପରେ ୧୪ ସହର

ଭୁବନେଶ୍ୱର ୧୬।୪(ମହାଭାରତ):: ପଶ୍ଚିମ ଓଡିଶାର ସହରଗୁଡିକର ତାପମାତ୍ରା ହୁ ହୁ ହୋଇ ବୃଦ୍ଧି ପାଉଛି। ବୁଧବାର ଦିନ ସମୟରେ ୪୨ ଡିଗ୍ରିରେ ପହଞ୍ଚିଥିବା ଟିଟିଲାଗଡ ତାପମାତ୍ରା ଆଜି ୪୩.୭ ଡିଗ୍ରିରେ ପହଞ୍ଚିଛି। ଅର୍ଥାତ୍ ୨୪ ଘଣ୍ଟା ମଧ୍ୟରେ ସର୍ବୋଚ୍ଚ ତାପମାତ୍ରା ୧.୭ ଡିଗ୍ରି ବଢିଛି। କେବଳ ଟିଟିଲାଗଡ ନୁହେଁ, ଝାରସୁଗୁଡା ତାପମାତ୍ରା ମଧ୍ୟ ଅନୁରୂପ ଭାବେ ବୃଦ୍ଧି ପାଇ ୪୩.୬ ଡିଗ୍ରି ଛୁଇଁଛି। ଏହାବ୍ୟତୀତ ଭବାନୀପାଟଣାରେ ୪୨.୫ ଡିଗ୍ରି ରେକର୍ଡ ହୋଇଥିବା ବେଳେ ବଲାଙ୍ଗୀର, ସମ୍ବଲପୁର ଓ ହୀରାକୁଦରେ ୪୨.୨, ରାଉରକେଲାରେ ୪୧.୬, ସୁନ୍ଦରଗଡରେ ୪୧.୫, ନୂଆପଡାରେ ୪୧, ସୁବର୍ଣ୍ଣପୁରରେ ୪୦.୬, ବରଗଡରେ ୪୦.୪, ବୌଦ୍ଧରେ ୪୦.୩, ମାଲକାନଗିରି ଓ ତାଳଚେରରେ ୪୦ ଡିଗ୍ରି ଲେଖାଏଁ ରହିଥିଲା।ଆଗାମୀ ଦୁଇ ଦିନ ମଧ୍ୟରେ ଦିନର ସର୍ବୋଚ୍ଚ ତାପମାତ୍ରା ୨ରୁ ୩ ଡିଗ୍ରି ପର୍ଯ୍ୟନ୍ତ ବୃଦ୍ଧି ପାଇବ ଏବଂ ପରବର୍ତ୍ତୀ ତିନି ଦିନ ସ୍ଥିର ରହିବ। ଏହାପରେ ପୁଣି ଜିଲ୍ଲାଗୁଡିକର ତାପମାତ୍ରା ୨ରୁ ୩ ଡିଗ୍ରି ବୃଦ୍ଧି ପାଇବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆହୁରି କୁହାଯାଇଛି ଯେ ଉପକୂଳ ଓଡିଶାବାସୀ ଟିକିଏ ନିସ୍ତାର ପାଇବେ। ଆସନ୍ତା ଦୁଇ ଦିନ ମଧ୍ୟରେ ମୟୂରଭଞ୍ଜ, କୋରାପୁଟ, ଗଜପତି, ମାଲକାନଗିରି, ରାୟଗଡା, କନ୍ଧମାଳ ସମେତ ଉପକୂଳ ଓଡିଶାରେ ବିଜୁଳି ଘଡଘଡି ସହ ବଜ୍ରପାତ ହୋଇପାରେ। ଘଣ୍ଟାପ୍ରତି ୪୦ରୁ ୫୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି।

## ରାଜନୈତିକ କାର୍ଯ୍ୟକ୍ରମ କିଛି ନାହିଁ, ଭୁଲ ପ୍ରଚାର କରା ନଯାଉ : ବିଜୟ ମହାପାତ୍ର

ଭୁବନେଶ୍ୱର, ୧୬।୪(ମହାଭାରତ): :ଆସନ୍ତାକାଲି ବିଜୁ ବାବୁଙ୍କ ଶ୍ରାଦ୍ଧ ଦିବସ ପାଳନ କରିବ ଓଡ଼ିଶା ନାଗରିକ ମଂଚ। ଏସମ୍ପର୍କରେ ସୂଚନା ଦେଇ ବରିଷ୍ଠ ନେତା ବିଜୟ ମହାପାତ୍ର କହିଛନ୍ତି ଯେ ଆସନ୍ତାକାଲି ଯେଉଁମାନେ ଏକାଠି ହେବେ ଏକ ଶ୍ରଦ୍ଧାଞ୍ଜଳି ସଭା ପାଇଁ ଏକାଠି ହେବେ । କାଲିର ରାଜନୈତିକ କାର୍ଯ୍ୟକ୍ରମ କିଛି ନାହିଁ । ଭୁଲ ପ୍ରଚାର କରା ନଯାଉ । ସମସ୍ତେ ବିଜୁ ବାବୁଙ୍କ ପାଇଁ ଏକାଠି ହେବେ ଏଥିରେ ରାଜନୈତିକ ବାର୍ତା କିଛି ନାହିଁ । ଯିଏ ଯାହା ଚାହିଁବେ କହି ପାରିବେ, ସେଥିରେ ଆମର କିଛି ଯାଏ ଆସେ ନାହିଁ । ଆସନ୍ତାକାଲି ବିଜୁ ବାବୁଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ ହେଉଛି। ସବୁ ନେତା, ମନ୍ତ୍ରୀ, ବିଧାୟକ, ସାଂସଦ ସମସ୍ତଙ୍କୁ ନିମନ୍ତ୍ରଣ ହୋଇଛି । ସବୁ ଦଳର ସବୁ ବର୍ଗ ଏବଂ ସବୁ ଶ୍ରେଣୀର ଲୋକଙ୍କୁ ଡକା ଯାଇଛି । ନବୀନ ବାବୁଙ୍କୁ ଡକା ଯାଇଛି କି ନାହିଁ ମୁଁ ଜାଣି ନାହିଁ ବୋଲି କହିଛନ୍ତି ବିଜୟ ମହାପାତ୍ର । ସେହିପରି ପୂର୍ବରୁ ୨୬ ନିର୍ଣ୍ଣାୟକ ହେବ ବୋଲି ଦେଇଥିବା ମନ୍ତବ୍ୟ ସମ୍ପର୍କିତ ପ୍ରଶ୍ନରେ ବିଜୟ ମହାପାତ୍ର କହିଛନ୍ତି ଗୋଟିଏ ପରେ ଗୋଟିଏ ହେଉଛି । ଆଗକୁ କଣ ହେବ କିଏ କଣ କହିପାରିବ।

## ସାମୁଦ୍ରିକ ପର୍ଯ୍ୟାବରଣର ସୁରକ୍ଷା ସହିତ ଅର୍ଥନୀତିର ବିକାଶ ପାଇଁ ଏମ୍‌ଓୟୁ

ଭୁବନେଶ୍ୱର, ୧୬।୪(ମହାଭାରତ): ରାଜ୍ୟରେ ଉପକୂଳ ଅର୍ଥନୀତି ତଥା ସାମୁଦ୍ରିକ ପର୍ଯ୍ୟାବରଣରେ ସନ୍ତୁଳନ ରକ୍ଷାକରିବାର ଲକ୍ଷ୍ୟ ନେଇ ରାଜ୍ୟ ସରକାର କାର୍ଯ୍ୟକାରୀ କରିବେ ଏକ ମେରାଇନ୍ ସ୍ପାସିଆଲ୍ ପ୍ଲାନ୍ ବା ଏମ୍‌ଏସ୍‌ପି ଏଥିପାଇଁ ରାଜ୍ୟ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଏବଂ କେନ୍ଦ୍ର ସରକାରଙ୍କ ପୃଥ୍ୱୀ-ବିଜ୍ଞାନ ମନ୍ତ୍ରାଳୟ ମଧ୍ୟରେ ଆଜି ଲୋକସଭା ଭବନରେ ଏକ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି । ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗର ଅତିରିକ୍ତ ଶାସନ ସଚ଼ିବ ପୂଜା ମିଶ୍ର ଓ ନ୍ୟାସନାଲ୍ ସେ□ର ଫର୍ କୋଷ୍ଟାଲ୍ ରିସର୍ଚ୍ଚର ନିର୍ଦ୍ଦେଶକ ଡକ୍ଟର ଆର୍.ଏସ୍. କନ୍ନରା ଏହି ଚୁକ୍ତିରେ ସ୍ୱାକ୍ଷର କରିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ମେରାଇନ୍ ସ୍ପାସିଆଲ୍ ପ୍ଲାନ୍ ବା ଏମ୍‌ଏସପି କାର୍ଯ୍ୟକାରୀ ହେବାଦ୍ୱାରା ରାଜ୍ୟର ନୀଳ ଅର୍ଥନୀତିର ଉନ୍ନତି ହେବା ସହିତ ସାମୁଦ୍ରିକ ପର୍ଯ୍ୟାବରଣର ସୁରକ୍ଷା ମଧ୍ୟ ହୋଇପାରିବ। ସ୍ଥାନୀୟ ଉପକୂଳ ଅର୍ଥନୀତିର ଉନ୍ନତି ସହିତ ସାମୁଦ୍ରିକ ଜୀବଜଗତ ସୁରକ୍ଷିତ ରହିବେ। ସମନ୍ୱିତ ଉପକୂଳ ଓ ସାମୁଦ୍ରିକ ଯୋଜନା କାର୍ଯ୍ୟକାରୀ କରିବାରେ ଏହି ଏମଏସପି ଏକ ନୂଆ ବେଞ୍ଚମାର୍କ ସୃଷ୍ଟି କରିବ ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଛନ୍ତି।ସୂଚ଼ନାଯୋଗ୍ୟ ଯେ, ଭାରତ ସରକାର ଓ ନରୱେ ସରକାରଙ୍କ ମିଳିତ ସହଯୋଗରେ ୨୦୧୯ ମସିହା ଠାରୁ ଦେଶରେ ସଷ୍ଟେନେବଲ୍ ଓସିଆନ୍ ପ୍ଲାନିଂ ଆରମ୍ଭ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଏହା ପୁଡୁଚେରୀ ଓ ଲାକ୍ଷାଦ୍ୱୀପରେ



କାର୍ଯ୍ୟକାରୀ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟରେ ଓଡିଶା ପ୍ରଥମ ରାଜ୍ୟ ଭାବେ ଏହା କାର୍ଯ୍ୟକାରୀ କରୁଛି। ଓଡିଶାର ଉପକୂଳ ଅର୍ଥନୀତି ଏବଂ ସାମୁଦ୍ରିକ ପର୍ଯ୍ୟାବରଣର ସୁରକ୍ଷାକୁ ଦୃଷ୍ଟିରେ ରଖି କେନ୍ଦ୍ର ଓ ରାଜ୍ୟ ସରକାର ଏହି ଯୋଜନାକୁ ଓଡିଶାରେ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି।

ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡିଶାରେ ଉପକୂଳ ଓ ସାମୁଦ୍ରିକ ଅଞ୍ଚଳ ଜୈବବିବିଧତାରେ ପରିପୂର୍ଣ୍ଣ ଏବଂ ଉପକୂଳ ଅଞ୍ଚଳ ପାଇଁ ପ୍ରଚୁର ପ୍ରାକୃତିକ ସମ୍ବଳ ଯୋଗାଇଥାଏ। ସ୍ଥାନୀୟ ଜୀବିକା, ଅର୍ଥନୈତିକ ଅଭିବୃଦ୍ଧି ଓ ସନ୍ତୁଳିତ ପର୍ଯ୍ୟାବରଣ ପାଇଁ ଏହି ସମ୍ବଳ ଗୁଡିକ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ତେବେ ବିକାଶ କାର୍ଯ୍ୟକ୍ରମ, ପରିବେଶ ଉପରେ ଏହାର ପ୍ରଭାବ ଏବଂ ବିଭିନ୍ନ କ୍ଷେତ୍ରର କ୍ରମାଗତ ଚ଼ାହିଦା ବୃଦ୍ଧି ଯୋଗୁ ସାମୁଦ୍ରିକ ଅଞ୍ଚଳ ଗୁଡିକୁ ବୈଜ୍ଞାନିକ ପଦ୍ଧତିରେ ପରିଚ଼ାଳନା କରିବାର ଆବଶ୍ୟକତା ସୃଷ୍ଟି ହୋଇଛି। ଏହି ମେରାଇନ୍ ସ୍ପାସିଆଲ୍ ପ୍ଲାନ୍ ବା ଗଏଚ ଏ କ୍ଷେତ୍ରରେ ଏକ ସମୟ ଉପଯୋଗୀ ପଦକ୍ଷେପ। ଏହା ଆମର ମତ୍ସ୍ୟଚ଼ାଷ, ପର୍ଯ୍ୟଟନ, ବନ୍ଦର, ସାମୁଦ୍ରିକ ଶକ୍ତି ଆଦି ବିଭିନ୍ନ କ୍ଷେତ୍ରର ଆବଶ୍ୟକତା ପୂରଣ କରିବା ସହିତ ମେରାଇନ୍ ଇକୋସିଷ୍ଟମର ସୁରକ୍ଷାରେ ମଧ୍ୟ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗତବର୍ଷ ଅଗଷ୍ଟ ମାସରେ ସାମୁଦ୍ରିକ ପର୍ଯ୍ୟାବରଣର ଓ ସ୍ଥାନୀୟ ଅର୍ଥନୀତିର ଉନ୍ନତି ପାଇଁ ବାୟୋଟେକ୍ନୋଲୋଜିର ବ୍ୟାପକ ପ୍ରୟୋଗ କରିବାକୁ ଓଡ଼ିଶା ମେରାଇନ୍ ବାୟୋଟେକ୍ନୋଲୋଜି ରିସର୍ଚ୍ଚ ଆଣ୍ଡ ଇନୋଭେସନ୍ କରିଡର ଆରମ୍ଭ କରାଯାଇଥିଲା। ଏହା ଆମର ବର୍ତ୍ତମାନର ଗଏଚ କାର୍ଯ୍ୟକ୍ରମକୁ ସୁଦୃଢ଼ କରିବ ବୋଲି ସେ କହିଥିଲେ। ସମୃଦ୍ଧ ଓଡିଶା ୨୦୩୬ ଓ ବିକଶିତ ଭାରତ ୨୦୪୭ର ଲକ୍ଷ୍ୟକୁ ସବୁ ଦୃଷ୍ଟିରୁ ପୂରଣ କରିବା ପାଇଁ ଉପକୂଳ ଅର୍ଥନୀତି ଓ ସାମୁଦ୍ରିକ ପର୍ଯ୍ୟାବରଣର ସୁରକ୍ଷା ଏକ ଜରୁରୀ ଆବଶ୍ୟକତା। ତେଣୁ, ଏ କ୍ଷେତ୍ରରେ ନରୱେ ସରକାର ସହଯୋଗ ଯୋଗାଇ ଦେଇଥିବାରୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଥିଲେ।ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ପ୍ରତ୍ୟେକ କ୍ଷେତ୍ରରେ ଓଡିଶାକୁ ଦୃଢ଼ ସମର୍ଥନ ଦେଇଆସିଛନ୍ତି। ଓଡିଶାର ବିକାଶ ପ୍ରତି ତାଙ୍କର ଫୋକସ ଯୋଗୁ ସଷ୍ଟେନେବଲ୍ ଓସିଆନ୍ ପ୍ଲାନିଂର ଦ୍ୱିତୀୟ ପର୍ଯ୍ୟାୟରେ ଓଡିଶା ପ୍ରଥମ ରାଜ୍ୟ ଭାବେ ଏହାକୁ କାର୍ଯ୍ୟକାରୀ କରିବାର ସୁଯୋଗ ପାଇଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ପୃଥ୍ୱୀ-ବିଜ୍ଞାନ ମନ୍ତ୍ରାଳୟକୁ ଧନ୍ୟବାଦ ଜଣାଇଥିଲେ।

## ଚିକେନ ମଲାଇ ଟିକା

ଆବଶ୍ୟକ ସାମଗ୍ରୀ: ବୋନ୍ଲେସ୍ ଚିକେନ୍, ଅଦା, ରସୁଣ, ଲଙ୍କା ପେଷ୍ଟ, ଲେମ୍ବୁ ରସ, କାଜୁ ପେଷ୍ଟ, ମଲାଇ, ଦହି, ଗରମ ମସଲା, ଗୋଲମରିଚ ଗୁଣ୍ଡ, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ, ଚାଟ୍ ମସଲା, ମହୁ, ଲୁଣ ଓ ତେଲ ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଚିକେନ୍କୁ ଭଲ ଭାବେ ଧୋଇ ଏକ ପାତ୍ରରେ ରଖନ୍ତୁ। ସେଥିରେ ଅଦା, ରସୁଣ, ଲଙ୍କା ପେଷ୍ଟ ଓ ଲେମ୍ବୁ ରସକୁ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ପରେ ତାକୁ କିଛି ସମୟ ମ୍ୟାରିନେଟ୍ ପାଇଁ ଛାଡି ଦିଅନ୍ତୁ। ତା'ପରେ ଅନ୍ୟ ଏକ ପାତ୍ରରେ କାଜୁ ପେଷ୍ଟ, ମଲାଇ ଓ ଦହିକୁ ମିଶାନ୍ତୁ। ମ୍ୟାରିନେଟ୍ ହୋଇ ରହିଥିବା ଚିକେନ୍କୁ ସେଥିରେ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହାପରେ ସେଥିରେ ଗରମ ମସଲା, ଗୋଲମରିଚ ଗୁଣ୍ଡ, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ, ଚାଟ୍ ମସଲା ପକାଇ ଗୋଳାଇ ଦିଅନ୍ତୁ।

ତା'ପରେ ସେଥିରେ ମହୁ, ଏବଂ ସ୍ୱାଦ ଅନୁସାରେ ଲୁଣ ପକାଇ ଗୋଳାନ୍ତୁ। ପୁଣି ଥରେ ମ୍ୟାରିନେଟ୍ କରିବା ଲାଗି ଅଧଘଣ୍ଟା ଯାଏ ଛାଡ଼ି ଦିଅନ୍ତୁ। ତା'ପରେ ଚିକେନ୍କୁ କାଠି ଭିତରେ ପୁରାଇ ରଖନ୍ତୁ। ପରେ କରେଇକୁ ଗରମ କରନ୍ତୁ। ସେଥିରେ ବଟର ପକାଇ କାଠି ଚିକେନକୁ ତା' ଉପରେ ରଖି ଦିଅନ୍ତୁ। ତାକୁ କିଛି ସମୟ ପାଇଁ ଢାଙ୍କି ଦିଅନ୍ତୁ। ଏହାର ରଙ୍ଗ ବାଦାମୀ ହୋଇ ଆସିଲେ ତାକୁ ଓଲଟାଇ ଦିଅନ୍ତୁ। ଦୁଇ ପାଖର ରଙ୍ଗ ବାଦାମୀ ହୋଇ ଆସିଲେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ଚିକେନ୍ ଟିକା। ଏହାକୁ ଆପଣ ରୁଟି ଓ ଭାତ ସହ ଖାଇପାରିବେ।



### ଖବର

## ତେଜସ୍ୱୀ ପ୍ରକାଶ- କରଣ କୁନ୍ଦ୍ରା କରିବେ ବିବାହ!





ତେଜସ୍ୱୀ ପ୍ରକାଶ ଏବଂ କରଣ କୁନ୍ଦ୍ରା ଦୀର୍ଘ ଦିନ ଧରି ଉଭୟେ ଡେଟିଂ କରୁଛନ୍ତି । ଯାହାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି । ଏହାରି ମଧ୍ୟରେ କରଣ କୁନ୍ଦ୍ରାଙ୍କ ସହ ଗୁଜବ ବିବାହ ଖବରକୁ ନେଇ ମୁହଁ ଖୋଲିଛନ୍ତି ଅଭିନେତ୍ରୀ ତେଜସ୍ୱୀ । ତେଜସ୍ୱୀ ଏବଂ କରଣ 'ବିଗ୍ ବସ୍ ୧୫'ରୁ ଦୁହେଁ ଡେଟିଂ କରୁଛନ୍ତି । ଦୁହେଁ ଭବିଷ୍ୟତରେ ଗୁପ୍ତ ବିବାହ କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି ।ହେଲେ ଏହି ବିବାହ ଖବରକୁ ଖାରଜ କରିଛନ୍ତି ତେଜସ୍ୱୀ । ଏଥିସହ ବିବାହକୁ ନେଇ ତାଙ୍କର କୌଣସି ପ୍ଲାନ୍ ନାହିଁ ବୋଲି ମଧ୍ୟ ସେ କହିଛନ୍ତି । ତେଜସ୍ୱୀ ଏବଂ କରଣଙ୍କ ସମ୍ପର୍କ ଲୋକଙ୍କ ସାମ୍ନାକୁ ଆସିବା ପରେ ଫ୍ୟାନ୍ସ ସେମାନଙ୍କ ବିବାହକୁ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି । ଏହି ବର୍ଷ ଉଭୟେ ବିବାହ ବନ୍ଧନରେ ଆବଦ୍ଧ ହେବେ ବୋଲି ପ୍ରଶଂସକମାନେ ଆଶା କରୁଛନ୍ତି ।ଏହି ସମୟରେ ତେଜସ୍ୱୀ ଏବଂ କରଣଙ୍କ ଗୁପ୍ତ ବିବାହର ଗୁଜବ ଖବର ଚର୍ଚ୍ଚାରେ ରହିଥିଲା । ତେଜସ୍ୱୀ ଏବେ ଏହି ଗୁଜବ ପ୍ରଚାରକୁ ସମ୍ପୂର୍ଣ୍ଣ ଭାବରେ ଖଣ୍ଡନ କରିଛନ୍ତି ଏବଂ ବିବାହକୁ ନେଇ ଥିବା ପ୍ଲାନ୍ ସମ୍ପର୍କରେ ଫ୍ୟାନ୍ସଙ୍କ ସହ ସେୟାର କରିଛନ୍ତି । ଅଭିନେତ୍ରୀଙ୍କ ଏହି ପ୍ରତିକ୍ରିୟା ପରେ ଗୁଜବ ଖବର ପ୍ରଚାର ଉପରେ ସ୍ପଷ୍ଟୀକରଣ ମିଳିଛି । କରଣ ଏବଂ ତେଜସ୍ୱୀଙ୍କୁ ଅନେକ ପ୍ରୋଜେକ୍ଟରେ ଏକାଠି କାମ କରିଥିବାର ଦେଖିବାକୁ ମିଳିଛି । ସେ ଦୁହେଁ ଟେଲିଭିଜନ ଇଣ୍ଡଷ୍ଟ୍ରିର ଆଇଟି ଦମ୍ପତି ପାଲଟିଛନ୍ତି ୟ କରଣ ତାଙ୍କ ଆଗାମୀ ଫିଲ୍ମ ସାଇକୋ ସୈୟାନର ପ୍ରମୋସନ୍ ପାଇଁ ତେଜସ୍ୱୀଙ୍କ ଫଟୋକୁ ନିଜ ଛାତିରେ ଟାଟୁ କରାଇଥିବା ଦେଖିବାକୁ ମିଳିଥିଲା ।

## ବିଷାକ୍ତ ଫୁଲକୁ ଜାଣିପାରେ ପ୍ରଜାପତି



ରଙ୍ଗବେରଙ୍ଗର ପ୍ରଜାପତି ମଧ୍ୟ ବିଷ ତତ୍ତ୍ୱକୁ ସହଜରେ ଚିହ୍ନଟ କରିପାରେ। ଫୁଲରୁ ଫୁଲକୁ ଉଡ଼ି ବସୁଥିବା ଏଇ ପ୍ରଜାପତିର ୬ଟି ଗୋଡ଼ ଥାଏ। ମନୁଷ୍ୟ ଓ ଅନ୍ୟାନ୍ୟ ପ୍ରାଣୀ ଜିଭରେ ସ୍ୱାଦ ଚାଖୁଥିବାବେଳେ ପ୍ରଜାପତି କୀଟଟି ଗୋଡ଼ରେ ସ୍ୱାଦକୁ ଜାଣିପାରେ। ଶୁଣିବାକୁ ବିଚିତ୍ର ଲାଗୁଥିଲେ ମଧ୍ୟ ବିଶେଷଜ୍ଞ ଦଳ ହିଁ ଏହାର ସତ୍ୟତା ପ୍ରମାଣ କରିଛନ୍ତି। ଗୋଡ଼ରେ ଥିବା ସ୍ୱାଦ ସେନ୍ସର୍ ସେମାନଙ୍କର କାମ କରିବା ସହ ବିଷାକ୍ତ ଫୁଲର ପାଖରେ ଉଡ଼ିଲେ ମଧ୍ୟ ଫୁଲର ତତ୍ତ୍ୱ ପ୍ରଜାପତିଟି ସହଜରେ ଜାଣିପାରେ। ଏକ ଅନୁଧ୍ୟାନରୁ ଜଣାପଡ଼ିଛି, ବିଶ୍ୱରେ ପ୍ରାୟ ୧ଲକ୍ଷ ୬୫ହଜାର ପ୍ରଜାତିର ପ୍ରଜାପତି ଦେଖାଯାନ୍ତି। କେତୋଟି ପ୍ରମୁଖ ସ୍ଥାନ ଅଛି, ଯେଉଁଠାରେ ଦିନରାତି ସଂଖ୍ୟାଧିକ ପ୍ରଜାପତି ଉଡ଼ିବୁଲୁଥାନ୍ତି।

■ ଦକ୍ଷିଣ ଆମେରିକାର ଏକ ଦେଶ ହେଉଛି କଲମ୍ବିଆ। ସେଠାରେ ଥିବା ଭିକ୍ଟୋରିଆ ବଟରଫ୍ଲାଏ ଗାର୍ଡେନରେ ୭୫ରୁ ଅଧିକ ପ୍ରଜାତିର ପ୍ରଜାପତି ଦେଖାଯାଉଥିବାବେଳେ ପର୍ଯ୍ୟଟକ ମଧ୍ୟ ନିୟମିତ ଆସିଥାନ୍ତି।

■ ଓଣ୍ଟାରିଓର ନାଏଗ୍ରା ଫଲ୍ସ ନିକଟରେ ଥିବା ବଟରଫ୍ଲାଏ ଗାର୍ଡେନରେ ୪୫ ପ୍ରଜାତିର ୨ହଜାର ପ୍ରଜାପତି ଅଛନ୍ତି। ଏକ କାଚ ଘରେ ପ୍ରଜାପତିମାନଙ୍କୁ ରଖାଯାଇଥିବାବେଳେ ପର୍ଯ୍ୟଟକ କାଚ ଝରକାରେ ଦେଖିବାର ବନ୍ଦୋବସ୍ତ ରହିଛି।

## ଏହିସବୁ ଉପାୟରେ ଦୂର କରନ୍ତୁ ଅଶୁଭ ଗ୍ରହର ପ୍ରଭାବ



ଅକୌଣସି ବ୍ୟକ୍ତିଙ୍କ କୁଣ୍ଡଳୀ ତା'ର ଜୀବନ ବିଷୟରେ ଅନେକ କିଛି ତଥ୍ୟ ଦେଇଥାଏ । ଅଶୁଭ ଗ୍ରହ ଯୋଗୁଁ ଅନେକଙ୍କ ଜୀବନରେ ଖରାପ ପ୍ରଭାବ ପଡିଥାଏ । ଯଦି ଆପରଙ୍କ ଉପରେ ଗ୍ରହର ଅଶୁଭ ପ୍ରଭାବ ପଡିଥାଏ ତେବେ ଜୀବନରେ ସବୁ କାମ ଅଶୁଭ ହୋଇଥାଏ । ଏମିତି କିଛି ଉପାୟ ରହିଛି,ଯାହା ସାହଯ୍ୟରେର ଆପଣ ନିଜ କୁଣ୍ଡଳୀରେ ଥିବା ଅଶୁଭ ଗ୍ରହଙ୍କ ଖରାପ ପ୍ରଭାବକୁ ଦୂର କରିପାରିବେ। ଆପଣଙ୍କ କୁଣ୍ଡଳୀରେ ଚନ୍ଦ୍ରମା ଦୁର୍ବଳ ହେଲେ ମାନସିକ ଚିନ୍ତା ଏବଂ ହୃଦ ସମ୍ବନ୍ଧୀୟ ରୋଗ ଦେଖାଦିଏ । ଚନ୍ଦ୍ରମାର ଅଶୁଭ ପ୍ରଭାବ ଯୋଗୁଁ ବ୍ୟକ୍ତି ମାନସିକ ରୂପେ ବହୁତ ଦୁର୍ବଳ ହୋଇପଡେ। ଚନ୍ଦ୍ରମାଙ୍କ ଅଶୁଭ ପ୍ରଭାବକୁ ଦୂର କରିବା ପାଇଁ ପ୍ରତି ସୋମବାର ଶିବଙ୍କ ଜଳାଭିଷେକ କରନ୍ତୁ ଏବଂ ଓଁ ଶ୍ରୀ ଶ୍ରୀ ସଃ ଚନ୍ଦ୍ରମସେ ନମଃ ମନ୍ତ୍ର ଜାପ କରନ୍ତୁ ।

ଯଦି ଆପଣଙ୍କ ଭାଗ୍ୟରେ ମଙ୍ଗଳ ଦୋଷ ରହିଥାଏ ତେବେ ବ୍ୟକ୍ତି ମାନସିକ ରରୂପେ ବହୁତ ଚିନ୍ତାରେ ରୁହେ । ଏଥିରୁ ନିଜକୁ ରକ୍ଷା କରିବା ଆପଣ ହନୁମାନଙ୍କ ଉପାସନା କରିବା ସହ ସୁନ୍ଦରକାଣର୍ଡ ପାଠ କରନ୍ତୁ। ଆପଣଙ୍କ କୁଣ୍ଡଳୀରେ ସୂର୍ଯ୍ୟ ଦୁର୍ବଳ ହେଲେ ମାନ ସମ୍ମାନ ହାନି ହୋଇଥାଏ । ଏପରି ସ୍ଥିତିରେ ରକ୍ଷା ପାଇବାକୁ ହେଲେ ପ୍ରତିଦିନ ସୂର୍ଯ୍ୟଙ୍କୁ ଜଳ ଅର୍ପଣ କରନ୍ତୁ । ଏବଂ ଓଁ ସୂର୍ଯ୍ୟାୟଃ ନମଃ ଜପ କରନ୍ତୁ ।

କୁଣ୍ଡଳୀର ଶୁକ୍ରଙ୍କ ଖରରାପ ପ୍ରଭାବ ପଡିଲେ ବୈବାହିକ ଜୀବନରେ ଜଟିଳତା ଦେଖାଦିଏ । ଏଥିପାଇଁ ଶୁକ୍ରବାର ଦିନ ଚାଉଳ ଦାନ କରିବା ସହ ମା ଲକ୍ଷ୍ମୀଙ୍କ ପୂଜା କରନ୍ତୁ ।

କୁଣ୍ଡଳୀରେ ଶନିଙ୍କ ଖରାପ ପ୍ରଭାବ ପଡିଲେ ସମସ୍ତ କାର୍ଯ୍ୟ ଠପ୍ ହୋଇଯାଏ । କୌଣସି କାମରେ ସଫଳତା ମିଳିନଥାଏ । ଏଥିପାଇଁ ଆପଣ ଶନିବାର ଦିନ ଅଶ୍ୱତ୍ଥ ଗଛରେ ଜଳ ଅର୍ପଣ କରିବା ସହ ଗଛ ତଳେ ସୋରିଷ ତେଲରେ ଦୀପ ଜଳାନ୍ତୁ । ସମସ୍ୟାରୁ ମୁକ୍ତି ମିଳିବ ।

## ଖାଲି ପାଦରେ ମନ୍ଦିରରେ ପ୍ରବେଶ କରିବା କାହିଁକି ଗୁରୁତ୍ୱପୂର୍ଣ୍ଣ



ହିନ୍ଦୁ ଧର୍ମରେ ରହିଛି ଅନେକ ପରମ୍ପରା ଏବଂ ପ୍ରଥା । ବୈଦିକ ଯୁଗରୁ ଆରମ୍ଭ ହୋଇଥିବା ଅନେକ ପ୍ରଥା ଆଜି ମଧ୍ୟ ଭାରତରେ ପ୍ରଚଳିତ ହେଉଛି । ଯେମିତିକି ମନ୍ଦିରରେ ଖାଲି ପାଦରେ ପ୍ରବେଶ କରିବା ଏକ ହିନ୍ଦୁ ପ୍ରଥା । ତଥାପି, ଜାପାନୀମାନଙ୍କ ସମେତ ଅନ୍ୟ ଧର୍ମର ଲୋକମାନେ ମଧ୍ୟ କୌଣସି ପବିତ୍ର ସ୍ଥାନରେ ପ୍ରବେଶ କରିବା ପୂର୍ବରୁ ସେମାନଙ୍କର ଜୋତା କିମ୍ବା ଚପଲ କାଢ଼ି ଦିଅନ୍ତି । ଏହାର କାରଣ ହେଉଛି ମନ୍ଦିରଗୁଡ଼ିକ ପବିତ୍ର ସ୍ଥାନ ବୋଲି କୁହାଯାଏ । ତେଣୁ ଭକ୍ତମାନେ ସେମାନଙ୍କର ପବିତ୍ରତା ବଜାୟ ରଖିବା ଉଚିତ ।ଏହା ବିଶ୍ୱାସ କରାଯାଏ ଯେ ଜୋତା ବିନା ମନ୍ଦିରରେ ପ୍ରବେଶ କରିବା ଦ୍ୱାରା ଆପଣ ଭଗବାନଙ୍କ ସହିତ ସହଜରେ ସଂଯୋଗ ସ୍ଥାପନ କରିପାରିବେ । ଏହା ମଧ୍ୟ ଦେବତାଙ୍କଠାରୁ ଆଶୀର୍ବାଦ ପାଇବାର ଏକ ଉପାୟ । ପୌରାଣିକ କଥା ଅନୁଯାୟୀ, ଚମଡ଼ା ଜୋତା ପିନ୍ଧି ମନ୍ଦିରରେ ପ୍ରବେଶ କରିବା ଦେବତାମାନଙ୍କୁ ଅସମ୍ମାନ କରିବା ସହିତ ସମାନ ।ତେଣୁ, ଏହାକୁ ସର୍ବଦା ଏଡାଇବା ଉଚିତ । ଏହି କାରଣରୁ ମନ୍ଦିରରେ ପ୍ରବେଶ କରିବା ସମୟରେ ଲୋକମାନଙ୍କୁ ଚମଡ଼ା ବେଲ୍ଟ ଏବଂ ପର୍ସ କାଢ଼ିବାକୁ କୁହାଯାଏ ।ଅଧିକାଂଶ ମନ୍ଦିରର ଚଟାଣରେ ହଳଦୀ, ଚନ୍ଦନ ଏବଂ ସିନ୍ଦୁରର ଲେପ ଦିଆଯାଇଥାଏ । ଆୟୁର୍ବେଦ ଅନୁସାରେ, ଏଗୁଡ଼ିକ ସ୍ୱାସ୍ଥ୍ୟ ବର୍ଦ୍ଧକ ଗୁଣର ଉତ୍ସ । ଯେତେବେଳେ ଆପଣ ମନ୍ଦିର ଚଟାଣରେ ଜୋତା ବିନା ପ୍ରବେଶ କରନ୍ତି, ସେତେବେଳେ ଆପଣ ଏହି ଉପାଦାନଗୁଡ଼ିକର ଲାଭ ପାଇପାରିବେ । ବିଶ୍ୱାସ ଅନୁସାରେ, ମନ୍ଦିର ଏପରି ଏକ ସ୍ଥାନ ଯାହା ମାନସିକ ଶାନ୍ତି ପ୍ରଦାନ କରେ । ତେଣୁ ଯେତେବେଳେ ଆପଣ ମନ୍ଦିରରେ ଖାଲି ପାଦରେ ପ୍ରବେଶ କରନ୍ତି, ସେତେବେଳେ ଆପଣଙ୍କ ପାଦ ଦେଇ ସକାରାତ୍ମକ ଶକ୍ତି ଆପଣଙ୍କ ଶରୀରରେ ପ୍ରବେଶ କରେ ।ଏହା ଆପଣଙ୍କ ମନକୁ ଶାନ୍ତ ରଖିବାରେ ସାହାଯ୍ୟ କରେ । ଖାଲି ପାଦରେ ମନ୍ଦିରରେ ପ୍ରବେଶ କରିବାର କିଛି ମହ□ ହେଉଛି ଯେ ଏହା ଏକ ଅତ୍ୟନ୍ତ ପ୍ରାସଙ୍ଗିକ ହିନ୍ଦୁ ପରମ୍ପରା । ମନ୍ଦିରକୁ ଏକ ଅତ୍ୟନ୍ତ ପବିତ୍ର ସ୍ଥାନ ଭାବରେ ବିବେଚନା କରାଯାଏ । ସେଠାରେ ପ୍ରବେଶ କରିବା ଭଗବାନଙ୍କ ଘରେ ପ୍ରବେଶ କରିବା ପରି। ଦେବତାମାନଙ୍କ ପ୍ରତି ସମ୍ମାନ ଏବଂ ଶ୍ରଦ୍ଧା ପ୍ରଦର୍ଶନ କରିବା ପାଇଁ ଏହାକୁ ପାଳନ କରାଯିବା ଉଚିତ । ତଥାପି, ଏହା ପରମ ଚେତନା ବା ବ୍ରହ୍ମଙ୍କ ସହିତ ଆପଣଙ୍କର ସମ୍ପର୍କକୁ ମଧ୍ୟ ସୁଦୃଢ଼ କରିପାରିବ ।

## ବିନୟୀ ହେବାର ସୁଫଳ

ଜଣେ ସାଧୁ ଥିଲେ । ତାଙ୍କର ଶେଷ ସମୟ ଉପନୀତ ହେବାରୁ ସେ ନିଜ ଶିଷ୍ୟମାନଙ୍କୁ ପାଖକୁ ଡାକିଲେ । ଶିଷ୍ୟମାନଙ୍କ ଉଦ୍ଦେଶ୍ୟରେ ସାଧୁ କହିଲେ, ମୁଁ ତୁମମାନଙ୍କୁ ଆଜି ଏକ ଗୁଢ଼ ରହସ୍ୟ କହିବି । ଏଥର



ସାଧୁଜଣକ ନିଜ ପାଟି ଆଁ କଲେ ଏବଂ ଶିଷ୍ୟମାନଙ୍କୁ କହିଲେ, ମୋ ପାଟିରେ କେତୋଟି ଦାନ୍ତ ଅଛି, ତୁମେ ମାନେ ଗଣି କରି କୁହ । କିଛି ସମୟ ଗଣିବା ପରେ ସମସ୍ତ ଶିଷ୍ୟ ଏକ ସ୍ୱରରେ କହିଲେ, ଗୁରୁଦେବ ଆପଣଙ୍କର ତ' ଗୋଟିଏ ବୋଲି ଦାନ୍ତ ନାହିଁ । ଗୁରୁ କହିଲେ, ଏଥର ଦେଖ । ମୋ ଜିଭ ଅଛି ନା ନାହିଁ । ଶିଷ୍ୟମାନେ କହିଲେ, ହଁ ଅଛି । ଗୁରୁ ପୁଣି ଥରେ ପଚାରିଲେ, ଏହା କିପରି ହେଲା ? ଜିଭ ତ' ଜନ୍ମରୁ ଥିଲା, ଦାନ୍ତ ପରେ ଉଠିଲା । ତା'ହେଲେ ଦାନ୍ତ କିପରି ଆଗେ ଝଡ଼ିଗଲା, ମାତ୍ର ଜିଭ ରହିଗଲା ? ଗୁରୁଙ୍କ ପ୍ରଶ୍ନର କୌଣସି ଉତ୍ତର ଶିଷ୍ୟମାନଙ୍କ ପାଖରେ ନଥିଲା । ଶିଷ୍ୟଙ୍କ ଉତ୍କଣ୍ଠା ଶାନ୍ତ କରିବା ଲାଗି ଗୁରୁଦେବ ସେମାନଙ୍କୁ କହିଲେ, ଏହି ଜିଭରେ ମାଧୁର୍ଯ୍ୟ ଥିଲା, ମୃଦୁତା ବି ଥିଲା । ତା'ସହିତ ଏହା କୋମଳ ଥିଲା । ସେଇଥିପାଇଁ ଆଜି ବି ଏହି ଜିଭ ମୋ ପାଖରେ ତିଷ୍ଠି ରହିଛି । ଅନ୍ୟପକ୍ଷରେ ଦାନ୍ତଗୁଡ଼ିକରେ ଆରମ୍ଭରୁ କଠୋରତା ଭରି ରହିଥିଲା । ସେଥିପାଇଁ ପଛରେ ଆସି ମଧ୍ୟ ସେଗୁଡ଼ିକ ଜିଭ ଭଳି ଦୀର୍ଘଜୀବୀ ହୋଇପାରିଲେ ନାହିଁ । ଏଣୁ ତୁମେମାନେ ଯଦି ଦୀର୍ଘଜୀବୀ ହେବାକୁ ଚାହୁଁଛ, ତା'ହେଲେ କଠୋରତା ଛାଡ଼ ଏବଂ ବିନମ୍ରତା ଶିଖ । ଗୁରୁଙ୍କ ବାଣୀ ଶିଷ୍ୟମାନଙ୍କ ହୃଦୟ ଛୁଇଁଗଲା । ଏହି କଥାର ଅର୍ଥ ହେଉଛି, ସମାଜରେ ରହିବାକୁ ହେଲେ ମନୁଷ୍ୟକୁ ବିନମ୍ର ହେବାକୁ ପଡ଼ିବ, ତା'ହେଲେ ଯାଇ ସଂସାରରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ

# ବାବାସାହେବଙ୍କ ଆଦର୍ଶକୁ କାର୍ଯ୍ୟକାରୀ କରିଛି ବିଜେପି

**ଭୁବନେଶ୍ୱର,୧୬।୪ (ମହାଭାରତ):** ଭାରତୀୟ ସମ୍ବିଧାନର ପ୍ରଣେୟତା ଭାରତରତ୍ନ ବାବାସାହେବ ଡା. ଭୀମରାଓ ଆମ୍ବେଦକରଙ୍କ କେବେଳ ଜଣେ ବ୍ୟକ୍ତି ନ ଥିଲେ, ସେ ଥିଲେ ରାଷ୍ଟ୍ରର ବିଚାରଧାରା । ତାଙ୍କର ବିଚାର ହିଁ ଆମ ସମସ୍ତଙ୍କର ଆଧାର ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ କୁହନ୍ତି । ସେହି ଦୂରଦୃଷ୍ଟିକୁ ସଫଳ କରିବା ପାଇଁ "ସବ୍‌କା ସାଥ ସବ୍‌କା ବିକାଶ" ମନ୍ତ୍ରରେ ବିଜେପି ସରକାର ଆଗକୁ ବଢ଼ିଚାଲିଛି । ତାଙ୍କ ସ୍ମୃତି ଆମକୁ ସର୍ବଦା ସାମାଜିକ ନ୍ୟାୟ ପଥରେ ଚାଲିବା ପାଇଁ ପ୍ରେରଣା ଦିଏ । କଂଗ୍ରେସ ସରକାର ସମୟରେ ବାବାସାହେବଙ୍କ ପ୍ରତି ଅନେକ ଅବହେଳା କରାଯାଇଥିଲା । ତାଙ୍କୁ ଭାରତରତ୍ନ ଦେବାରୁ ବଂଚିତ କରାଯାଇଥିଲା । ୧୯୯୦ ମସିହାରେ ଯେତେବେଳେ ଭାରତୀୟ ଜନତପାର୍ଟିର ସମର୍ଥନରେ କେନ୍ଦ୍ରରେ ସରକାର ଥିଲା, ସେତେବେଳେ ବିଜେପିର ପ୍ରସ୍ତାବ କ୍ରମେ ବାବାସାହେବଙ୍କୁ ଭାରତରତ୍ନ ପ୍ରଦାନ କରାଯାଇଥିଲା ବୋଲି ରାଜ୍ୟ କାର୍ଯ୍ୟାଳୟରେ ବାବାସାହେବଙ୍କ ୧୩୬ ତମ ଜନ୍ମଜୟନ୍ତୀ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଛନ୍ତି ।



ଶ୍ରୀ ମାଝୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ମୋଦିଜୀ ବାବାସାହେବଙ୍କ ସହ ଜଡ଼ିତ ୫ଟି ମୁଖ୍ୟସ୍ଥାନକୁ ପଂଚତୀର୍ଥ ଭାବେ ବିକଶିତ କରିଛନ୍ତି । ଏହା ବିଜେପି ପାଇଁ ରାଜନୀତି ନୁହେଁ, ଏହା ହେଉଛି ଦଳର ବାବାସାହେବଙ୍କ ପ୍ରତି ଥିବା ଶ୍ରଦ୍ଧା ଓ ସାମାଜିକ ମୂଲ୍ୟବୋଧର ପ୍ରତୀକ । କେବଳ କେନ୍ଦ୍ରରେ ନୁହେଁ ଓଡ଼ିଶାରେ ମଧ୍ୟ ବାବା ସାହେବଙ୍କ ଆଦର୍ଶରେ ଡବଲଇଞ୍ଜିନ ସରକାର ଗରିବଙ୍କ ସରକାର ଭାବେ କାର୍ଯ୍ୟ କରୁଛି । ଏଠାରେ କରାଯାଇଥିବା ବଜେଟ ଗରିବ, ଦଳିତ ଓ ଆଦିବାସୀମାନଙ୍କ ବିକାଶର ବଜେଟ୍ । ବିଜେପି କେବଳ ଘୋଷଣା କରେ ନାହିଁ ତାହାକୁ ବାସ୍ତବରେ କାର୍ଯ୍ୟକାରୀ ମଧ୍ୟ କରେ । ଓଡ଼ିଶା ଡବଲଇଞ୍ଜିନ ସରକାର ଲୋକଙ୍କ ସରକାରର ମାନ୍ୟତା ପାଇଥିବାବେଳେ ବାବା ସାହେବଙ୍କ ବାର୍ତ୍ତା ଯେପରି ପ୍ରତି ଘରେ ପହଂଚିପାରିବ ସେନେଇ ବିଜେପି ସରକାର ପ୍ରତିଶ୍ରୁତିବଦ୍ଧ । ତାଙ୍କ ପଦାଙ୍କ ଅନୁସରଣ କରି ସାମାଜିକ ସଂହତି ରକ୍ଷା କରି ମଜଭୁତ ଓଡ଼ଶା ଗଢ଼ିବା ଆମ ସମସ୍ତଙ୍କ କର୍ତବ୍ୟ । ଏହାହିଁ ବାବାସାହେବଙ୍କ ପ୍ରତି ବିଜେପିର ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି ଶ୍ରୀ ମାଝୀ କହିବା ସହ ଓଡିଆ ନବବର୍ଷ ଓ ହନୁମାନ ଜୟନ୍ତୀ ପାଳନ ଅବସରରେ ସମସ୍ତଙ୍କୁ ଶୁଭକାମନା ଜଣାଇଥିଲେ ।

ଏହି ଅବସରରେ ରାଜ୍ୟ ସଭାପତି ତଥା ସାଂସଦ ଶ୍ରୀ ମନମୋହନ ସାମଲ କହିଛନ୍ତି ଯେ, ଭାରତରେ ଯେତେବେଳେ ସାମାଜିକ ଅବ୍ୟବସ୍ଥା ବଢ଼ିଯାଇଥିଲା, ସେତେବେଳେ ଲମ୍ବା ସମୟ ଧରି ସଂଘର୍ଷ କରି ନିଜର ଅନୁଭବ ଓ ଅଭିଜ୍ଞତାକୁ ପାଥେୟ କରି ସମ୍ବିଧାନ ପ୍ରଣୟନ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ବାବାସାହେବ । ସ୍ୱାଧୀନ ଭାରତରେ ସମ୍ବିଧାନର ବ୍ୟବସ୍ଥା କରିବା ପାଇଁ ସେ ଦୃଢ଼ ସଂକଳ୍ପ ନେଇଥିଲେ । କଂଗ୍ରେସ ସମ୍ବିଧାନର ଦୂରୁପଯୋଗ ଏବଂ ଅସମ୍ମାନ କରିଥିବାବେଳେ ବିଜେପି ସମ୍ବିଧାନର ମର୍ଯ୍ୟାଦାକୁ ଅତୁଟ ରଖିଛି । କାରଣ ବ୍ୟକ୍ତି ବଡ ନୁହେଁ, ଦେଶ ବଡ଼, ସମ୍ବିଧାନ ବଡ଼ । ଏହାକୁ ବିଜେପି ପ୍ରମାଣିତ ମଧ୍ୟ କରିଛି । ଆମ ଗଣତନ୍ତ୍ର ଓ ସମ୍ବିଧାନ ଆଗାମୀ ଦିନରେ ଅଧିକ ଶକ୍ତିଶାଳୀ କିପରି ହେବ ସେନେଇ ଆମ ସମସଙ୍କୁ ଉଦ୍ୟମ କରିବାକୁ ହେବ । ଏଥିସହ ଭାରତବର୍ଷ ତଥା ଓଡିଶାକୁ ସମୃଦ୍ଧ ଓ ବିକଶିତ କରି ଆମ୍ବେଦକରଜୀଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ରାଜ୍ୟ ସଭାପତି ଶ୍ରୀ ସାମଲ ଆହ୍ୱାନ ଦେବା ସହ ଓଡ଼ିଆ ନବବର୍ଷ, ପଣା ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଉପଲକ୍ଷେ ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ । ସଭାରେ ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ବାଇଧର ମଲ୍ଲିକ ସଭା ସଂଚାଳନ କରିଥିବାବେଳେ ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ବିମ୍ବାଧର କୁଅଁର, ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, ବରିଷ୍ଠ ନେତା ଜଗନ୍ନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ଆପାର୍ଟମେଂଟର ସୁରକ୍ଷା ଢ଼ିଲା କଲେ ହେବ ଆକ୍ସନ

**ଭୁବନେଶ୍ୱର,୧୬।୪ (ମହାଭାରତ):** ସୁରକ୍ଷା ବ୍ୟବସ୍ଥା କୁ ନେଇ ରାଜଧାନୀର ବିଭିନ୍ନ ଆପାର୍ଟମେଂଟରେ ନୋଟିସ ଲଗାଇଛି କମିଶନରେଟ୍ ପୋଲିସ୍ । କମିଶନରେଟ ପୋଲିସ ଆପାର୍ଟମେଂଟ ମାନଙ୍କରେ ଆଇପି ଏନାବଲ କ୍ୟାମେରା ଲଗାଇବାକୁ ବାଧ୍ୟତାମୂଳକ କରିଛି ।ବିଲଡର କିମ୍ବା ଆପାର୍ଟମେଂଟ ମେମ୍ବର ଓ ଆପାର୍ଟମେଂଟ ୱେଲଫେୟାର କମିଟି ମାନଙ୍କୁ ଏଥି ନେଇ କଡ଼ା ନିର୍ଦ୍ଦେଶ ଦିଆଯାଇଛି । ଓଡ଼ିଶା ସହରାଂଚଳ ପୋଲିସ ଅଧି ନିୟମ, ୨୦୦୩ ଆଧାରରେ ରାଜଧାନୀର ବିଭିନ୍ନ ଆପାର୍ଟମେଂଟରେ ଆଇପି ଏନାବଲ କ୍ୟାମେରା ଲଗାଇବାକୁ ପୋଲିସ ନୋଟିସ ମାରିଛି ।ଆପାର୍ଟମେଂଟରେ ଘଟୁଥିବା ଅପରାଧ କୁ ରୋକିବା ପାଇଁ ଏହି ପଦକ୍ଷେପ ନିଆଯାଇଛି । କୌଣସି ଘଟଣା ଘଟିଲେ ସିସିଟିଭି ତଥ୍ୟ ପୋଲିସ କୁ ଦେବା ପାଇଁ ମଧ୍ୟ ନୋଟିସ୍ ରେ ଉଲ୍ଲେଖ କରାଯାଇଛି । ସହରର ପ୍ରମୁଖ ଆପାର୍ଟମେଂଟରେ ଏଭଳି ନୋଟିସ ଲଗାଇଛି କମିଶନରେଟ ପୋଲିସ ।

# ପ୍ରଭୁ ଅନନ୍ତ ସ୍ୱାମୀଙ୍କୁ ଦର୍ଶନ କଲେ ଆଇନ ମନ୍ତ୍ରୀ

**ଭୁବନେଶ୍ୱର,୧୬।୪ (ମହାଭାରତ):** ପବିତ୍ର ବିଷୁବ ସଂକ୍ରାନ୍ତି ଅବସରରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବାଣପୁର ବ୍ଲକ ଅନ୍ତର୍ଗତ ଭୀମପୁର ଗ୍ରାମର ପ୍ରଭୁ ଅନନ୍ତ ସ୍ୱାମୀ ମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ଶ୍ରୀ ଶ୍ରୀ ମହାବୀରଙ୍କ ନୂତନ ଯଜ୍ଞ ମଣ୍ଡପ ଉଦଘାଟନ କରିଛନ୍ତି । ଏକ୍ସରେ ପୋଷ୍ଟ କରି ମନ୍ତ୍ରୀ ଲେଖିଛନ୍ତି ଆଜି ମୋ ନିର୍ବାଚନ ମଣ୍ଡଳୀ ବାଣପୁର ବ୍ଲକ ସ୍ଥିତ ଗାଲୁଆ ଗ୍ରା:ପ ଅନ୍ତର୍ଗତ ଭୀମପୁର ଗ୍ରାମର ପ୍ରଭୁ ଅନନ୍ତ ସ୍ୱାମୀ ମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କଲି । ଏହି ଅବସରରେ ବାଣପୁର ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ,ଚିଲିକା ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ଜ୍ୟୋସ୍ନା ବେହେରା, କାହ୍ନୁଚରଣ ପ୍ରଧାନ, ସୁରେଶ ଚନ୍ଦ୍ର ବାରିକି ପ୍ରମୁଖ ଉପସ୍ଥିତ ଥିଲେ ।

# କଂଗ୍ରେସ ପକ୍ଷରୁ ଆମ୍ବେଦକର ଜୟନ୍ତୀ

**ଭୁବନେଶ୍ୱର,୧୬।୪ (ମହାଭାରତ):** ଆର୍ଥିକ ଓ ସାମାଜିକ ସମାନତା ବିନା ରାଜନୈତିକ ସ୍ୱାଧୀନତା ମୂଲ୍ୟହୀନ । ପ୍ରାୟ ଏକ ଶତାବ୍ଦୀ ପୂର୍ବର ରକ୍ଷଣଶୀଳ ସମାଜରେ ଉଚ୍ଚବର୍ଗର ଶତ୍ରୁ ବିବେଚିତ ହେଉଥିବା ସତ୍ତ୍ୱେ ବାବାସାହେବ ଭୀମରାଓ ଆମ୍ବେଦକର, ସମସ୍ତ ସାମାଜିକ ଅନ୍ଧବିଶ୍ୱାସ ଓ କଟକଣାକୁ ଭୃକ୍ଷେପ ନ କରି, ଜାତି-ଧର୍ମ ନିର୍ବିଶେଷରେ ସମାବେଶୀ ଅଭିବୃଦ୍ଧି ପାଇଁ ଯେଉଁ ଲଢ଼େଇ କରିବାର ସାହସ ଦେଖାଇଥିଲେ, ସେଥିପାଇଁ ଏ ଜାତି କୃତଜ୍ଞ । ବିବିଧତାର ଏହି ବିଶାଳ ଭୂଖଣ୍ଡରେ ସମସ୍ତଙ୍କୁ ସୁହାଇବା ପରି ଏକ ଶ୍ରେଷ୍ଠ ସମ୍ବିଧାନ କୋଟିକୋଟି ଦେଶବାସୀଙ୍କୁ ଭେଟିଦେବା ଏକ ଅନନ୍ୟ ଉପଲବ୍ଧି । ଆମ୍ବେଦକର ନ ଥିଲେ ଏ ଦେଶର ଆତ୍ମା ଠିକ୍ ଭାବେ ଦେଶର ସମ୍ବିଧାନରେ ପ୍ରତିଫଳିତ ହୋଇ ନ ଥା'ନ୍ତା ବୋଲି ମଙ୍ଗଳବାର କଂଗ୍ରେସ ଭବନରେ ପିସିସି ପକ୍ଷରୁ ଆୟୋଜିତ ବାବାସାହେବଙ୍କ ୧୩୬ତମ ଜୟନ୍ତୀରେ ମତପ୍ରକାଶ ପାଇଛି । ଦେଶରେ ଏକ ସମାନତା ଭିତିକ ସମାଜ ଗଠନ ଉଭୟଙ୍କର ଧ୍ୟେୟ ହୋଇଥିବା ବେଳେ ଏ ନେଇ ସମସ୍ତ ଅପପ୍ରଚାରକୁ ଜବାବ ଦିଆଯିବା ଦରକାର ବୋଲି ବାବାସାହେବଙ୍କ ଜୟନ୍ତୀରେ ସଂକଳ୍ପ ନିଆଯାଇଛି ।

ହଳଧର ସେଠୀଙ୍କ ସଂଯୋଜନାରେ ଆୟୋଜିତ ଏହି ରାଜ୍ୟସ୍ତରୀୟ ସମାବେଶରେ ପିସିସି ସଭାପତି ଭକ୍ତ ଚରଣ ଦାସ କହିଥିଲେ, ବାବା ସାହେବଙ୍କର ସମ୍ବିଧାନ ଅଛିବୋଲି ଆମ ଦେଶର ପରିଚୟ ଅଛି । ସମ୍ବିଧାନ ଅଛିବୋଲି ନ୍ୟାୟ ଅଛି । ମହାଭାରତର ରଚୟତା ବେଦବ୍ୟାସ, ରାମାୟଣର ବାଲ୍ମିକୀଙ୍କ ଦାନ ଯେପରି ଠିକ ସେପରି ଯୋଗଜନ୍ମା ବାବା ସାହେବଙ୍କର ସମ୍ବିଧାନ ମନୁଷ୍ୟ ଜାତି ପାଇଁ ।ବର୍ତମାନ ୧୯୪୨ ମସିହା କରବା ମର ସ୍ଥିତି ଆସିଛି । ରାହୁଲ ଗାନ୍ଧୀ ନିଜେ ସମ୍ବିଧାନ ଧରି ସାଧାରଣ ଜନତାଙ୍କୁ ସମ୍ବିଧାନରେ ପ୍ରଦତ ଅଧିକାର ବିଷୟରେ ସଚେତନ କରିବାକୁ ଅପ୍ରାଣ ଉଦ୍ୟମ କରୁଛନ୍ତି । ଯେଉଁଦିନ ଭାରତର ଯୁବ ସମାଜ ନିଜ ସାମ୍ବିଧାନିକ ଅଧିକାର ପ୍ରତି ସଚେତନ ହେବ ତେବେ ଯାଇ ସମସ୍ତେ ଭୟମୁକ୍ତ ହୋଇ ଦେଶରେ ସ୍ୱାଧୀନ ଭାବରେ ବଂଚିପାରିବେ ଏବଂ ବାବା ସାହେବଙ୍କ ନ୍ୟାୟ, ଅଧିକାର, ସମାନତାର ସ୍ୱପ୍ନ ଶାକାର ହେବ ।

ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଲେ ଆମ ଦେଶର ସମ୍ବିଧାନ ପୃଥିବୀର ଏକ ଅନନ୍ୟ କୃତି । ଏହାର ପୁରୋଧା ମହାମନିଷୀ ବାବା ସାହେବ ଆମ୍ବେଦକର ଅନେକ ଦେଶର ସମ୍ବିଧାନ ବିଶ୍ଳେଷଣ କରି ଯାହା ଭାରତୀୟଙ୍କ ପାଇଁ ଉତ୍କୃଷ୍ଟ ତାହା ସମ୍ବିଧାନ ହିସାବରେ ଦେଶର ଜନତାଙ୍କ ନ୍ୟାୟ ପାଇଁ ଦାନ କରିଯାଇଛନ୍ତି ।

ପ୍ରଥମେ ଏଜି ଛକସ୍ଥିତ ଆମ୍ବେଦକରଙ୍କ ପ୍ରତିମୂର୍ତିର ମାଲ୍ୟାର୍ପଣ ପରେ କଂଗ୍ରେସ ଭବନଠାରେ ବାବାସାହେବଙ୍କ ପ୍ରତିମୂର୍ତିର ମାଲ୍ୟାର୍ପଣ କରାଯାଇଥିଲା ।

# ବିଜେଡ଼ି ପକ୍ଷରୁ ଓଡ଼ିଆ ନବବର୍ଷ ଓ ପଣା ସଂକ୍ରାନ୍ତି

**ଭୁବନେଶ୍ୱର,୧୬।୪ (ମହାଭାରତ):** ଡ. ବି.ଆ.ର ଆମ୍ବେଦକରଙ୍କ ୧୩୫ତମ ଜନ୍ମଜୟନ୍ତୀ ଅବସରରେ ଆଜି ଭୁବନେଶ୍ୱର ଏଜି ଛକରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ବିଜୁ ଜନତା ଦଳ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ନେତା ଓ କର୍ମୀମାନେ ଏକତ୍ରିତ ହୋଇ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ । ଭୁବନେଶ୍ୱର ବିଜେଡି ଜିଲ୍ଲା ସଭାପତି ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶଙ୍ଖ ଭବନରେ ଡ. ବି.ଆ. ଆମ୍ବେଦକର ଓ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଡ. ଆମ୍ବେଦକରଙ୍କ ଜୀବନୀ ଓ ଉତ୍ସର୍ଗ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ତାଙ୍କ ଜୀବନୀ, ଆଦର୍ଶ, ସମାଜିକ ନ୍ୟାୟ ଏବଂ ରାଷ୍ଟ୍ର ଗଠନରେ ଅପରିମିତ ଅବଦାନ ଉପରେ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଦଳ ପକ୍ଷରୁ ଓଡ଼ିଆ ନବବର୍ଷ ତଥା ପଣା ସଂକ୍ରାନ୍ତିକୁ ଶଙ୍ଖ ଭବନରେ ଉତ୍ସାହର ସହ ପାଳନ କରାଯାଇଥିଲା । ସଭାକୁ ସମ୍ବୋଧନ କରି ଦଳ ବରିଷ୍ଠ ଉପସଭାପତି ଶ୍ରୀ ଦେବୀ ପ୍ରସାଦ ମିଶ୍ର କହିଥିଲେ ଯେ, ଡ. ବି. ଆ. ଆମ୍ବେଦକର, ଯିଏ ବାବା ସାହେବ ଭାବେ ପରିଚିତ, ଭାରତୀୟ ସମ୍ବିଧାନର ମୁଖ୍ୟ ସ୍ଥପତି, ଏକ ମହାନ ସମାଜ ସୁଧାରକ, ଆଇନଜୀବୀ, ଅର୍ଥନୀତିବିତ୍ ଓ ରାଜନେତା ଥିଲେ । ନିଜ ଜୀବନକୁ ପଛୁଆ ଓ ପୀଡ଼ିତ ବର୍ଗଙ୍କ ଉନ୍ନତି ପାଇଁ ଉତ୍ସର୍ଗ କରିଥିଲେ । ସମାନତା, ନ୍ୟାୟ ଓ ମାନବାଧିକାର ପାଇଁ ସଦା ସଂଘର୍ଷ କରିଥିଲେ । ଅନ୍ୟାନ୍ୟ ବରିଷ୍ଠ ନେତାମାନେ ମଧ୍ୟ ସଭାରେ ଭାଷଣ ଦେଇ ଡ. ଆମ୍ବେଦକରଙ୍କୁ ଏକ ପ୍ରଗତିଶୀଳ ସୁଧାରକ ଓ ଦୂରଦୃଷ୍ଟିସଂପର୍ଣ୍ଣ ନେତା ଭାବେ ସ୍ମରଣ କରିଥିଲେ ଓ ବର୍ତ୍ତମାନ ସମୟରେ ତାଙ୍କ ଆଦର୍ଶକୁ ଅନୁସରଣ କରିବାର ଆବଶ୍ୟକତାକୁ ଉଲ୍ଲେଖ କରିଥିଲେ ।



ଏହି ଅବସରରେ ଶ୍ରୀମତୀ ସୁଲୋଚନା ଦାସ, ଶ୍ରୀ ଚିନ୍ମୟ ସାହୁ, ଇପ୍ସିତା ସାହୁ, ଶ୍ରୀ ଅନନ୍ତ ନାରାୟଣ ଜେନା, ଡ. ଦେବାଶିଷ ମାରାଣ୍ଡି, ଶ୍ରୀ ମହେଶ ସାହୁ, ଶ୍ରୀମତୀ ସୁମିତ୍ରା ଜେନା, ଶ୍ରୀମତୀ ସୁଲତା ଦେଓ, ଶ୍ରୀମତୀ ଲେଖାଶ୍ରୀ ସାମନ୍ତସିଂହାର ଓ ଶ୍ରୀ ମନ୍ମଥ ରାଉତରାୟ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ଗଣମାଧ୍ୟମ ସଂଯୋଜକ ଡ. ପ୍ରିୟବ୍ରତ ମାଝି ଧନ୍ୟବାଦ ଜ୍ଞାପନ କରିଥିଲେ । ବିଧାୟକ ସୁଶାନ୍ତ ରାଉତ, ମାନସୀ ସୁନ୍ଦରାୟ, ଆର୍ସିଆ ବେଗମ୍, ସୋଫିଆ ଆଲାମ, ମନୋଜ ସେନାପତି, ଅରୂପ ଶ୍ରୀଚନ୍ଦନ, ମନୋରଂଜନ ସ୍ୱାଇଁ, ସୋନାଲି ପ୍ରିୟଦର୍ଶିନୀ, ଲଗ୍ନାଦୀପ ମିଶ୍ର, ତବରେଜ୍ ଆଲାମ, ପଦ୍ମଜା ପ୍ରିୟଦର୍ଶିନୀ ଜେନା, ଭରତ ଲେଙ୍କା, ବାସନ୍ତୀ ସିଂ, ଇଲା ସ୍ୱାଇଁ, ପରୱାନ ପରବୀନ୍, ମୋନାଲିସା ଗନ୍ତାୟତ, ପ୍ରୀତିନନ୍ଦା ରାଉତରାୟ, ବନଜା ମହାନ୍ତି, ଜ୍ୟୋସ୍ନାମୟୀ ପରିଡା, ସ୍ୱର୍ଣ୍ଣ ସାମଲ, ସଂଯୁକ୍ତା ମହାନ୍ତି, ସୌମ୍ୟରଂଜନ ତ୍ରିପାଠୀ, ଚିନ୍ମୟ ପଣ୍ଡା, ଅମରଜିତ ଗଜେନ୍ଦ୍ର, ଭାଗୀରଥି ମଲ୍ଲିକ, ନୀଳମାଧବ ମହାନ୍ତି, ଶୁଭ୍ରାଂଶୁ ପାଢୀ, ସଂଜୟ ସେଠୀ, ବିକ୍ରମ ରଣଜିତ ପଟ୍ଟନାୟକ, ଏସ୍କେ ନୱାଜ୍, ସଂଜିତ ମହାନ୍ତି ଓ ଅବତାବ ଆଲାମ ଖାନ୍ ପ୍ରମୁଖ ଉପସ୍ଥିତ ଥିଲେ ।

# ଲୋକ ଭବନରେ ଓଡ଼ିଆ ନବବର୍ଷ, ହିମାଚଳ ପ୍ରଦେଶ ଗଠନ ଦିବସ

**ଭୁବନେଶ୍ୱର,୧୬।୪ (ମହାଭାରତ):** ଭାରତର ବିବିଧତା ହେଉଛି ଏହାର ଶକ୍ତିର ଉତ୍ସ । ଗୋଟିଏ ରାଜ୍ୟରେ ଅନ୍ୟ ରାଜ୍ୟର ପର୍ବ ପାଳନ ଜାତୀୟ ଏକତାକୁ ମଜବୁତ କରେ ଏବଂ ଭାରତର ବିବିଧତାର ପ୍ରକୃତ ସ୍ୱରୂପ ପ୍ରତିଫଳିତ ହୁଏ ବୋଲି ଓଡ଼ିଶାର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି କହିଛନ୍ତି । ମଙ୍ଗଳବାର ଦିନ ଲୋକ ଭବନର ନ୍ୟୁ ଅଭିଷେକ ହଲ୍ ରେ ହିମାଚଳ ପ୍ରଦେଶ ଗଠନ ଦିବସ ଏବଂ ଓଡ଼ିଆ ନବବର୍ଷ (ପଣା ସଂକ୍ରାନ୍ତି) ସହିତ ବିହୁ (ଆସାମ), ବିଶୁ (କେରଳ), ପୁଥଣ୍ଡୁ (ତାମିଲନାଡୁ), ପୋଇଲା ବୈଶାଖ (ପଶ୍ଚିମବଙ୍ଗ) ଏବଂ ବୈଶାଖୀ (ପଞ୍ଜାବ) ପାଳନ ଅବସରରେ ରାଜ୍ୟପାଳ ଏହା କହିଛନ୍ତି । ଏହି ଅବସରରେ ରାଜ୍ୟପାଳ ଉଦବୋଧନ ଦେଇ କହିଥିଲେ ଯେ, ଯେତେବେଳେ ଆମେ ଅନ୍ୟ ରାଜ୍ୟର ପର୍ବ ପାଳନ କରୁ, ସେତେବେଳେ ଆମେ ଏକ ଜାତି ଭାବରେ ଆମକୁ ଏକତ୍ରିତ କରୁଥିବା ବନ୍ଧନକୁ ମଜବୁତ କରୁ । ଏହି ସହଭାଗିତାର ଭାବନା ଭାରତର ସାରାଂଶକୁ ପ୍ରତିଫଳିତ କରେ, ଯେଉଁଠାରେ ବିବିଧତା ଆମର ସାମୂହିକ ପରିଚୟକୁ ଶକ୍ତିଶାଳୀ କରିବା ସହ ଆମକୁ ଏକତ୍ର ହୋଇ ଆଗକୁ ବଢ଼ିବାକୁ ପ୍ରେରଣା ଦେଇଥାଏ । ଓଡ଼ିଶା, ହିମାଚଳ ପ୍ରଦେଶ, ଆସାମ, କେରଳ, ତାମିଲନାଡୁ, ପଶ୍ଚିମବଙ୍ଗ ଏବଂ ପଞ୍ଜାବର ଜନସାଧାରଣଙ୍କୁ ସେମାନଙ୍କ ଆଂଚଳିକ ପର୍ବ-ପର୍ବାଣି ପାଳନ ଅବସରରେ ରାଜ୍ୟପାଳ ଶୁଭେଚ୍ଛା ଜଣାଇଥିଲେ ।ପଣା ସଂକ୍ରାନ୍ତିର ଗୁରୁତ୍ୱ ଉପରେ ଆଲୋକପାତ କରି ରାଜ୍ୟପାଳ କହିଥିଲେ ଯେ, ଏହା ପାରମ୍ପରିକ ଓଡ଼ିଆ ନବବର୍ଷର ଆରମ୍ଭ ଓ ଏହି ପର୍ବ ରାଜ୍ୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରଦର୍ଶିତ କରେ । ପଣା ପ୍ରସ୍ତୁତ କରି ବଣ୍ଟନ କରିବାର ପରମ୍ପରା କରୁଣା, ଉଦାରତା ଏବଂ ଏକତାର ପ୍ରତୀକ ଯାହା ଆଚାର-ବିଚାର, ଦାନଧର୍ମ, ସେବା ଏବଂ ସହାନୁଭୂତିର ମୂଲ୍ୟବୋଧକୁ ପ୍ରତିଫଳିତ କରେ । ଜଗନ୍ନାଥ ସଂସ୍କୃତି ପ୍ରସଙ୍ଗରେ ଆଲୋକପାତ କରି ରାଜ୍ୟପାଳ କହିଥିଲେ ଯେ, ଏହା ସମାବେଶୀ, ସମାନତା ଏବଂ ଭକ୍ତିର ପ୍ରତିନିଧିତ୍ୱ କରି ଲୋକଙ୍କୁ ଏକତ୍ରିତ କରେ ଏବଂ ବିଶ୍ୱଭ୍ରାତୃତ୍ୱକୁ ପ୍ରୋତ୍ସାହିତ କରେ ।

ହିମାଚଳ ପ୍ରଦେଶ ଗଠନ ଦିବସ ପ୍ରସଙ୍ଗରେ ରାଜ୍ୟପାଳ କହିଥିଲେ ଯେ, ଏହି ରାଜ୍ୟ ଏକତା ଏବଂ ସ୍ଥିରତାର ପ୍ରତୀକ ଅଟେ ଏବଂ ଏହି ରାଜ୍ୟରେ କଳା ଓ ସଂସ୍କୃତିର ସମୃଦ୍ଧ ପରମ୍ପରା ରହିଛି । ଏକ ଭାରତ ଶ୍ରେଷ୍ଠ ଭାରତ କାର୍ଯ୍ୟକ୍ରମ ଅନ୍ତର୍ଗତ ପାଳନ ହେଉଥିବା ଏହି ଉତ୍ସବକୁ ପ୍ରଶଂସା କରି, ରାଜ୍ୟପାଳ କହିଥିଲେ ଯେ ଏହା ରାଜ୍ୟ ରାଜ୍ୟ ମଧ୍ୟରେ ଅଧିକ ଦୃଢ଼ ବନ୍ଧନ ଏବଂ ପାରସ୍ପରିକ ବୁଝାମଣାକୁ ପ୍ରୋତ୍ସାହିତ କରେ ।

ବିହୁ, ବିଶୁ, ପୁଥାଣ୍ଡୁ, ପୋଇଲା ବୈଶାଖ ଏବଂ ବୈଶାଖୀ ଭଳି ପର୍ବଗୁଡ଼ିକ ବିଭିନ୍ନ ଅଞ୍ଚଳରେ ପାଳିତ ହେଉଥିଲେ ମଧ୍ୟ ସେଥିରେ ଆଶା, କୃତଜ୍ଞତା ଏବଂ ନବୀକରଣର ଏକ ସାଧାରଣ ବାର୍ତ୍ତା ରହିଛି ଯାହା ଜାତୀୟ ଏକତାର ଭାବନାକୁ ଦୃଢ କରେ ବୋଲି ରାଜ୍ୟପାଳ କହିଥିଲେ । ଅବସରପ୍ରାପ୍ତ ପ୍ରଶାସକ ତଥା ପ୍ରସିଦ୍ଧ ସାହିତ୍ୟିକ ଓ ଗୀତିକାର ଶ୍ରୀ ଦେବଦାସ ଛୋଟରାୟ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଏହି ସମାରୋହରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ରାଜ୍ୟର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ରାଜ୍ୟପାଳଙ୍କ କମିଶନର-ତଥା-ଶାସନ ସଚିବ ଡ଼. ରୂପା ରୋଶନ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।

କାର୍ଯ୍ୟକ୍ରମର ଆରମ୍ଭରେ ରାଜ୍ୟପାଳ ଓ ରାଜ୍ୟର ପ୍ରଥମ ମହିଳା ଶ୍ରୀମତୀ ଜୟଶ୍ରୀ କମ୍ଭମପାଟି ସମ୍ବିଧାନ ପ୍ରଣେତା ଭାରତରତ୍ନ ଡ଼. ବି. ଆର ଆମ୍ବେଦକରଙ୍କ ୧୩୬ତମ ଜୟନ୍ତୀ ଅବସରରେ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଭକ୍ତିପୂତ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ଡ଼. ଆମ୍ବେଦକରଙ୍କୁ ସମ୍ବିଧାନ ପ୍ରଣୟନର ମୁଖ୍ୟ ସ୍ଥପତି ଭାବରେ ବର୍ଣ୍ଣନା କରି ରାଜ୍ୟପାଳ କହିଥିଲେ ଯେ ଡ଼. ଆମ୍ବେଦକର ଥିଲେ ଜଣେ ଦୂର ଦ୍ରଷ୍ଟା ଯିଏ ନ୍ୟାୟ, ସମାନତା ଏବଂ ମାନବୀୟ ମର୍ଯ୍ୟାଦାର ଆଦର୍ଶ ପାଇଁ ଜୀବନ ଉତ୍ସର୍ଗ କରିଥିଲେ ।

# ଲାଗୁହେଲା ଶିକ୍ଷକ କ୍ୟାଡରରେ ସଂରକ୍ଷଣଅଧିନିୟମ

**ଭୁବନେଶ୍ୱର,୧୬।୪ (ମହାଭାରତ):** ଓଡ଼ିଶାରେ ଲାଗୁହେଲା ଓଡ଼ିଶା ରାଜ୍ୟ ସରକାରୀ ବିଶ୍ୱ ବିଦ୍ୟାଳୟ (ଶିକ୍ଷକ କ୍ୟାଡରରେ ସଂରକ୍ଷଣ) ଅଧିନିୟମ,୨୦୨୬ । ଓଡ଼ିଶାର ରାଜ୍ୟପାଳ ଡ଼. ହରିବାବୁ କମ୍ଭମ୍‌ପାଟି ବିଧାନସଭାରେ ପାରିତ ହୋଇଥିବା ଓଡ଼ିଶା ରାଜ୍ୟ ସରକାରୀ ବିଶ୍ୱ ବିଦ୍ୟାଳୟ (ଶିକ୍ଷକ କ୍ୟାଡରରେ ସଂରକ୍ଷଣ) ବିଧେୟକ,୨୦୨୬କୁ ସ୍ୱୀକୃତି ପ୍ରଦାନ କରିବା ପରେ ଓଡ଼ିଶା ରାଜ୍ୟ ସରକାରୀ ବିଶ୍ୱ ବିଦ୍ୟାଳୟ (ଶିକ୍ଷକ କ୍ୟାଡରରେ ସଂରକ୍ଷଣ) ଅଧିନିୟମ, ୨୦୨୬କୁ ଓଡ଼ିଶାରେ ଲାଗୁ କରାଯାଇଛି ।

ବିଗତ ମାର୍ଚ୍ଚ ୩୧ ତାରିଖରେ ବିଧାନସଭାରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଆଲୋଚନା ହେବା ପରେ ଓଡ଼ିଶା ରାଜ୍ୟ ସରକାରୀ ବିଶ୍ୱ ବିଦ୍ୟାଳୟ (ଶିକ୍ଷକ କ୍ୟାଡରରେ ସଂରକ୍ଷଣ) ବିଧେୟକ, ୨୦୨୬କୁ ବିଧାନସଭାରେ ପାରିତ କରାଯାଇଥିଲା । ଏହି ବିଧେୟକ ରାଜ୍ୟପାଳଙ୍କ ସ୍ୱୀକୃତି ଲାଭ କରିବା ପରେ ସାରା ରାଜ୍ୟରେ ଓଡ଼ିଶା ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟ (ଶିକ୍ଷକ କ୍ୟାଡରରେ ସଂରକ୍ଷଣ) ଅଧିନିୟମ, ୨୦୨୬ ଲାଗୁ ହୋଇଛି । ଏହି ଅଧିନିୟମ ଲାଗୁ ହେବା ପରେ ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ରାଜ୍ୟପାଳ ଡ଼. ହରିବାବୁ କମ୍ଭମପାଟିଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି । ଏଥିସହ ଓଡ଼ିଶା ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟ (ଶିକ୍ଷକ କ୍ୟାଡରରେ ସଂରକ୍ଷଣ) ଅଧିନିୟମ, ୨୦୨୬ ଓଡ଼ିଶାରେ ଉଚ୍ଚଶିକ୍ଷାର ବିକାଶ ଦିଗରେ ଏକ ଯୁଗାନ୍ତକାରୀ ପଦକ୍ଷେପ ହେବ ବୋଲି ସେ ମତପ୍ରକାଶ କରିଛନ୍ତି । ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ, 'ଓଡ଼ିଶା ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟ ଅଧିନିୟମ, ୨୦୨୬ ଉଚ୍ଚଶିକ୍ଷା ବ୍ୟବସ୍ଥାରେ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଏବଂ ଏସଇବିସି ବର୍ଗଙ୍କ ପ୍ରତିନିଧିତ୍ୱକୁ ସୁନିଶ୍ଚିତ କରିବ । ରାଜ୍ୟରେ ସରକାରୀ ବିଶ୍ୱ ବିଦ୍ୟାଳୟରେ ପ୍ରଫେସର, ଆସୋସିଏଟ୍ ପ୍ରଫେସର ଏବଂ ଆସିଷ୍ଟାଂଟ ପ୍ରଫେସର ନିଯୁକ୍ତିରେ ସଂରକ୍ଷଣ କାର୍ଯ୍ୟକାରୀ କରିବା ପାଇଁ ପ୍ରତ୍ୟେକ ବିଶ୍ୱ ବିଦ୍ୟାଳୟକୁ ଏକକ ଭାବେ ବିଚାର କରାଯିବ । ବିଭାଗ ଭିତିକ ସଂରକ୍ଷଣ ପ୍ରଣାଳୀକୁ ଉଚ୍ଛେଦ କରାଯାଇଛି । ଏହାଫଳରେ ଶିକ୍ଷକମାନଙ୍କର ପ୍ରତ୍ୟକ୍ଷ ନିଯୁକ୍ତି ସମୟରେ ପ୍ରଫେସର, ଆସୋସିଏଟ୍ ପ୍ରଫେସର ଏବଂ ଆସିଷ୍ଟାଂଟ ପ୍ରଫେସର ଆଦି ପଦବୀରେ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଏବଂ ଏସଇବିସି ବର୍ଗଙ୍କ ପ୍ରତିନିଧିତ୍ୱକୁ ସୁନିଶ୍ଚିତ କରାଯାଇପାରିବ ।'

# ବାଣିଜ୍ୟ ପ୍ରତିଷ୍ଠାନରେ ଓଡ଼ିଆ ନାମଫଳକ ପ୍ରଦର୍ଶନ ପାଇଁ ସଚେତନତା

**ଭୁବନେଶ୍ୱର,୧୬।୪ (ମହାଭାରତ):** ୧ ଏପ୍ରିଲ 'ଓଡ଼ିଶା ଦିବସ' ରୁ ୧୪ ଏପ୍ରିଲ 'ଓଡ଼ିଆ ନବବର୍ଷ' ପର୍ଯ୍ୟନ୍ତ ସାରା ରାଜ୍ୟରେ 'ଓଡ଼ିଆ ପକ୍ଷ-୨୦୨୬' ପାଳନ କରାଯାଉଛି । ଏହି ଅବସରରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ପକ୍ଷରୁ ସମସ୍ତ ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକରେ ଓଡ଼ିଆ ଭାଷାରେ ସ୍ପଷ୍ଟ ଭାବେ ନାମଫଳକ ପ୍ରଦର୍ଶନ କରିବା ପାଇଁ ଏକ ବ୍ୟାପକ ସଚେତନତା ଅଭିଯାନ ଓ ପଦଯାତ୍ରା ଆଜି ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଲୋଅର ପିଏମ୍‌ଜି ଠାରୁ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆୟୋଜିତ ଏହି ପଦଯାତ୍ରାରେ ପ୍ରାୟ ୨୦୦ରୁ ଅଧିକ ବ୍ୟକ୍ତି ସାମିଲ ହୋଇ ଓଡ଼ିଆ ଭାଷାର ପ୍ରସାର ପାଇଁ ସଂକଳ୍ପ ନେଇଥିଲେ ।

ଏହି ସଚେତନତା ପଦଯାତ୍ରାକୁ ଶ୍ରମ ଆୟୁକ୍ତ ଇନ୍ଦ୍ରମଣୀ ତ୍ରିପାଠୀ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନୀ ସମାରୋହରେ ନିଜର ଅଭିଭାଷଣ ରଖି ସେ କହିଥିଲେ ଯେ, ୪ ଏପ୍ରିଲ ରୁ ୭ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ଚାରି ଦିନ ଧରି ବିଭାଗୀୟ ଅଧିକାରୀମାନେ ବିଭିନ୍ନ ଦୋକାନ ଓ ବ୍ୟବସାୟିକ ଅନୁଷ୍ଠାନ ପରିଦର୍ଶନ କରିବେ । ଯେଉଁ ସ୍ଥାନରେ ଓଡ଼ିଆ ନାମଫଳକ ସ୍ପଷ୍ଟ ଭାବେ ଲଗାଯାଇନାହିଁ, ସେଠାରେ ବ୍ୟବସାୟୀମାନଙ୍କୁ ନିର୍ଭୁଲ ଭାବେ ଓଡ଼ିଆ ନାମଫଳକ ଲେଖିବାକୁ ଅନୁରୋଧ କରାଯିବ । ଆମ ଭାଷା ଆମର ପରିଚୟ ଓ ଗର୍ବ ହୋଇଥିବାରୁ ପ୍ରତ୍ୟେକ ବ୍ୟବସାୟ ସ୍ଥଳରେ ଏହାର ବ୍ୟବହାରକୁ ସୁନିଶ୍ଚିତ କରିବା ଆମ ସମସ୍ତଙ୍କର ସାମୂହିକ ଦାୟିତ୍ୱ ବୋଲି ସେ ପ୍ରକାଶ କରିଥିଲେ ।

ଏହି ଅବସରରେ ଅତିରିକ୍ତ ଶ୍ରମ ଆୟୁକ୍ତ ମଦନ ମୋହନ ପାଇକ, ଯୁଗ୍ମ ଶ୍ରମ ଆୟୁକ୍ତ ବିଘ୍ନଜିତ ମହନ୍ତ ମହାପାତ୍ର ଓ ଭାରତୀ ସିଥା, ପ୍ରଭାଗୀୟ ଶ୍ରମ ଆୟୁକ୍ତ ବନାନୀ ମହାପାତ୍ର, ଖୋର୍ଦ୍ଧା ପ୍ରଭାଗୀୟ ଶ୍ରମ ଆୟୁକ୍ତ ଅଜୟ ପ୍ରଧାନ, ଜିଲ୍ଲା ଶ୍ରମ ଅଧିକାରୀ ପ୍ରଭାକର ବିଶ୍ୱାଳ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ଉପ-ଶାସନ ସଚିବ ପୀୟୂଷ ପରିଡ଼ା ଏବଂ 'ଓଡ଼ିଶା ପରିବାର'ର ନୋଡାଲ ଅଫିସର ପ୍ରିତିଶ ପଣ୍ଡା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ସୂଚନାଯୋଗ୍ୟ ଯେ, ଓଡ଼ିଶା ଦୋକାନ ଏବଂ ବାଣିଜ୍ୟ ପ୍ରତିଷ୍ଠାନ ଆଇନ ଅନୁଯାୟୀ ପ୍ରତ୍ୟେକ ବ୍ୟବସାୟିକ ଅନୁଷ୍ଠାନରେ ଓଡ଼ିଆ ଭାଷାରେ ସ୍ପଷ୍ଟ ଓ ନିର୍ଭୁଲ ଭାବେ ନାମଫଳକ ଲେଖିବା ଏକ ବାଧ୍ୟତାମୂଳକ ନିୟମ ।

# ଫେମିନା ମିସ୍ ଇଣ୍ଡିଆ ପ୍ରତିଯୋଗୀ ପାଳନ କଲେ ଓଡ଼ିଆ ନବବର୍ଷ

**ଭୁବନେଶ୍ୱର,୧୬।୪ (ମହାଭାରତ):** କିଟ୍ ପରିସରରେ ଓଡ଼ିଆ ନୂଆବର୍ଷ ଆଜି ମହା ସମାରୋହରେ ପାଳିତ ହୋଇଯାଇଛି । ଏଥିରେ ଯୋଗଦେଇଥିଲେ ୬୧ତମ ଫେମିନା ମିସ୍ ଇଣ୍ଡିଆ ପ୍ରତିଯୋଗିତାର ୩୦ ଜଣ ରାଜ୍ୟ ପ୍ରତିଯୋଗୀ । ବିଭିନ୍ନ ରାଜ୍ୟରୁ ଆସିଥିବା ଏହି ପ୍ରତିଯୋଗୀମାନେ ଖୁବ୍ ଧୁମ୍‌ଧାମ୍‌ରେ ଉତ୍ସାହର ଓଡ଼ିଆ ନୂଆବର୍ଷ ପାଳନ କରିଥିଲେ । ଓଡ଼ିଶାର ପ୍ରସିଦ୍ଧ ପାଟ ଶାଢ଼ି ପିନ୍ଧି ଓଡ଼ିଆ ଖାଦ୍ୟ ସାଙ୍ଗକୁ ଓଡ଼ିଶାର ପାରମ୍ପରିକ ମିଠା ଛେନାପୋଡ଼ର ମଜା ନେଇଥିଲେ । ସମ୍ପୂର୍ଣ୍ଣ ଓଡ଼ିଆ ଢ଼ାଞ୍ଚାରେ ପ୍ରସ୍ତୁତ ଓଡ଼ିଆ ଖାଦ୍ୟ ଖାଇ ସେମାନେ ଓଡ଼ିଶାର ସଂସ୍କୃତି ଓ ପରମ୍ପରାର ଉଚ୍ଚ ପ୍ରଶଂସା କରିଥିଲେ । ଓଡ଼ିଶାର ଉଚ୍ଚକୋଟୀର ସଂସ୍କୃତି ଓ ପରମ୍ପରାକୁ ସମଗ୍ର ଦେଶରେ ପହଞ୍ଚାଇବା ପାଇଁ ସେମାନେ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ ।

ଏପ୍ରିଲ ୧୮ତାରିଖରେ କିଟ୍‌ରେ ଅନୁଷ୍ଠିତ ହେବାକୁ ଥିବା ୬୧ତମ ଫେମିନା ମିସ୍ ଇଣ୍ଡିଆ ଇଭେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ୩୦ ଜଣ ରାଜ୍ୟ ବିଜେତା କିଟ୍ କ୍ୟାମ୍ପସରେ ରହୁଛନ୍ତି । ସେମାନଙ୍କ ସହ ସାମିଲ ହୋଇଥିଲେ ଫେମିନା ମିସ୍ ଇଣ୍ଡିଆ ୨୦୨୪ ନିକିତା ପରୱାଲ୍ ।

ଓଡ଼ିଶା ପର୍ଯ୍ୟଟନ ବିଭାଗ ସହମତି କ୍ରମେ ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟର ପ୍ରଚାର ପ୍ରସାର ପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ ଆୟୋଜନ କରିଛନ୍ତି । ଫେମିନା ମିସ୍ ଇଣ୍ଡିଆ ପ୍ରତିଯୋଗିତା ଭାରତରେ ଆୟୋଜିତ ହେଉଥିବା ପ୍ରସିଦ୍ଧ ସୁନ୍ଦରୀ ପ୍ରତିଯୋଗିତା ମଧ୍ୟରୁ ଅନ୍ୟତମ । ଏହି ପ୍ରତିଯୋଗିତା ନିଜ ନିଜ ରାଜ୍ୟରେ କରାଇବା ପାଇଁ ବିଭିନ୍ନ ରାଜ୍ୟ ପ୍ରତିଦ୍ୱନ୍ଦ୍ୱିତା କରିଥାନ୍ତି । ଖୁସିର କଥା ପ୍ରଥମ ଥର ପାଇଁ ଏହି ପ୍ରତିଯୋଗିତା ଓଡ଼ିଶା ଆସିଛି । ଏହି ପ୍ରତିଯୋଗିତା ଜରିଆରେ ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟର ପ୍ରଚାର ପ୍ରସାର ପାଇଁ ସୁବନ୍ଦୋବସ୍ତ କରାଯାଇଛି । ଏହା ବ୍ୟତୀତ ସେମାନେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ଅନୁଭବ କରିବା ପାଇଁ ପୁରୀ, କୋଣାର୍କ ସୂର୍ଯ୍ୟ ମନ୍ଦିର ଏବଂ ଚନ୍ଦ୍ରଭାଗା ବେଳାଭୂମି ମଧ୍ୟ ପରିଦର୍ଶନ କରିବେ । ପୁରୀ ବେଳାଭୂମି ଓ ଭୁବନେଶ୍ୱରର ମୁକ୍ତେଶ୍ୱର ମନ୍ଦିରରେ ସେମାନେ ହେରିଟେଜ୍ ୱାକ୍ କରିବେ ।



# କୃଷକଙ୍କ ସ୍ୱାର୍ଥ ରକ୍ଷା

ପ୍ରକୃତ ଚାଷୀ ଧାନ ଗଦା କରି ଅପେକ୍ଷା କରୁଛି କେବେତେବେଳେ ଧାନ ବିକ୍ରୀ ହେବ। କିନ୍ତୁ ବର୍ଷାରେ ଧାନ ଓଦା ହୋଇ ନଷ୍ଟ ହେଉଛି ସିନା ବିକ୍ରୀ ହୋଇପାରୁନି। ଏହାକୁ କହନ୍ତି ଅନ୍ୟାୟ। ଏହା ଚାଷୀଙ୍କ ତ□ ଚିପିବା ସହ ସମାନ। ଭାରତ ଏକ କୃଷି ପ୍ରଧାନଦେଶ ଏବଂ ଦେଶର ଅର୍ଥନୀତି ଅନେକାଂଶରେ କୃଷି ଉପରେ ନିର୍ଭରଶୀଳ। ମୁଦ୍ରାସ୍ଫୀତି ଅନେକାଂଶରେ କୃଷି ଉତ୍ପାଦନ ଉପରେ ନିର୍ଭରଶୀଳ। ଯେତେବେଳେ ଉଭୟ ଖରିଫ ଏବଂ ରବି ଫସଲ ଉତ୍ପାଦନ ଅଧିକ ହୁଏ ସେତେବେଳେ ଅଭିବୃଦ୍ଧି ହାର ବୃଦ୍ଧି ପାଏ ଏବଂ ମୁଦ୍ରାସ୍ଫୀତି ନିୟନ୍ତ୍ରଣ ମଧ୍ୟରେ ରହେ। କୃଷି ହେଉଛି ଭାରତର ଶକ୍ତି। ସ୍ୱାଧୀନତା ପରେ ଭାରତରେ ଖାଦ୍ୟ ଉତ୍ପାଦନ ଆଶାତୀତ ଭାବେ ବୃଦ୍ଧି ପାଇଛି। ଅନେକ ଖାଦ୍ୟରେ ଭାରତ ଆତ୍ମନିର୍ଭରଶୀଳ ହୋଇଛି। କିନ୍ତୁ ଜନସଂଖ୍ୟା ଏତେ ବଢ଼ିଯାଇଛି ଯେ, ତାହା ବି ଯଥେଷ୍ଟ ହେଉନି। ଡାଲି, ଖାଇବା ତେଲ ଭଳି ଅନେକ ଖାଦ୍ୟ ସାମଗ୍ରୀ ଆମଦାନୀ କରିବାକୁ ପଡୁଛି। କିନ୍ତୁ ଭାରତରେ ଯେତେ ଜମି ପଡ଼ିଆ ପଡୁଛି ତହାର ଯଦି ସଦୁପଯୋଗ ହୋଇପାରନ୍ତା ଏବଂ ଉପଯୁକ୍ତ ପରିମାଣର ସାର ଓ କୀଟନାଶକ ବ୍ୟବହାର ହୁଅନ୍ତା ତେବେ ଖାଦ୍ୟ ଉତ୍ପାଦନ ତିନିଗୁଣ ହୋଇପାରନ୍ତା। ବଳକା ଖାଦ୍ୟ ସାମଗ୍ରୀ ରପ୍ତାନୀ କରି ଭାରତ ବିପୁଳ ବୈଦେଶିକ ମୁଦ୍ରା ଅର୍ଜନ କରିପାରନ୍ତା। ଏବେ ବି ଭାରତ ଅନେକ ପ୍ରକାର କୃଷିଜାତ ସାମଗ୍ରୀ ରପ୍ତାନୀ କରି ବିପୁଳ ବୈଦେଶିକ ମୁଦ୍ରା ଅର୍ଜନ କରୁଛି। ଏହାର ଶ୍ରେୟ ସମ୍ପୂର୍ଣ୍ଣ ଭାବେ ଦେଶର କୃଷକଙ୍କୁ ମିଳିବା ଉଚିତ। ଭାରତ ଆଜି ବିଶ୍ୱର ପଞ୍ଚମ ବୃହ□ମ ଅର୍ଥନୀତିରେ ପରିଣତ ହୋଇଛି, ପ୍ରତିରକ୍ଷା, ମହାକାଶ ବିଜ୍ଞାନ, ଶିଳ୍ପ ସବୁ କ୍ଷେତ୍ରରେ ଅଗ୍ରଗତି ହାସଲକରିଛି। ଏହାର ପଛରେ କୃଷି ବିକାଶ ରହିଛି। ଯେତେବେଳେ ଆମ ପଡ଼ୋଶୀ ପାକିସ୍ତାନରେ ଖାଦ୍ୟାଭାବରୁ ହାହାକାର ପଡ଼ିଛି,ସେତେବେଳେ ଭାରତ ବିଦେଶକୁ ଖାଦ୍ୟ ରପ୍ତାନୀ କରୁଛି। ବିଶ୍ୱ ଅର୍ଥନୀତିରେ ସଙ୍କଟ ବେଳେ ଭାରତ ସଫଳତାର ସହ ଏହାର ମୁକାବିଲା କରିପାରିଛି। କୃଷି କ୍ଷେତ୍ରରେ ଭାରତର ସର୍ବାଧିକ ବ୍ୟକ୍ତି କର୍ମ ନିଯୁକ୍ତି ପାଇଛନ୍ତି। ଅନେକ କୃଷିଭି□କ ଶିଳ୍ପ ପ୍ରତିଷ୍ଠା ମଧ୍ୟ ହୋଇଛି। ଏଥିରେ ମଧ୍ୟ ଅନେକ ନିଯୁକ୍ତି ପାଇଛନ୍ତି। ଏହାର କିନ୍ତୁ ଆହୁରି ପ୍ରସାର ସୁଯୋଗ ରହିଛି। ଚିନି ଶିଳ୍ପରେ ଲକ୍ଷ ଲକ୍ଷ ବ୍ୟକ୍ତି ନିଯୁକ୍ତି ପାଇଛନ୍ତି। ପରୋକ୍ଷରେ ମଧ୍ୟ କୃଷି ଉପରେ ଅନେକ ରୋଜଗାର ସୁବିଧା ପାଇଛନ୍ତି। କୃଷିଜାତ ସାମଗ୍ରୀର ପରିବହନ, ବ୍ୟବସାୟ ଉପରେ ଅନେକ ନିର୍ଭର କରି ଚଳୁଛନ୍ତି। ପଞ୍ଜାବ, ହରିୟାନା,ମହାରାଷ୍ଟ୍ର, କର୍ଣ୍ଣାଟକ, ଗୁଜରାଟ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ ଭଳି ରାଜ୍ୟ ଆଜି କେବଳ ଏହି କାରଣରୁ ସମୃଦ୍ଧି ହାସଲ କରିଛନ୍ତି। ସେମାନଙ୍କ ରାଜସ୍ୱ ବୃଦ୍ଧିର ଏହା ଏକ ପ୍ରମୁଖ କାରଣ। ଗୁଜରାଟ ଓ ମହାରାଷ୍ଟ୍ରରେ କପା, ଆଖୁ ଭଳି ଭଳି ଅର୍ଥକାରୀ ଫସଲ ଅନେକଙ୍କୁ ରୋଜଗାର ଦେଇଛି। ଆସାମରେ ଚା’ ଶିଳ୍ପରେ ଅନେକ ନିଯୁକ୍ତି ସୁଯୋଗ ପାଇଛନ୍ତି। ଆଳୁ ଉତ୍ପାଦନରେ ପଶ୍ଚିମବଙ୍ଗ, ପିଆଜ ଉତ୍ପାଦନରେ ମହାରାଷ୍ଟ୍ର ଏବଂ କର୍ଣ୍ଣାଟକ, ସେଓ ଉତ୍ପାଦନରେ ହିମାଚଳ ପ୍ରଦେଶ ଏବଂ ଜାମ୍ମୁ-କାଶ୍ମୀର ଅଗ୍ରଣୀ। ସେମାନଙ୍କ ରାଜ୍ୟର କୃଷକମାନେ ଏଥିଲାଗି ଅପେକ୍ଷାକୃତ ସ୍ୱଚ୍ଛଳ। ଓଡ଼ିଶାରେ ମଧ୍ୟ ବିଗତ ୫୦ ବର୍ଷ ଭିତରେ କୃଷି ଓ କୃଷକଙ୍କ କଲ୍ୟାଣ ସାଧନ ହୋଇଛି। ଓଡ଼ିଶା ଆଜି ଚାଉଳଉତ୍ପାଦନରେ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳ। ରାଜ୍ୟର ଚାଷୀଙ୍କ ଆର୍ଥିକ ସ୍ଥିତି ଧିରେ ଧିରେ ଉନ୍ନତ ହେଉଛି। କିନ୍ତୁ ଏହା ପର୍ଯ୍ୟାପ୍ତ ନୁହେଁ। କୃଷି ଓ କୃଷକ କଲ୍ୟାଣ ନିମନ୍ତେ ଆହୁରି ଅନେକ କାମ କରିବାକୁ ଅଛି। ଓଡ଼ିାର ଅର୍ଥନୀତି ମଧ୍ୟ ଅନେକାଂଶରେ କୃଷି ଉପରେ ନିର୍ଭରଶୀଳ। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଲାଗି ସରକାର ବିଶେଷ ପ୍ରୟାସ କରୁନାହାଁନ୍ତି।

# ସଂସାର ଥିବା ଯେତେ ଦିନ......

> “ ଆମ ବିଧି ବ୍ୟବସ୍ଥାରେ ଏପରିକି ଆଇନ କାନୁନରେ ବି ଘରର କର୍ମଜୀବୀ ବାପା ବା ମାଆଙ୍କର କର୍ମ କ୍ଷେତ୍ରରେ ପରଲୋକ ପରେ ଥଇଥାନ ବ୍ୟବସ୍ଥା ଅନୁଯାୟୀ ପିଲାମାନଙ୍କୁ ଚାକିରୀ ମିଳିଥାଏ। ଆପଣ କେଉଁଠି ଶୁଣିଛନ୍ତି ଜଣେ ସେଇ ଥଇଥାନ ସୁଯୋଗର ସମସ୍ତ ସରକାରୀ ସୁବିଧା ନେଇ ମଧ ଛୁ ମନ୍ତର କରି ଆଇନକୁ ନିଜ ପକେଟରେ ପୁରାଇ ପୁଣି ସରକାରୀ ସୁବିଧା। ଆମ ରାଜ୍ୟରେ କୁଆଡ଼େ କଣ ମୁଖିଆ ସବୁବେଳେ କୁହନ୍ତି ଆଇନ ତା ବାଟରେ ଯିବ। ଆଇନଟା କେଉଁ ବାଟ ଦେଇକି ଯାଉଛି ତାହା ଆମପରି କୋଟି କୋଟି ମୂର୍ଖ କିନ୍ତୁ ବୁଝି ପାରୁନାହାଁନ୍ତି।

॥ ଡ଼ଃ. ଦିଲ୍ଲୀପ କୁମାର ମହାରଣା ॥

ସଂସାର ଥିବା ଯେତେ ଦିନ.... ଆନନ୍ଦରେ କାଟୁଥିବା ଦିନ। ଏହା ତ ନିର୍ଘାତ ସତ କିନ୍ତୁ ସତ ପଛର ଆଉ ଏକ ଘଟଣା ବି ରହିଛି। ଅର୍ଥାତ୍ ଆନନ୍ଦ ବୋଇଲେ ଯେଉଁ ପ୍ରକାର ଆନନ୍ଦ ହୋଇପାରେ। କାହାକୁ ତଣ୍ଟିଆ ମାରି ହୋଇପାରେ, କାହାର ତଣ୍ଟି ଚିପି ହୋଇପାରେ, କାହାକୁ ଖାଲରେ ପକାଇ ହୋଇପାରେ, କାହା ବିରୁଦ୍ଧରେ ମିଛ ଦୁର୍ନାମ ଯୋଡ଼ି ବି ହୋଇପାରେ। ତେବେ ଆଜିର ସଂସାରକୁ ଦେଖିଲେ ଆପଣ ବିଚିତ୍ର ବିଚିତ୍ର ଲୋକ ସବୁ ଦେଖିବାକୁ ପାଇବେ। ଦୁନିଆରେ ଧର୍ମଡଙ୍ଗା ତ ପୁଣି ଚାଲୁଛି ନାଁ। ତାହାଲେ କ’ଣ ଭଲ ଲୋକଙ୍କର ସ୍ଥାନ ନାହିଁ? ଆମେ ଏ ଘଟଣା ଅବତାରଣ କାହିଁକି କରୁଛୁ ତାହା ଟିକିଏ ଚୁମ୍ବକରେ ପାଠକବର୍ଗଙ୍କୁ ଜଣାଇବା ପାଇଁ ଚାହୁଁ। ଆମ ହାତ ପାହାନ୍ତାରେ ଏପରି ଫୋରଟ୍ୱିଣ୍ଟି ସବୁ ରହିଛନ୍ତି ସେମାନେ ମଣିଷକୁ କ’ଣ, ଆଇନର କାଠଗଡ଼ା ଠାରୁ ଏ ସରକାରଙ୍କୁ ବି ବିକିଦେବେ। ଦିନ ଅଧରେ ଭଦ୍ର ଧୋବାଧାରୀ ଲୋକ ବୋଲାଇ ଶୁଖୁଆ କଣ୍ଟା ଗେଞ୍ଜି ତୁମକୁ ଏପରି ଜଳକା ବନାଇ ଦେବେ ଯେ ତୁମେ କେତେ ପୁରୁଷ ପଛରେ ଛାଡ଼ିକି ଆସିଛ ନିହାତି ଖରାବେଳେ ଗଣୁଥିବ।

ଆମ ବିଧି ବ୍ୟବସ୍ଥାରେ ଏପରିକି ଆଇନ କାନୁନରେ ବି ଘରର କର୍ମଜୀବୀ ବାପା ବା ମାଆଙ୍କର କର୍ମ କ୍ଷେତ୍ରରେ ପରଲୋକ ପରେ ଥଇଥାନ ବ୍ୟବସ୍ଥା ଅନୁଯାୟୀ ପିଲାମାନଙ୍କୁ ଚାକିରୀ ମିଳିଥାଏ। ଆପଣ କେଉଁଠି ଶୁଣିଛନ୍ତି ଜଣେ ସେଇ ଥଇଥାନ ସୁଯୋଗର ସମସ୍ତ ସରକାରୀ ସୁବିଧା ନେଇ ମଧ ଛୁ ମନ୍ତର କରି ଆଇନକୁ ନିଜ ପକେଟରେ ପୁରାଇ ପୁଣି ସରକାରୀ ସୁବିଧା। ଆମ ରାଜ୍ୟରେ କୁଆଡ଼େ କଣ ମୁଖିଆ ସବୁବେଳେ କୁହନ୍ତି ଆଇନ ତା ବାଟରେ ଯିବ। ଆଇନଟା କେଉଁ ବାଟ ଦେଇକି ଯାଉଛି ତାହା ଆମପରି କୋଟି କୋଟି ମୂର୍ଖ କିନ୍ତୁ ବୁଝି ପାରୁନାହାଁନ୍ତି। ଆଇନଟା ଜାତୀୟ ରାଜପଥ ଦେଇ ଯାଉଛି କି ଗ୍ରାମୀଣ ରାଜପଥ ଦେଇ ଯାଉଛି କି ବାଟ ଖରାପ ପଡ଼ିଛି ବୋଲି ଝୁଣ୍ଟି ପଡ଼ି ଯାଉଛି ତାହା ଜଣାପଡୁନାହିଁ। ଆମେ ଆଇନ ବ୍ୟବସ୍ଥାକୁ ଅତ୍ୟନ୍ତ ସମ୍ମାନ ଦେଉଛୁ। କାରଣ ଭାରତର ବିଧି ବ୍ୟବସ୍ଥା ସମ୍ବିଧାନ ଓ ଆଇନକୁ ନେଇ ଚାଲିଛି। ଏହି ଲେଖାଟି ଏହି ଲେଖକ ଲେଖିଲା ବେଳକୁ ରାଜ୍ୟର ଏକ ବହୁ ଚର୍ଚ୍ଚିତ ହତ୍ୟାକାଣ୍ଡ ଘଟଣାରେ ଜଣେ ପୂର୍ବତନ ପ୍ରଭାବଶାଳୀ ମନ୍ତ୍ରୀଙ୍କୁ କୋର୍ଟ ସମନ କରାଯାଇଛି। ତାହାହେଲେ କ’ଣ ଆମେ କାହି ପାରିବୁ ଆଇନର ଶାସନ ନାହିଁ ବୋଲି? ଏହି ବ୍ୟବସ୍ଥା ସମ୍ପର୍କରେ ଜାଣିବା ପାଇଁ ଜଣେ ଭଦ୍ରବ୍ୟକ୍ତି ସୂଚନା ଅଧିକାର ଆଇନ ବ୍ୟବସ୍ଥାରେ ଜାଣିବା ପାଇଁ ଚାହିଁଲେ କିନ୍ତୁ ତଥ୍ୟର ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି। ହୁଏତ ଅଭିଯୋଗ ଉଠୁଥିବା ବାବୁ ଜଣଙ୍କ ଆରାମରେ ତାଙ୍କ ଚାକିରୀ ସମୟ ସାରି ପେନସନ ପାଇବା ପାଇଁ ବି ଯୋଗ୍ୟ ହୋଇଯିବେ।

ଭାରତର ଗଣତନ୍ତ୍ର ସମସ୍ତଙ୍କୁ ନେଇ, ସମସ୍ତଙ୍କ ପାଇଁ। ସମ୍ଭବତଃ ଏହି ସଗର୍ବ ଅଖଣ୍ଡ ଭାରତୀୟତା ଆମ ଜାତି ପ୍ରେମକୁ ଉଜ୍ଜୀବିତ କରେ। ତେବେ ବେଳେବେଳେ ସମ୍ବିଧାନ ସଙ୍କଟରେ ପଡ଼ିଯାଏ ବା କିଛି ଘଟଣା ଗୋଳମାଳିଆ ପରିସ୍ଥିତି ସୃଷ୍ଟି କରେ। ଆଇନର ଶାସନ ବେଳେ ବେଳେ କିଭଳି କିଛି ମନମୁଖି ଓ ସ୍ୱାର୍ଥଲିପ୍ସୁମାନେ ମୋଡ଼ି ପାରନ୍ତି ଅନେକ ଉଦାହରଣ ରହିଛି। ଭାତ ହାଣ୍ଡିରୁ ଗୋଟିଏ ପରି ଓଡ଼ିଶା ସରକାରଙ୍କ ରାଜସ୍ୱ ପର୍ଷଦ ଅଧୀନରେ ପରିସର-୧ରୁ ବଦଳି ହୋଇ ପରିସର-୩ରେ ଅବସ୍ଥାପିତ ହୋଇ ପୁନଶ୍ଚ ଓଡ଼ିଶା ରାଜସ୍ୱ ପର୍ଷଦକୁ ଡେପୁଟେସନରେ ଆସି ବର୍ତ୍ତମାନ କାର୍ଯ୍ୟ କରୁଅଛନ୍ତି। ସେହି ମହୋଦୟ ସମୀପେଷୁଙ୍କ ନାମ ହେଉଛି ଚିନ୍ମୟ ପଣ୍ଡା। ସତକଥା ନାମଟି ଚିନ୍ମୟ ନା, ଏ ଯୁଗରେ ଚିନ୍ମୟ ଚିନ୍ତନର ଏ ଭଦ୍ର ବ୍ୟକ୍ତି ସତକଥା ନିହାତି କରିତକର୍ମା ହୋଇଥିବେ। ଯିଏ ବୃତ୍ତି ଆଉ ପ୍ରବୃତ୍ତି ଓ ପରିଶେଷର ହୁଏତ ନିଷ୍କୃତି ଯୋଗରୁ ଚିନ୍ତନର ଜଣେ ମସ୍ତବଡ଼ ଅନୁଭବୀ ହୋଇଥିବେ। ଏ ସମ୍ବନ୍ଧୀୟ ତଥ୍ୟ ରାଜସ୍ୱ ବିଭାଗର ସଚିବ, ନିର୍ଦ୍ଦେଶକ ଚକବନ୍ଦୀ ରାଜସ୍ୱ ପର୍ଷଦ, ସଦସ୍ୟ ରାଜସ୍ୱ ପର୍ଷଦ, ସଚିବ କେନ୍ଦ୍ରାଞ୍ଚଳ ରାଜସ୍ୱ ବିଭାଗ, ସଚିବ ଗୃହ ବିଭାଗ, ସଚିବ ଅର୍ଥ ବିଭାଗ, ସଚିବ ସାଧାରଣ ପ୍ରଶାସନ ବିଭାଗ ବାରମ୍ବାର ଅବଗତ କରିଥିଲେ ମଧ ବର୍ତ୍ତମାନ ସୁଦ୍ଧା ଏ ବାବଦରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏଥିରେ ତାଙ୍କୁ ପୃଷ୍ଠପୋଷକତା କରୁଛନ୍ତି ରାଜସ୍ୱ ପର୍ଷଦର ଅତିରିକ୍ତ ସଚିବ ଶ୍ରୀମତୀ ସିଓନା ମିଶ୍ର ଏବଂ ଉପବିଭାଗ ଅଧିକାରୀ ଭାଗ୍ୟଧର ସାହୁ। ଓଡ଼ିଆରେ ଏକ କଥା ଅଛି ‘ତୁ ଗୁହାରୀ ଯାହାକୁ ମୁଁ.....’ ଅର୍ଥାତ୍ ଅଭିଯୋଗ କରିବ ତ ? କାହା ପାଖକୁ ଯିବ? କେତେ ଦମ ନେଇ କେତେ ବାଟ ଯାଇପାରିବ? ଆଉ ଆମେ ଏ ରାସ୍ତାରେ ଯିଏ ଅଛୁ ଆମେ କ’ଣ ଚୁଡ଼ି ପିନ୍ଧି ମଠ ଡାଲମା ଖାଇ ଝାଞ୍ଜ ବାଡ଼ଉଛୁ। ଏପରି ଆଇନକୁ ମୋଡି ମକଚି ନିଜ ପକେଟରେ ନିୟମକୁ ରଖିପାରୁଥିବାର ଦୁଃସାହସ ରଖୁଥିବା ବ୍ୟକ୍ତି ହେଉଛନ୍ତି ଚିନ୍ମୟ ପଣ୍ଡା। ଏହି ଚିନ୍ମୟ ପଣ୍ଡା ବ୍ୟକ୍ତିଙ୍କର ସାତଖୁରାକୁ ସତ କଥା ଜୁହାର। ସରକାରଙ୍କ ରାଜସ୍ୱ ବିଭାଗ ୫-ଟି ଅଧୀନରେ ଆସୁଛି। ୫-ଟିର ମୁଖିଆ ରାଜ୍ୟ ସାରା ବୁଲି ପ୍ରଜା ଶାସନ କରି ନିର୍ମଳ ଶାସନ ଓ ସରକାରଙ୍କ ସ୍ୱଚ୍ଛ ପ୍ରଶାସନିକ ବ୍ୟବସ୍ଥାର ନାରା ଲୋକଙ୍କୁ ଦେଉଛନ୍ତି ଆଉ ଶିଖାଉଛନ୍ତି। ତାହାହେଲେ ଚିନ୍ମୟ ପଣ୍ଡା ଏହି ୫-ଟି ବିଭାଗର ଜଣେ ଅତ୍ୟନ୍ତ ଗୁଣଗ୍ୟ ଛାତ୍ରଭାବେ ବିବେଚନା କରାଯିବ। ଏମାନେ ସବୁ ଟପ୍ପର ଲିଷ୍ଟରେ ଯିବେ। ଏହି ପରି ଦୁଇ ଚାରିଟି ଗାତୁଆ ମୂଷା ଯଦି ରାଜସ୍ୱ ବିଭାଗରେ ରହିଯିବେ ତାହାହେଲେ କେତେ ବେଳେ ଏ ବିଭାଗ କ’ଣ ଏ ରାଇଜ ବି ଗୋଲ ହୋଇଯିବ। ବର୍ତ୍ତମାନର ସୂଚନା ପ୍ରଯୁକ୍ତିର ଯୁଗ ଆଶ୍ଚର୍ଯ୍ୟର କଥା ସକ୍ରିୟତା ପ୍ରତି ମୁହୂର୍ତ୍ତରେ ସତ୍ୟକୁ ଲୋକ ଲୋଚନକୁ ନେଇ ଆସୁଛି। ଲୋକମାନେ ଆଉ ଅନ୍ଧାରରେ ରହିବାର ସମୟ ବି ନାହିଁ। ତଥାପି ବନ ଆଶ୍ଚଯ୍ୟ କଥା ଏ ବାବୁ ନିଜ ପଦ ପଦବୀ କର୍ମକ୍ଷେତ୍ରକୁ ନେଇ ନିଧଡ଼କରେ ବସୁଛନ୍ତି ତେଣୁ ଏହିପରି ଗାତୁଆ ମୂଷାକୁ ବଡ଼ ବଡ଼ ମୂଷାସବୁ ଦାନା ଆଉ ପାଣି ଦେଉଥିବେ।

ଯନ୍ତା ଏଠି ଆଣି କିଏ ବସାଇବ। ଢ଼ୋଲ ଭିତରେ ମୂଷା ପରି ସରକାରଙ୍କ ଅତ୍ୟନ୍ତ ସମ୍ବେଦନଶୀଳ ଓ ଗୁରୁତ୍ୱପୂର୍ଣ୍ଣ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରସମନ ବିଭାଗର ଏପରି କରିତକର୍ମା ମୂଷା ମାନଙ୍କୁ ଗତ ଗଣେଶ ପୂଜାରେ ନିର୍ଶ୍ଚିନ୍ତ କିଏ ପୂଜା କରିଥିବେ ଯେ? ଶାସନ ବ୍ୟବସ୍ଥାର ଦ୍ୱାହି ଭିତରେ ଅନେକ ମେଧାବୀ ଚାକିରୀ ଖଣ୍ଡେ ପାଉନାହାଁନ୍ତି, ଅନେକଙ୍କ ଘର କର୍ମ ସଂସ୍ଥାନ ଅଭାବରୁ ଛିନଛତର ହୋଇଯାଉଛି। କିନ୍ତୁ ଆଇନକୁ ହାତକୁ ନେଇ, ଆଇନକୁ ମୋଡ଼ି ସମସ୍ତଙ୍କୁ ହାତରେ ରଖି ଆଇନର ଧଜିଆ ଉଡାଉଥିବା ଲୋକମାନଙ୍କ ପାଇଁ ଆଇନର ବାଟ ଟା କ’ଣ ତାହାକୁ ଅପେକ୍ଷା କରାଯାଉଛି। ଯଦିଓ ବର୍ତ୍ତମାନ ଦେଖାଯାଉଛି ହାତୀ ଗଳି ଯାଉଛି କିନ୍ତୁ ପିମ୍ପୁଡ଼ି ପାଇଁ ବାଟ ବନ୍ଦ। କୋଟି କୋଟି ଟଙ୍କା ହରିଲୁଟ କରି ବିଦେଶରେ କିଛି ଧର୍ଣ୍ଣାଢ଼୍ୟ ମୌଜ ମଜଲିସ କରୁଛନ୍ତି କିନ୍ତୁ ଟଙ୍କା ଦଶଟା ପାଇଁ ଏଠି ଜଣେ ଦାଦନ ପାଲଟୁଛି ଆଉ ତା ପିଲାଛୁଆଙ୍କୁ ବନ୍ଧା ପକାଉଛି। ଏହି ଭୋକର ଭୂଗୋଳ ଓଡ଼ିଶାରେ। ତେଣୁ ସରକାରୀ ବ୍ୟବସ୍ଥାରେ ତଥ୍ୟ ସୂଚନା ଅଧିକାର ବଳରେ ସମସ୍ତଙ୍କୁ ଆଇନର ବ୍ୟବସ୍ଥାକୁ ସାର୍ବଜନୀନ କରାଯାଇ ସମସ୍ତଙ୍କ ପାଇଁ ଆଇନର ବାଟ ଯେ ଗୋଟିଏ ସମ୍ବିଧାନର ଏହି ମୂଲ୍ୟବାନ ସୁରକ୍ଷିତ ବାଣୀକୁ ସମସ୍ତଙ୍କୁ ଆଲୋକର ରାସ୍ତା ଦେଖାଇବାର କାର୍ଯ୍ୟ ହେଉଛି ଗଣତନ୍ତ୍ରର ଅର୍ଥାତ୍ ଆମ ଗଣତନ୍ତ୍ରର ଧ୍ୱଜାଧାରୀ ମାନଙ୍କର!!

ଶିଖରପୁର ଉପରସାହି, କଟକ,

# ଡେ଼ଙ୍ଗୁ ଓ ଯକୃତ ସଂକ୍ରମଣ

॥ ଉମେଶ ଚନ୍ଦ୍ର ପାତ୍ର ॥

ହାଡ଼ଭଙ୍ଗା (ବ୍ରେକ ବୋନ ଫିଭର୍) ବା ଡେଙ୍ଗୁଜ୍ୱର ସାଧାରଣତଃ ଗ୍ରୀଷ୍ମମଣ୍ଡଳ ବା କ୍ରାନ୍ତି ବଳୟରେ ଦେଖାଯାଇଥାଏ। ପ୍ରତିବର୍ଷ ପାଞ୍ଚଶହ ଲକ୍ଷ ଲୋକ ଡେଙ୍ଗୁଜ୍ୱରରେ ଆକ୍ରାନ୍ତ ହେଉଛନ୍ତି ଓ ପାଞ୍ଚଲକ୍ଷ ଲୋକ ଚିକିତ୍ସାଳୟରେ ଭର୍ତ୍ତି ହେଉଛନ୍ତି। ସମଗ୍ର ଦକ୍ଷିଣ ଏସିଆ, ଆଫ୍ରିକା ଓ ଆମେରିକାରେ ଏହି ରୋଗର ପ୍ରାର୍ଦୁଭାବ ଦେଖାଯାଏ। ପୁଣି ସେହି ଦେଶକୁ ଯେଉଁମାନେ ବୁଲିବାକୁ ଯାଆନ୍ତି ସେମାନେ ମଧ ଏ ରୋଗରେ ଆକ୍ରାନ୍ତ ହେବାର ସମ୍ଭାବନା ଅଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପରିସଂଖ୍ୟାନ ଅନୁଯାୟୀ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ପ୍ରତି ବର୍ଷ ବଢ଼ିବାରେ ଲାଗିଛି। ୧୯୯୦ରୁ ୧୯୯୯ ମଧ୍ୟରେ ପ୍ରତିବର୍ଷ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ୪.୭ଲକ୍ଷ ଥିଲାବେଳେ ୨୦୦୦ରୁ ୨୦୦୫ ମଧରେ ଏହି ସଂଖ୍ୟା ପ୍ରାୟ ଦୁଇଗୁଣ ବଢ଼ି ୯.୨ ଲକ୍ଷ ହୋଇଛି। ଏହି ଜ୍ୱର ଏଡ଼ିସ୍ ମଶା କାମୁଡ଼ିବା ଦ୍ୱାରା ହୋଇଥାଏ। ମ୍ୟାଲେରିଆ ଓ ଡେଙ୍ଗୁ ଉଭୟେ ମଶା ଦ୍ୱାରା ସଂକ୍ରମିତ ହୁଏ। ଏହି ଜ୍ୱର ଫ୍ଲେଭିଭାଇରସ୍ ଭୂତାଣୁ ଦ୍ୱାରା ହୋଇଥାଏ । ଏହା ଏକ ଆରଏନ୍ଏ ଭୂତାଣୁ ଓ ଏହାର ଜିନୋମ୍ ଏକଧାରାବାହୀ। ସମ୍ପ୍ରତି ଡେଙ୍ଗୁର ଭୟାବହତା ରାଜ୍ୟର କେତେକ ସ୍ଥାନରେ ଦେଖାଯାଇଛି। ଏହି ଭୂତାଣୁକୁ ବହନ କରୁଥିବା ମଶା ହେଉଛି ଏଡ଼ିସ୍ ଇଜିପ୍ଟି ଏବଂ ଏଡ଼ିସ୍ ଆଲ୍‌ବୋପିକ୍‌ଟସ୍ । ଦେଖିବାକୁ କଳା ରଙ୍ଗର ଏବଂ ସେମାନଙ୍କ ଉପରେ ଧଳା ଦାଗ ଥିବାରୁ ଏହି ମଶାକୁ ବାଘୁଆ ମଶା କୁହାଯାଏ । ଏହି ମଶାମାନେ ବିଶେଷକରି ସନ୍ତସନ୍ତିଆ ଜାଗା, ପାଣି ଜମା ହୋଇଥିବା ସ୍ଥାନ ଏବଂ ଆବର୍ଜନା ଜମି ଥିବା ସ୍ଥାନରେ ବଂଶ ବୃଦ୍ଧି କରିଥାନ୍ତି । ଦେଖାଯାଇଥାଏ ଏହି ମଶା କାମୁଡ଼ିବାର ପାଞ୍ଚଛଅ ଦିନ ପରେ ଡେ଼ଙ୍ଗୁର ଲକ୍ଷଣ ଦେଖାଯାଇଥାଏ । ଏହି ଭୂତାଣୁ ଶରୀରରେ ଚାରିରୁ ଦଶଦିନ ପର୍ଯ୍ୟନ୍ତ ରହିଥାଏ । ଡେ଼ଙ୍ଗୁ ଭୂତାଣୁ ଶରୀରର ବିଭିନ୍ନ ଅଙ୍ଗକୁ ଅଚଳ କରିଥାଏ । ଡେଙ୍ଗୁ ଯୋଗୁଁ ରକ୍ତଚାପ କମିଯାଏ, ଶରୀରରେ ପ୍ଲାଟିଲେଟ ହ୍ରାସ ପାଇଥାଏ । ଡେଙ୍ଗୁ ଭୂତାଣୁ ଜଣ୍ଡିସ୍‌ରୋଗ ସୃଷ୍ଟି କରିବାର ସମ୍ଭାବନା ବି ରହିଛି। ଏହା ଯକୃତ, ବୃକକ୍, ଓ ମସ୍ତିଷ୍କ ଉପରେ ପ୍ରଭାବ ପକାଇଥାଏ । କେବଳ ସେତିକି ନୁହେଁ ଡେଙ୍ଗୁ ଯୋଗୁଁ ମଲ୍ଟି ଅର୍ଗାନ ଫେଲୁଅର ହେବାର ସମ୍ଭାବନା ବି ରହିଛି। ଡେଙ୍ଗୁ ଭୂତାଣୁ ଯକୃତ ଉପରେ ବିଶେଷ ପ୍ରଭାବ ପକାଇଥାଏ। ଯକୃତର ଏନ୍‌ଜାଇମ ଗୁଡ଼ିକ ବଢ଼ିଯାଏ। ଜଣ୍ଡିସ୍ ଦେଖାଦିଏ ଓ ଜଣ୍ଡିସ୍ ବଢ଼ିଗଲେ ଯକୃତ ପୁରାପୁରି ଅକାମି ହୋଇଯାଏ। ଏହାକୁ ଏକ୍ୟୁଟ୍ ଲିଭର ଫେଲୁଅର କୁହନ୍ତି। ଏହି ଜ୍ୱରର ଯନ୍ତ୍ରଣା ଦାୟକ ଅବଧି ତିନିଦିନରୁ ଦୁଇସପ୍ତାହ ରହିଥାଏ । କିନ୍ତୁ ବିଶେଷକରି ପାଞ୍ଚଛଅ ଦିନ ପ୍ରାରମ୍ଭିକ ଅବସ୍ଥାରେ ମାଂସପେଷୀ ଓ ଗଣ୍ଠି ବ୍ୟଥା ହୋଇ ଯନ୍ତ୍ରଣାଦାୟକ ହୁଏ। ରୋଗୀର ମୁଣ୍ଡବିନ୍ଧା ଓ ଆଖିର ପଛପଟ ବିନ୍ଧା ହେବା ସହ ଖାଇବା ପ୍ରତି ଆଗ୍ରହ କମିଯାଏ । ଖାଦ୍ୟର ସ୍ୱାଦ ରୋଗୀଟି ଜାଣିବାକୁ ସମର୍ଥ ହୋଇନଥାଏ । କେତେକ ରୋଗୀଙ୍କ କ୍ଷେତ୍ରରେ ମୁହଁ ଲାଲ ଦିଶିଥାଏ । ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଜ୍ୱର ହେବାର ଦିନେ ଦୁଇଦିନ ଭିତରେ ଶରୀରର ବିଭିନ୍ନ ଅଂଶରେ ଲାଲି ରଙ୍ଗର ମିଳିମିଳା ଭଳି ଚାରିଆଡ଼େ ଫଳି ଯାଏ । ରୋଗୀଟିକୁ ଜ୍ୱର ପ୍ରାୟତଃ ଲାଗି ରହିଥାଏ । ନାକରୁ ପାଣି ବୋହିବା ସହ ଖାଦ୍ୟନଳୀରେ ଯନ୍ତ୍ରଣା ଦେଖାଯାଏ ଏବଂ ବେଳେବେଳେ ପତଳା ଝାଡ଼ା ମଧ ହୋଇଥାଏ । ଦେହରୁ ଯଥେଷ୍ଟ ପରିମାଣରେ ଝାଳ ବୋହିବା ଦ୍ୱାରା ରୋଗୀ ଜଣଙ୍କ ଅତ୍ୟନ୍ତ ଦୁର୍ବଳ ଅନୁଭବ କରିଥାନ୍ତି । ଏହି ସମ୍ବେଦନଶୀଳ ରୋଗ ହୋଇଥିଲେ ଏ କ୍ଷେତ୍ରରେ ସତର୍କତା ଅବଲମ୍ବନ କରିବା ଜରୁରୀ । ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ଡେଙ୍ଗୁର ପାର୍ଦୁଭାବକୁ ଚାରିଟି କ୍ରମରେ ବିଭକ୍ତ କରିଛନ୍ତି । ଏହି କ୍ରମ ଗୁଡ଼ିକ ହେଲା - ଜ୍ୱର ସହିତ କିଛି କ୍ଷେତ୍ରରେ ବାନ୍ତି ହେବା ସହ ନିଦ୍ରା ହୋଇନଥାଏ । ରୋଗୀଟି ପ୍ରାୟତଃ ଅସ୍ଥିର ରହି ଦୀର୍ଘ ସମୟ ଧରି କାନ୍ଦି ଥାଏ । ନିଶ୍ୱାସ ନେବାରେ କଷ୍ଟ ହେବା ସହ ଦ୍ୱିତୀୟ କ୍ରମରେ ଶରୀରର ନାକ, ପାଟି, ଦାନ୍ତମାଢ଼ିରୁ ରକ୍ତସ୍ରାବ ହୋଇଥାଏ । ତୃତୀୟ କ୍ରମରେ ରକ୍ତଚାପ କମିଯିବା ସହ ନାଡ଼ିର ଗତି ଦୁର୍ବଳ ହୋଇଥାଏ । ଚତୁର୍ଥ କ୍ରମରେ ନାଡ଼ିର ସ୍ପନ୍ଦନ ଜଣା ନପଡ଼ିଲେ ଏବଂ ରକ୍ତଚାପ କମିଗଲେ ଏହା ନିୟନ୍ତ୍ରଣ ବାହାରକୁ ଚାଲିଯିବାର ଭୟ ବି ରହିଥାଏ । ଏହାକୁ ଯଥାକ୍ରମେ ଡେଙ୍ଗୁ ଜ୍ୱର ଓ ଡେଙ୍ଗୁ ରକ୍ତଜ୍ୱର ଓ ଡେଙ୍ଗୁ ସକ୍‌ସିଣ୍ଡ୍ରୋମ କୁହାଯାଏ। ଲିଭର ସଂକ୍ରମଣ ସାଧାରଣତଃ ମହିଳା ଓ ଶିଶୁମାନଙ୍କ ଠାରେ ବିଶେଷ ଭାବେ ଦେଖାଦିଏ ଏବଂ ଏମାନଙ୍କ କ୍ଷେତ୍ରରେ ଡେଙ୍ଗୁର ପ୍ରାର୍ଦୁଭାବ ବେଶୀ। ଡାଇବେଟିସ୍, ଆଜ୍‌ମା, କ୍ରୋନିକ୍ ଲିଭର ଡିଜିସ୍ ଓ ଅନ୍ୟାନ୍ୟ ରୋଗୀଙ୍କୁ ଡେଙ୍ଗୁ ହେଲେ ଡେଙ୍ଗୁର ପ୍ରାର୍ଦୁଭାବ ବିଶେଷ ଭାବେ ଉପଲବ୍ଧି ହୁଏ। ଯକୃତ ଆକ୍ରାନ୍ତ ହେଲେ ପେଟ ବ୍ୟଥା ହୁଏ, ଭୋକ କମିଯାଏ, ବାନ୍ତି ହୁଏ, ପେଟରେ ଓ ଛାତିରେ ପାଣି ଜମିଯାଏ। ଯକୃତ ଫୁଲିଯାଏ ଓ ବେଳେ ବେଳେ ବ୍ରେନ୍ ଓ ହୃତ୍‌ପିଣ୍ଡ ମଧ ଆକ୍ରାନ୍ତ ହୁଏ। ଏହି ଭୂତାଣୁ ସିଧାସଳଖ ଲିଭରକୁ ଆକ୍ରମଣ କରନ୍ତି। ବେଳେ ବେଳେ ରୋଗପ୍ରତିରୋଧକ ଶକ୍ତିର ପରିବର୍ତ୍ତନ ଯୋଗୁଁ ମଧ ଲିଭର କୋଷ ଆକ୍ରାନ୍ତ ହୁଏ। ଦେହରେ ଆଲବୁମିନ୍ କମିଯାଏ ଓ ଦେହ ହାତ ଫୁଲିଯାଏ। ରକ୍ତଜମାଟ ବାନ୍ଧିବା ପଦ୍ଧତି ବା ସ୍କନ୍ଦନରେ ମଧ ତ୍ରୁଟି ଦେଖାଦିଏ। ଯକୃତ ଖରାପ ହେବା ଯୋଗୁଁ ଶରୀରରେ ସ୍କନ୍ଦନ ଉପାଦାନ କମିଯାଏ ଓ ରକ୍ତ ଜମାଟ ବାନ୍ଧି ନପାରି ବିଭିନ୍ନ ଅଂଶରେ ବ୍ଲିଡ଼ିଂ ବା ରକ୍ତସ୍ରାବ ହୁଏ।

ଯଦିଓ ଏହା ଏକ ଭୟାବହ ରୋଗ କିନ୍ତୁ ଅଧିକାଂଶ କ୍ଷେତ୍ରରେ ରୋଗୀମାନେ ଆରୋଗ୍ୟ ଲାଭ କରନ୍ତି। ଏହି ରୋଗର ଲକ୍ଷଣ ଅନୁଯାୟୀ ଚିକିତ୍ସା କରାଯାଏ। ଶରୀରରେ ପ୍ଲାଟିଲେଟ ଓ ସ୍କନ୍ଦନ ଉପାଦାନ କମିଗଲେ ରୋଗୀକୁ ପ୍ଲାଟିଲେଟ ଦିଆଯାଏ। ବେଳେ ବେଳେ ଆଲବୁମିନ୍ ମଧ ଦେବାକୁ ପଡ଼େ। ଜଣ୍ଡିସ୍ ରୋଗର ଚିକିତ୍ସା ମଧ କରିବାକୁ ପଡ଼ିଥାଏ। ବାନ୍ତି, ଜ୍ୱର ଓ ଡିହାଇଡ୍ରେସନ୍ ହେଲେ ତଦନୁଯାୟୀ ଚିକିତ୍ସା କରିବାକୁ ପଡ଼େ। ବେଳେ ବେଳେ ଗୁରୁତର ରୋଗୀଙ୍କୁ ଆଇସିୟୁରେ ମଧ ରଖାଯାଏ। ଯକୃତ ଅକାମି ହେଲେ ଭେଣ୍ଟିଲେସନ୍‌ର ମଧ ଆବଶ୍ୟକତା ରହିଛି। ଡେଙ୍ଗୁ ଆକ୍ରାନ୍ତ ହେଲେ ତୁରନ୍ତ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ । ବିଶେଷ ଭାବରେ ଭୟଭୀତ ନହୋଇ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ହସ୍‌ପିଟାଲରେ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ । ଘର ପରିବେଶରେ ଅଳିଆ ଆବର୍ଜନାକୁ ତୁରନ୍ତ ସଫା କରନ୍ତୁ । ଦୀର୍ଘ ଦିନ ଧରି ଜମି ରହିଥିବା ଜଳୀୟଆବର୍ଜନାର ନିଷ୍କାସନ ବ୍ୟବସ୍ଥା କରନ୍ତୁ । ମଶା ମାରିବା ପାଇଁ ତୁରନ୍ତ ସ୍ପ୍ରେ ବ୍ୟବସ୍ଥା ଏବଂ ସନ୍ଧ୍ୟାରେ ମଶା ଧୂଆଁ ଦିଅନ୍ତୁ । ପରିବାରରେ ସମସ୍ତେ ମଶାରୀ ଟାଙ୍ଗି ଶୋଇବା ଖୁବ୍ ଭଲ । ଘରେ ଥିବା ଛୋଟ ପିଲାମାନଙ୍କୁ ଫୁଲ୍ ହାତ ଓ ଫୁଲ୍ ଗୋଡ଼ ପର୍ଯ୍ୟନ୍ତ ଲମ୍ବା ପ୍ୟାଣ୍ଟ ସାର୍ଟ ପିନ୍ଧାନ୍ତୁ । ଧୂଳି, ଧୂଆଁ ଓ ଆବର୍ଜନା ଠାରୁ ରୋଗୀଟିକୁ ଦୂରେଇ ରଖନ୍ତୁ । ଗରମ ଖାଦ୍ୟ ଖାଇବାକୁ ଦେବା ସହ ନିର୍ଦ୍ଧାରିତ ସମୟ ବ୍ୟବଧାନରେ ଯଥେଷ୍ଟ ପରିମାଣରେ ରୋଗୀଟିକୁ ପିଇବା ପାଣି ଦିଅନ୍ତୁ । ତାଙ୍କର ପିନ୍ଧିବା ଲୁଗାପଟା ଠାରୁ ସେ ବିଶ୍ରାମ ନେଉଥିବା ବିଛଣା ପତ୍ର ମଧ ଭଲଭାବରେ ସଫାସୁତୁରା ହୋଇ ଖରାରେ ଶୁଖାଇବା ଜରୁରୀ । ଗାଧୋଇବା ସମୟରେ ପରିଷ୍କାର ପରିଚ୍ଛନ୍ନ କରି ବିଶୋଧିତ ଜଳରେ ପିଲାଟିକୁ ସ୍ନାନ କରାନ୍ତୁ । ରୋଗୀଟିକୁ ଭଲ ଭାବରେ ଯେପରି ନିଦ ହୁଏ ସେଥିପ୍ରତି ଯତ୍ନବାନ ହୁଅନ୍ତୁ । ପରିବେଶର ସ୍ୱଚ୍ଛତା ଓ ପରିଷ୍କାର ପରିଚ୍ଛନ୍ନ ଉପରେ ଡେଙ୍ଗୁର ନିରାକରଣ ନିର୍ଭର କରେ। ଡ୍ରେନ୍ ମାନଙ୍କରେ ମଶାମରା ଔଷଧ ଓ ମଶା ଧୂଆଁ ଦେବାର ବନ୍ଦୋବସ୍ତ ହେଲେ ଭଲ। ଶିଳ୍ପାଞ୍ଚଳ ଓ ଖଣିଖାଦାନରେ ପାଣି ନ ଜମିବା ଓ ବୃକ୍ଷରୋପଣ ଇତ୍ୟାଦିର ବନ୍ଦୋବସ୍ତ କଲେ ମଶାମାନେ ବଢ଼ିପାରିବେ ନାହିଁ। ସ୍ୱଚ୍ଛ ଭାରତ ଯୋଜନାର ଉପଯୁକ୍ତ ରୂପାୟନରେ ଡେଙ୍ଗୁର ନିରାକରଣ ହୋଇପାରିବ। ଡେଙ୍ଗୁ ପାଇଁ ସମ୍ପ୍ରତି ସରକାର ଗ୍ରାମାଞ୍ଚଳର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଠାରୁ ଜିଲ୍ଲାସ୍ତରୀୟ ହସ୍‌ପିଟାଲ ଏବଂ ବଡ଼ ମେଡ଼ିକାଲ ସବୁଠି ପର୍ଯ୍ୟାପ୍ତ ବ୍ୟବସ୍ଥା କରିଛନ୍ତି। ରୋଗୀମାନଙ୍କୁ ମାଗଣାରେ ଚିକିତ୍ସା ଯୋଗାଇ ଦେବା ପାଇଁ ମାନ୍ୟବର ସ୍ୱାସ୍ଥ୍ୟମନ୍ତ୍ରୀ ଡାକ୍ତରଖାନା ପରିଦର୍ଶନ କରି ସମସ୍ତ ପ୍ରକାର ଆନୁସଙ୍ଗିକ ଚିକିତ୍ସା ବ୍ୟବସ୍ଥା କରିଛନ୍ତି। ସ୍ୱାସ୍ଥ୍ୟକର୍ମୀଙ୍କ ଦ୍ୱାରା ବିଭିନ୍ନ ସଚେତନଧର୍ମୀ ସୂଚନା ପ୍ରଦାନ ସହ ଡ୍ରେନ୍‌ରେ ମଶା ତେଲ ଓ ସନ୍ଧ୍ୟାବେଳେ ମଶାଧୂଆଁର ବ୍ୟବସ୍ଥା କରାଯାଇଛି

ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ
ଦୂରଭାଷ : ୯୪୩୭୦୫୧୯୫୭

# ‘ମା’ର ଏକ ବିଶ୍ଳେଷଣ

॥ ଅନୀତା ପଟ୍ଟନାୟକ ॥

ଢ଼ିଙ୍କିଶାଳରୁ ଢ଼େଙ୍କାନାଳ ନାମକ ଏକ ସଂସ୍ଥା ଥରେ ସାଧୁସନ୍ଥ ମାନଙ୍କର ଏକ ସମ୍ମିଳନୀ ଡାକିଲେ। ପରେ ପରେ ପାଶ୍ଚାତ୍ୟ ସଭ୍ୟତାର ପ୍ରଭାବରେ ନାରୀମାନେ ପୁରୁଷପରି ବ୍ୟବହାର କରିବା, ବ୍ୟଭିଚାର ବଳାତ୍କାର, ନାରୀ ଜାତି ପ୍ରତି ଅସମ୍ମାନ, ଘୃଣାଭାବ ଏହି ସଂସ୍ଥାଟିକୁ ବ୍ୟଥିତ କରୁଥିବାରୁ ସେମାନେ ସାଧୁସନ୍ଥଙ୍କର ସମ୍ମିଳନୀ ଡାକିବା ପାଇଁ ସ୍ଥିର କଲେ। ଭବ୍ୟସଭାର ଆୟୋଜନ କରାଗଲା ସହରର ମାନଗଣ୍ୟ ବ୍ୟକ୍ତି, ସ୍ତ୍ରୀ ପୁରୁଷ ଉଭୟେ ଏ ସଭାରେ ଯୋଗ ଦେଇଥିଲେ। ପ୍ରଥମ ଦିନର ବ୍ୟକ୍ତା ଥିଲେ ସ୍ୱାମୀ ପ୍ରେମାନନ୍ଦ। ସେ କହିଲେ ପୃଥିବୀରେ ମାର ପ୍ରେମ ଠାରୁ ଆଉ କିଛି ବଡ଼ ନୁହେଁ। ପ୍ରେମରୁ ଜ୍ଞାନ ଜାଗ୍ରତ ହୁଏ। ପ୍ରକୃତ ଜ୍ଞାନରୁ ଧର୍ମ ଭାବ ଆସେ। ତାହା ହିଁ ମନୁଷ୍ୟର ପ୍ରକୃତ ସମ୍ପତ୍ତି। ପ୍ରେମ ଦ୍ୱାରା ମନୁଷ୍ୟ ସତ୍ୟକୁ ଉପଲବ୍ଧି କରିଥାଏ। ମଣିଷ କିଛି ତା ଜୀବନରେ ଅନେକ କିଛି ସୁଖ ମାଆ ଦ୍ୱାରା ପାଇଥାଏ। ସନ୍ନ୍ୟାସୀ ବ୍ରହ୍ମାନନ୍ଦ କହିଲେ ‘ରାମ କୌଶଲ୍ୟାଙ୍କ ପରି ମାଙ୍କ ଯୋଗୁଁ ଦିବ୍ୟତ୍ୱ ହାସଲ କରିଥିଲେ। ଲବକୁଶ ସୀତା ଦେବୀଙ୍କ ଯୋଗୁ ବୀର ହୋଇପାରିଥିଲେ। ମା ଜୀବନ ସାରା ପିଲାମାନଙ୍କର ମଙ୍ଗଳ କାମନା କରିଥାଏ। ତେଣୁ ପ୍ରତ୍ୟେକ ପିଲା ମାକୁ ଭଲପାଇବା ଉଚିତ।’

ସ୍ୱାମୀ ସୁଧାନନ୍ଦ କହିଲେ ପୃଥିବୀରେ ମହାନ ପୁରୁଷମାନେ ମାଙ୍କର ଆଶୀର୍ବାଦ ଯୋଗୁ ମହାନ କାର୍ଯ୍ୟ କରିଛନ୍ତି। ମା ଗୌରୀଙ୍କର ଆଶୀର୍ବାଦ ନେଇ କାର୍ତ୍ତିକେୟ ତାରକାସୁର ପରି ଅସୁର ସହିତ ଯୁଦ୍ଧକରି ବିଜୟ ଲାଭ କରିଥିଲେ। ପରଶୁରାମ ଶତ୍ରୁ ମାନଙ୍କ ସହ ଯୁଦ୍ଧ କରିବା ପୂର୍ବରୁ ମାଆଙ୍କର ଆଶୀର୍ବାଦ ଭିକ୍ଷା କରିଥିଲେ। ବିନୀତା ତାଙ୍କ ପୁତ୍ର ଗରୁଡ଼କୁ ଆଶୀର୍ବାଦ କରିଥିଲେ। ସବୁ ମା ମାନେ ଆଶୀର୍ବାଦ ଦେବା ପୂର୍ବରୁ କହିଥାନ୍ତି ଶ୍ରୀରାମ ରକ୍ଷ। ଗାନ୍ଧାରୀ ଜାଣିଥିଲେ ତାଙ୍କର ପୁତ୍ର ଦୁର୍ଯ୍ୟୋଧନ ଧର୍ମ ମାର୍ଗରେ ରହି ନଥିଲା ଯୋଗୁଁ ବିଜୟ ଲାଭ କରିପାରିବ ନାହିଁ ତେଣୁ ସେ ଆଶୀର୍ବାଦ ସୂଚକ ଭାଷା ବ୍ୟବହାର କରି କହିଥିଲେ ‘ଅକ୍ଷୟ ହେଉ ପୂଣ୍ୟ ଜଗତେ ଧର୍ମର ହେଉ ଜୟ’।

ଏଥର ନିଶ୍ଚଳାନନ୍ଦ କହିଲେ ଶଙ୍କରାଚାର୍ଯ୍ୟ ହୃଦୟଙ୍ଗମ କରିଥିଲେ ଯେଉଁ ପୁତ୍ର ମାର ସ୍ନେହ ପାଇ ଜୀବନର ଲକ୍ଷ୍ୟର ପ୍ରକୃତ କାର୍ଯ୍ୟରେ କୃତକାର୍ଯ୍ୟ ହେବ ସେ ପାପତାପ ଗ୍ରସ୍ତ ସଂସାରରୁ ମୁକ୍ତି ପାଇ ପୁନର୍ଜନ୍ମରୁ ମୁକ୍ତ ହେବ। ତେଣୁ ମାତୃଭକ୍ତି ପାଇଁ ହୃଦୟରେ ସ୍ଥାନ ରହିବା ଉଚିତ। କୀର୍ତ୍ତିନନ୍ଦ ଯେ କି ଶ୍ରୀରାମଙ୍କ ଭକ୍ତ ଥିଲେ ସେ କହିଲେ ‘ରାମଙ୍କ ଆଡ଼କୁ ବାଣ ଉଠାଇବା ପୂର୍ବରୁ ଲବକୁଶ ପ୍ରାର୍ଥନା କରିଥିଲେ ତାଙ୍କର ମା ଯଦି ସାଧ୍ୱୀ ହୋଇଥିବେ ତେବେ ବୀରପୁରୁଷ ଅଚେତ ହୋଇଯିବେ ଏବଂ ତାହା ହିଁ ହୋଇଥିଲା। ଲବକୁଶ ବାଣ ନିକ୍ଷେପ କରିବା କ୍ଷଣି ଶ୍ରୀରାମ ଅଚେତ ହୋଇ ପଡ଼ିଥିଲେ। ଏଥିରୁ ମାକୁ ସ୍ମରଣ କରିବାର ଶକ୍ତି କେତେ ତାହା ଅନୁମେୟ। ଏଥର ଜ୍ଞାନାନନ୍ଦ କହିଲେ ‘ପୂର୍ବରୁ ମାତା ମତାକି ତାଙ୍କର ସନ୍ତାନ ଧର୍ମମାର୍ଗରେ ପରିଚାଳିତ ହେଲେ ଖୁସି ହେଉଥିଲେ। କାରଣ ସେମାନଙ୍କର ସନ୍ତାନମାନେ ଭଗବାନଙ୍କ ପ୍ରତି ଅନୁଗତ ହୋଇ ଭଲ ମଣିଷ ହୋଇପାରିବେ ବୋଲି ଚିନ୍ତା କରୁଥିଲେ। କିନ୍ତୁ ବର୍ତ୍ତମାନ ସେପରି ଦେଖାଯାଉନାହିଁ। ପୂର୍ବରୁ ମା ମାନେ ପିଲାମାନଙ୍କୁ ଠିକ ରାସ୍ତାରେ ଚାଲିବାର ଉପଦେଶ ଦେଉଥିଲେ। ଏଥର ସନ୍ଥ ପଦ୍ମପାଦଙ୍କ ପାଳି ପଡ଼ିଲା। ସେ କହିଲେ ଆର୍ଯ୍ୟାମା ଶଙ୍କରଙ୍କୁ ପ୍ରତିଶ୍ରୁତି ଦେଇଥିଲେ ମାର ଆଶୀର୍ବାଦ ଫଳରେ ତାଙ୍କ ଜୀବନର ସମସ୍ତ ଶୂନ୍ୟସ୍ଥାନ ପୂରଣ ହୋଇପାରିବ। ଶଙ୍କରାଚାର୍ଯ୍ୟ ଦେବୀଙ୍କ କୃପାରୁ ତାଙ୍କ ଜୀବନର ସମସ୍ତ ଶୂନ୍ୟସ୍ଥାନ ପୂରଣ କରିପାରିଥିଲେ। ସାଧ୍ୱୀ ଋତଚାରା କହିଲେ ମାର ପ୍ରେମ ଗୋଟିଏ ସାଧାରଣ ଘରକୁ ଗୃହରେ ପରିଣତ କରେ। ଆମେ ଯେଉଁଠାରେ ବୁଲୁ ନା କାହିଁକି ଆମର ପରିଚୟ ଯାହା ହେଉନା କାହିଁକି ମା ଯୋଗୁ ତିଆରି ହୋଇଥିବା ଗୃହଟି ସଦା ସ୍ମରଣୀୟ ହୋଇରହେ। ମାର ଧୈର୍ଯ୍ୟ ପିଲାଟିକୁ ଠିକ ଭାବରେ ଗଢ଼ି ତୋଳେ। ତାର ହସ ହସ ମୁହଁ ଓ ସାହାସିକତା ଏକ ଅନ୍ଧକାର ଦିନକୁ ଆଲୋକରେ ଭରିଦିଏ। ଏଥର ପଡ଼ିଲା ଅଦଭୁତାନନ୍ଦଙ୍କର ପାଳି ସେ କହିଲେ ଆଜିର ସଭାର ଉଦ୍ଦେଶ୍ୟରୁ ଆମେ ବାହାରି ଯାଉଚେ ଓ ମାର ଗୁଣଗାନ କରୁଛେ। ସଭାର ଉଦ୍ଦେଶ୍ୟ ହେଉଛି କିପରି ବ୍ୟଭିଚାର, ବଳାତ୍କାର, ନାରୀ ଜାତି ପ୍ରତି ଅସମ୍ମାନ କମିବ ସେ ବିଷୟରେ ଆଲୋଚନା କରିବା। ସେ କହିଲେ ମୁଁ ପଚାରୁଛି ‘ଯଦି ସବୁ ସ୍ତ୍ରୀଲୋକ ମାନେ କର୍ମଜୀବୀ ହୋଇଯିବେ ତେବେ ଘରେ ରହିବ କିଏ? ଯଦି ସ୍ୱାମୀ ସ୍ତ୍ରୀ ଉଭୟେ କର୍ମକ୍ଷେତ୍ରକୁ ଯିବେ ତେବେ ଘର ସମ୍ଭାଳିବ କିଏ? ଯଦି ସ୍ତ୍ରୀଲୋକମାନେ ଅନ୍ୟର ପିଲାମାନଙ୍କୁ ପଢ଼ାଇବା ପାଇଁ ସ୍କୁଲକୁ ଯାଆନ୍ତି ତେବେ ନିଜ ପିଲାଙ୍କୁ ପଢ଼ାଇବ କିଏ? ହାତରେ ପୁସ୍ତକ ଧରି ସ୍ତ୍ରୀଲୋକ ମାନେ ଯଦି ପୁରୁଷ ମାନଙ୍କ ପରି ବାହାରକୁ ଯାଆନ୍ତି ତେବେ ରୋଷେଇ କାର୍ଯ୍ୟ କରିବ କିଏ? ଆର୍ଥିକ ଅବସ୍ଥାରେ ସ୍ତ୍ରୀଲୋକମାନେ ସ୍ୱଚ୍ଛଳତା ଆଣିଲେ ମଧ ସ୍ତ୍ରୀର ଶୂନ୍ୟ ସ୍ଥାନକୁ ପୂରଣ କରିବ କିଏ? ସ୍ତ୍ରୀଲୋକମାନେ କର୍ମକ୍ଷେତ୍ରକୁ ଗଲେ ସୁଖୀ ସଂସାର ସ୍ୱପ୍ନ ହୋଇଯିବ କି? ପଛ ପଟରୁ ଘୋର ପାଟି ତୁଣ୍ଡ ହେବାରୁ ଅଦଭୂତାନନ୍ଦଙ୍କ ପ୍ରବଚନ ବନ୍ଦ କରିବାକୁ ପ୍ରଯୋଜକ ବାଧ ହେଲେ। ଏଥର ଆନନ୍ଦାନନ୍ଦ କହିଲେ ମୋର ଗଭୀର ଚିନ୍ତା ସନ୍ତାନର ଗଭୀର ଭାବେ କ୍ଷତବିକ୍ଷତ ହୃଦୟକୁ ସଜାଡ଼ି ପାରେ। ମାର ଜ୍ଞାନକୌଶଳ ଓ ସହନଶୀଳତା ପୁତ୍ରର ଛୋଟ ହୃଦୟକୁ ବଦଳାଇଥାଏ। ମାର ଦୟାଭାବ ଆମର ଭୁଲକୁ କ୍ଷମା କରିଥାଏ। ଅସୁବିଧାରେ ମା ପିଠି ଆପୁଡ଼େଇ ଦେଇ ମୁଣ୍ଡକୁ ନୁଆଁଇ ଭଗବାନଙ୍କୁ ପ୍ରାର୍ଥନା କରେ। ମାର ଜ୍ଞାନ ପ୍ରକୃତରେ କଣ ଆମେ ଚାହିଁ ତାହା ବୁଝାଇ ଦେଇଥାଏ।





## କୋଡିଙ୍ଗାମାଳି ବକ୍ସାଇଟ୍ ମାଇନ୍ସରେ ସିକ୍ୟୁରିଟି ଗାର୍ଡଙ୍କ ଏକତାର ବିଜୟ: ୟୁନିଅନ୍‌କୁ ମିଳିଲା ସରକାରୀ ମାନ୍ୟତା

ଲକ୍ଷ୍ମୀପୁର, (ମହାଭାରତ) : କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ କୋଡିଙ୍ଗାମାଳି ବକ୍ସାଇଟ୍ ମାଇନ୍ସ ଅଞ୍ଚଳରେ କାର୍ଯ୍ୟରତ ସିକ୍ୟୁରିଟି ଗାର୍ଡମାନଙ୍କ ଦୀର୍ଘଦିନର ସଂଘର୍ଷ ଶେଷରେ ସଫଳତାର ମୁହଁ ଦେଖିଛି। କୋଡିଙ୍ଗାମାଳି ବକ୍ସାଇଟ୍ ମ୍ୟାନେଜମେ□ ମାଇନ୍ସ କୁ ସରକାରୀ ଭାବେ ସ୍ୱୀକୃତି ମିଳିବା ସହିତ ଗାର୍ଡମାନଙ୍କ ମଧ୍ୟରେ ନୂତନ ଆଶା ଓ ଉତ୍ସାହର ସୃଷ୍ଟି ହୋଇଛି। ୨୦୨୩ ଫେବୃଆରୀ ୫ ତାରିଖରେ ଆରମ୍ଭ ହୋଇଥିବା ଏହି ୟୁନିଅନ ଗଠନ ପ୍ରୟାସ, ୨୦୨୬ ଏପ୍ରିଲ ୧୫ ତାରିଖରେ ସରକାରୀ ସର୍ଟିଫିକେଟ୍ ପାଇ ସଫଳତାର ସିଢ଼ି ଚଢ଼ିଛି। ଏହି ୟୁନିଅନର ମୂଳ ଲକ୍ଷ୍ୟ ହେଉଛି ସିକ୍ୟୁରିଟି ଗାର୍ଡମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା, କାର୍ଯ୍ୟ ପରିବେଶର ସୁଧାର ଆଣିବା ସହ ତାଙ୍କ ସମଗ୍ର କଲ୍ୟାଣକୁ ଆଗକୁ ନେବା। ନୂତନ ଗଠିତ କାର୍ଯ୍ୟକାରିଣୀ ସମିତିରେ ମୋହନ ଦାସ ଖୋସ୍ଲାଙ୍କୁ ଅଧ୍ୟକ୍ଷ, ବାଲ୍ୟା ଖୋସ୍ଲାଙ୍କୁ ଉପାଧ୍ୟକ୍ଷ, ଏଥନ କୁମାର ଖୋସ୍ଲାଙ୍କୁ ସଚିବ ଓ ଅଜିତ କୁମାର ଖୋରାଙ୍କୁ ଉପ-ସଚିବ ଭାବେ ଦାୟିତ୍ୱ ଦିଆଯାଇଛି। ସେଥିପାଇଁ ସ୍ଥାନୀୟ ବିଧାୟକ ପବିତ୍ର ସାଉଁତା ଓ କୈଳାସ ଚନ୍ଦ୍ର ଖୋସଲା (ଏମପି ପ୍ରତିନିଧି) ଆଡଭାଇଜର ଭାବେ ଯୋଗଦେଇଥିବାବେଳେ, ଆଇନ ପରାମର୍ଶଦାତା ଭାବେ ରୂପକ କୁମାର ତୁରୁକଙ୍କୁ ନିଯୁକ୍ତ କରାଯାଇଛି। ଏହାସହ ୧୦ ଜଣ ଏକ୍ସିକ୍ୟୁଟିଭ ସଦସ୍ୟ ୟୁନିଅନର କାର୍ଯ୍ୟକୁ ସୁଚାରୁ ଭାବେ ଚାଲାଇବେ। ୟୁନିଅନ ପକ୍ଷରୁ କୁହାଯାଇଛି ଯେ, ଗାର୍ଡମାନଙ୍କ ନ୍ୟାୟସଙ୍ଗତ ଦରମା, ସୁରକ୍ଷିତ କାର୍ଯ୍ୟ ପରିବେଶ ଓ ବିଭିନ୍ନ କଲ୍ୟାଣମୂଳକ ସୁବିଧା ପ୍ରଦାନ ପାଇଁ ଆଗାମୀ ଦିନରେ ଦୃଢ଼ ପଦକ୍ଷେପ ଗ୍ରହଣ କରାଯିବ। ଏହାସହ ଗାର୍ଡମାନଙ୍କ ସମସ୍ୟାକୁ ଉଚ୍ଚ ସ୍ତରରେ ଉଠାଇ ସମାଧାନ ପାଇଁ ଲଗାତାର ପ୍ରୟାସ ଚାଲିଥିବା ଉଲ୍ଲେଖ କରାଯାଇଛି। ୟୁନିଅନର ସରକାରୀ ସ୍ୱୀକୃତିକୁ ସିକ୍ୟୁରିଟି ଗାର୍ଡମାନଙ୍କ ପାଇଁ ଏକ ଐତିହାସିକ ସଫଳତା ବୋଲି ଦେଖାଯାଉଛି, ଯାହା ତାଙ୍କ ସୁରକ୍ଷା ଓ ଅଧିକାର ସୁରକ୍ଷଣରେ ନୂତନ ଦିଗ ଦେଖାଇବ।

## ବେକରେ ଗାମୁଛା ଲଗାଇ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କ ଆତ୍ମହତ୍ୟା

ଉମରକୋଟ, (ମହାଭାରତ) : ନବରଙ୍ଗପୁର ଜିଲ୍ଲା ଉମରକୋଟ ଭାମିନି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସର ହଷ୍ଟେଲ ଭିତରେ ଜଣେ ଛାତ୍ର ଆତ୍ମହତ୍ୟା କରିଛନ୍ତି । ଛାତ୍ର ଜଣକ ବଡ଼ କୁମାରୀ ଗ୍ରାମ ର ପରମେଶ୍ୱର ଭତ୍ରା ଙ୍କ ପୁଅ ପ୍ରଶାନ୍ତ ଭତ୍ରା। ପ୍ରଶାନ୍ତ ଗତ ସୋମବାର ଦିନ ବିଦ୍ୟାଳୟ ରେ ନାମ ଲେଖି ହଷ୍ଟେଲ ରେ ରହିଥିଲେ । ସେ ପୂର୍ବରୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଉମରକୋଟ ରେ ପଢୁଥିଲା। କିନ୍ତୁ ଚଳିତ ବର୍ଷ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ରୁ ବାହାରି ଅଷ୍ଟମ ଶ୍ରେଣୀ ରେ ଭାମିନୀ ଉଚ୍ଚ ବିଦ୍ୟାଳୟ ରେ ନାମ ଲେଖାଇଥିଲେ । ତେବେ ଗତ ରାତି ରେ ହଷ୍ଟେଲ ଭିତରେ ନିଜ ଗାମୁଛା କୁ ବେକରେ ଲଗାଇ ଆତ୍ମହତ୍ୟା କରିଛି । ବିଦ୍ୟାଳୟ ପକ୍ଷରୁ ପୋଲିସ କୁ ଖବର ଦିଆ ଯାଇଛି । ତେବେ କୋଉ କାରଣ ରୁ ଛାତ୍ର ଜଣକ ଆତ୍ମା ହତ୍ୟା କରିଛି ତାହା ସ୍ପଷ୍ଟ ହୋଇନାହିଁ । ପୋଲିସ୍ ର ତଦନ୍ତ ଜାରି ରହିଛି ।

## ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ : ଡି.ଏ.ଭି. ପବ୍ଲିକ୍ ସ୍କୁଲ, ପାରାଦ୍ୱୀପ ପୋର୍ଟର ଛାତ୍ରଛାତ୍ରୀଙ୍କ ଉଲ୍ଲେଖନୀୟ ସଫଳତା




ପାରାଦ୍ୱୀପ, (ମହାଭାରତ): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ(ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷା ଫଳ ତା-୧୫.୦୪.୨୦୨୬ ରିଖ ରେ ପ୍ରକାଶିତ ହୋଇଅଛି ଓ ଡି.ଏ.ଭି. ପବ୍ଲିକ୍ ସ୍କୁଲ, ପାରାଦ୍ୱୀପ ପୋର୍ଟ ର ଛାତ୍ରଛାତ୍ରୀ ମାନେ ପୂର୍ବବର୍ଷମାନଙ୍କ ପରି ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି ଏବଂ ଶତ ପ୍ରତିଶତ ସଫଳତା ହାସଲ କରି ବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି । ଦଶମ ଶ୍ରେଣୀର ୭୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୧୨ ଜଣ ଛାତ୍ରଛାତ୍ରୀ ୯୦% ରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି ଏବଂ ୩୦ ଜଣ ଛାତ୍ରଛାତ୍ରୀ ୮୦% ରୁ ଅଧିକ ଓ ୪୧ ଜଣ ଛାତ୍ରଛାତ୍ରୀ ୭୦% ରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି । ପ୍ରିୟଙ୍କା ରାଉତ ସର୍ବାଧିକ ୯୭.୨% ପ୍ରତିଶତ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଆଦ୍ୟାଶା ପ୍ରିୟଦର୍ଶିନୀ ଦାସ ୯୬.୮% ଓ ପ୍ରିତିଶା ପ୍ରିୟଦର୍ଶିନୀ ସାହୁ ୯୬.୬% ରଖି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ବିଦ୍ୟାଳୟର ଖ୍ୟାତି ବଢ଼ାଇଛନ୍ତି । ଗଣିତ, ଓଡ଼ିଆ ସାହିତ୍ୟ ଏବଂ ସଂସ୍କୃତରେ ଏକାଧିକ ଛାତ୍ରଛାତ୍ରୀ ପୂର୍ଣ୍ଣସଂଖ୍ୟା ୧୦୦ ନମ୍ବର ଲେଖାଏଁ ରଖିଛନ୍ତି ଓ ବିଦ୍ୟାଳୟର ଏହି ଉଲ୍ଲେଖନୀୟ ସଫଳତା ପ୍ରଦର୍ଶନ ନିମନ୍ତେ ଅଧ୍ୟକ୍ଷା ଗୀତାଞ୍ଜଳି ହୋତା ସନ୍ତୋଷ ପ୍ରକାଶ କରିବା ସହିତ କୃତି ଛାତ୍ରଛାତ୍ରୀଙ୍କ ସମେତ ଅଭିଭାବକ ଏବଂ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ସୁଭଦ୍ରା ଶକ୍ତି ମହିଳା ସଶକ୍ତିକରଣ ସଚେତନତା ପଦଯାତ୍ରା ଓ ସାଧାରଣ ସଭା ଅନୁଷ୍ଠିତ

ମାଲକାନଗିରି, (ମହାଭାରତ) : ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ସଂସ୍କୃତି ଭବନ ପର୍ଯ୍ୟନ୍ତ ଏକ ବିଶାଳ ସୁଭଦ୍ରା ଶକ୍ତି ମହିଳା ସଶକ୍ତିକରଣ ସଚେତନତା ପଦଯାତ୍ରା ଆଜି ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ସାମାଜିକ ପରିବର୍ତ୍ତନ ଏବଂ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲୁ ଓ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଶୁଭାରମ୍ଭ କରିଥିଲେ। ପଦଯାତ୍ରା ଶେଷ ହେବା ପରେ ସଂସ୍କୃତି ଭବନଠାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲାଙ୍ଗ ଯେଉଁଠାରେ ଜିଲ୍ଲାପାଳ ଏବଂ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଉପସ୍ଥିତ ମହିଳାମାନଙ୍କୁ ଉଦବୋଧନ ଦେଇଥିଲେ।ଏହି ଅବସରରେ ଜିଲ୍ଲାପାଳ ନାରୀ ଶକ୍ତିର ଗୁରୁତ୍ୱ ଉପରେ ଆଲୋକପାତ କରି କହିଥିଲେ ଯେ, ମହିଳାମାନଙ୍କ ଆତ୍ମବିଶ୍ୱାସ ଏବଂ ଏକତା ହିଁ ଏକ ସମୃଦ୍ଧ ସମାଜର ପ୍ରକୃତ ଶକ୍ତି। ସୁଭଦ୍ରା ଯୋଜନା ଓ ମିଶନ ଶକ୍ତି ମାଧ୍ୟମରେ ଆମେ ପ୍ରତ୍ୟେକ ମହିଳାଙ୍କୁ ଆର୍ଥିକ ଓ ସାମାଜିକ ଭାବେ ସଶକ୍ତ କରିବା ପାଇଁ ପ୍ରତିବଦ୍ଧ। ସେହିପରି ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଟାଙ୍ଗୁଲୁ ମହିଳାମାନଙ୍କ ସହଯୋଗକୁ ପ୍ରଶଂସା କରି କହିଥିଲେ, ଯେତେବେଳେ ଜଣେ ମହିଳା ସଶକ୍ତ ହୁଏ, ସେତେବେଳେ ସମ୍ପୂର୍ଣ୍ଣ ପରିବାର ଓ ସମାଜ ପ୍ରଗତି କରେ। ଏହି ପଦଯାତ୍ରା ମାଲକାନଗିରିର ମା' ଭଉଣୀମାନଙ୍କ ପାଇଁ ଏକ ନୂଆ ଆତ୍ମବିଶ୍ୱାସ ନେଇ ଆସିଛି।ଏହି କାର୍ଯ୍ୟକ୍ରମରେ ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଗୌରୀ ନାୟକ ଏବଂ ଓଡ଼ିଶା ଜୀବିକା ମିଶନର ଜିଲ୍ଲା ପ୍ରକଳ୍ପ ସଂଯୋଜକ ହର୍ଷାନନ୍ଦ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ମହିଳାମାନଙ୍କୁ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ସଚେତନ କରିଥିଲେ। ପଦଯାତ୍ରା ଏବଂ ପରବର୍ତ୍ତୀ ସଭା ସମୟରେ ମହିଳାମାନଙ୍କ ମଧ୍ୟରେ ଅଭୂତପୂର୍ବ ଉତ୍ସାହ ଦେଖିବାକୁ ମିଳିଥିଲା, ଯାହା ଆଗାମୀ ଦିନରେ ଏକ ସଶକ୍ତ ଓ ପ୍ରଗତିଶୀଳ ମାଲକାନଗିରି ଗଠନରେ ସହାୟକ ହେବ।

# ସରକାରୀ ଜମିରୁ ଫାର୍ମ ହାଉସ୍ ଉଚ୍ଛେଦ: ଧୂଳିସାତ୍ ହେବ ବହୁମୂଲ୍ୟ ଅଟ୍ଟାଳିକା

- ଉଚ୍ଛେଦକୁ ନେଇ ପ୍ରଶାସନିକ ଅଧିକାରୀଙ୍କୁ ଦୁର୍ବ୍ୟବହାର
- ବିରୋଧ ପାଇଁ ପୂର୍ବରୁ ମାଷ୍ଟରପ୍ଲାନ୍ ପ୍ରସ୍ତୁତ
- ସରକାରୀ ଜମିରେ ନିର୍ମାଣ ହୋଇଛି ବହୁମୂଲ୍ୟ ଅଟ୍ଟାଳିକା
- ଉଚ୍ଛେଦକୁ ବାଧାପ୍ରାପ୍ତ କରିବାକୁ ଦୁଇଦିନ ତଳେ ଗୃହ ଚତୃପାର୍ଶ୍ୱରେ ଫଳନ୍ତି ଗଛ ରୋପଣ
- ପର୍ଯ୍ୟାୟ କ୍ରମେ ସମସ୍ତ ଜବରଦଖଲ ଉଚ୍ଛେଦ ହେବ – ଉପଜିଲ୍ଲାପାଳ



ଖୋର୍ଦ୍ଧା, (ମହାଭାରତ): ନିଜକୁ ଏକ ପ୍ରତିଷ୍ଠିତ ଘରୋଇ ଶିକ୍ଷାନୁଷ୍ଠାନର ସର୍ବେସର୍ବା ଓ ପ୍ରକୃତିପ୍ରେମୀ କହି ହେଉଥିବା ମହେନ୍ଦ୍ର ପ୍ରତାପ ଓରଫ୍ ମୁନା ମହାନ୍ତି ନାମକ ନାମକ ବ୍ୟକ୍ତି ଖୋର୍ଦ୍ଧା ତହସିଲ୍ ଅନ୍ତର୍ଗତ ବରସାହି ମୌଜା ଅଞ୍ଚଳରେ ଏକର ଏକର ସରକାରୀ ଜମି ଜବରଦଖଲ କରି ରଖିଥିବା ବେଳେ ଆଜି ତାକୁ ଜବର ଦଖଲ ଉଚ୍ଛେଦ କରିବାରେ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ସଫଳ ହୋଇଛି ।

ଖୋର୍ଦ୍ଧା ତହସିଲ୍ ଅନ୍ତର୍ଗତ ବରସାହି ମୌଜା ଅଞ୍ଚଳରେ ଥିବା ଖାତା ନଂ.୫୬୧ର ପ୍ଲଟ୍ ନଂ.୧୭୫୬, ପ୍ଲଟ୍ ନଂ.୧୭୩୨ ଓ ଖାତା ନଂ.୫୬୩ର ପ୍ଲଟ୍ ନଂ.୧୬୯୬ ଅଧୀନରେ ଥିବା ପ୍ରାୟ ତିନି ଏକରରୁ ଉର୍ଦ୍ଧ ସରକାରୀ ଜମିକୁ ଭୁବନେଶ୍ୱର ଅଞ୍ଚଳର ଏକ ଘରୋଇ ଶିକ୍ଷାନୁଷ୍ଠାନରେ କାର୍ଯ୍ୟରତ କର୍ମଚାରୀ ମହେନ୍ଦ୍ର ପ୍ରସାଦ ଜବରଦଖଲ କରିଥିବା ନେଇ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ପରେ ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ଆଜି ଖୋର୍ଦ୍ଧା ଉପ-ଜିଲ୍ଲାପାଳଙ୍କ ଉପସ୍ଥିତିରେ ଏବଂ ଖୋର୍ଦ୍ଧା ତହସିଲଦାରଙ୍କ ତତ୍ତ୍ୱାବଧାନରେ ଜବର ଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି । ତେବେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ବେଳେ ସେଠାରେ ଫାର୍ମ ହାଉସ ମାଲିକଙ୍କ ଦ୍ୱାରା ନିୟୋଜିତ ସ୍ଥାନୀୟ ଅଞ୍ଚଳର କିଛି ମହିଳା ଓ ପୁରୁଷ ନିଜକୁ ଫାର୍ମରେ କାମ କରୁଥିବା ଶ୍ରମିକ ବିରୋଧ ପ୍ରଦର୍ଶନ କରିଥିଲେ, ହେଲେ ପରବର୍ତ୍ତୀ ମୁହୂର୍ତ୍ତରେ ଉତ୍ତେଜନାକୁ ଦୃଷ୍ଟିରେ ରଖି ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜିବା ଆଶଙ୍କାରେ ଅଧିକ ପୋଲିସ ମୁତୟନ ହେବାଦ୍ୱାରା ଏବଂ ପ୍ରଶାସନର ନିଷ୍ପତ୍ତିକୁ ମାନି ଶାନ୍ତ ରହିଥିବା ଦେଖିବାକୁ ମିଳିଥିଲା । ପ୍ରଥମ ଦିନରେ ଉଚ୍ଛେଦ ପ୍ରକ୍ରିୟା ପାଖାପାଖି ଚାରିଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଲାଗିଥିବା ବେଳେ ଘଟଣା ସ୍ଥଳରେ ଫାର୍ମ ହାଉସ୍ ମାଲିକ ମହେନ୍ଦ୍ର ପ୍ରତାପଙ୍କୁ ଦେଖିବାକୁ ମିଳିନଥିଲା , କିନ୍ତୁ ନିଜକୁ ସାମ୍ବାଦିକ ବୋଲାଉଥିବା ସ୍ଥାନୀୟ ଅଞ୍ଚଳର ସତ୍ୟ ନାରାୟଣ ଦାଶ ନାମକ ଜଣେ ଯୁବକ ମହେନ୍ଦ୍ରଙ୍କ ସପକ୍ଷରେ ଯାଇ ଅଧିକାରୀ ମାନଙ୍କ ସହିତ ଯୁକ୍ତି କରିବା ସହିତ ମହିଳା ମାନଙ୍କୁ ଉସକାଇ ଉଚ୍ଛେଦ ପ୍ରକ୍ରିୟାରେ ବାଧା ସୃଷ୍ଟି କରୁଥିବାର ଦେଖିବାକୁ ମିଳିଥିଲା । ପ୍ରକାଶ ଥାଉକି, ବିଗତ ଦିନରେ ସତ୍ୟ ନାରାୟଣ ଏକ ମୁଦ୍ରିତ ଗଣମାଧ୍ୟମ ସଂସ୍ଥାରେ କାର୍ଯ୍ୟ କରୁଥିବା ବେଳେ ମହେନ୍ଦ୍ର ପ୍ରତାପ ସରକାରୀ ଜମି ଜବର ଦଖଲ ଓ ସ୍ଥାନୀୟ ଚାଷୀଙ୍କୁ ଚାଷ ଜମିକୁ ବାଟ ନଦେବା ଘଟଣା ଲୋକଲୋଚନକୁ ଆଣିଥିଲେ। ସତ୍ୟ ନାରାୟଣ ବିଗତ ଦିନରେ ମହେନ୍ଦ୍ରଙ୍କୁ ବିରୋଧ କରୁଥିବା ବେଳେ ବର୍ତ୍ତମାନ କୌଣସି ଗଣମାଧ୍ୟମ ସଂସ୍ଥାରେ କାର୍ଯ୍ୟ କରୁ ନଥିବା ବେଳେ ଏକ ନିର୍ଦ୍ଦିଷ୍ଟ ବୈଦ୍ୟୁତିକ ଗଣମାଧ୍ୟମ ସଂସ୍ଥାର ଆଇ.ଡି କାର୍ଡକୁ ବ୍ୟବହାର କରି ମହେନ୍ଦ୍ରଙ୍କ ସପକ୍ଷରେ ଯୁକ୍ତି ବାଢିବା ଓ ଉସକାଇ ଉଚ୍ଛେଦ ପ୍ରକ୍ରିୟାରେ ବାଧା ସୃଷ୍ଟି କରିବା ଉପସ୍ଥିତ ପ୍ରଶାସନିକ ଅଧିକାରୀଙ୍କୁ ଆଶ୍ଚର୍ଯ୍ୟ କରିଥିଲା । ଏହା ସହ ହାଇକୋର୍ଟ ନୋଟିସ୍ ଏବଂ ଜବର ଦଖଲ ଉଚ୍ଛେଦ ଖବର ପାଇବା ପରେ ମଧ୍ୟ ଫାର୍ମ ହାଉସ ମାଲିକ ସରକାରୀ ଜମିରେ ଗଢ଼ିଥିବା ବେଆଇନ ଅଟ୍ଟାଳିକାକୁ ସୁରକ୍ଷା ଦେବା ସହିତ ଅଧିକାରୀଙ୍କୁ ଭ୍ରମିତ କରିବା ଲାଗି ଅତି ତରବରିଆ ଭାବେ ଅଟ୍ଟାଳିକାର ଅତି ନିକଟରେ ଫଳନ୍ତି ଗଛ ମାନ ସବୁ ଗତ ରବିବାର ଦିନ ରୋପଣ କରିଥିବା ଜଣା ପଡିଥିଲା। ଏପରିକି ଅନେକ ଗୁଡ଼ିଏ ଗଛ ଚାରାରୁ ଜରି ମଧ୍ୟ ଖୋଲା ଯାଇନଥିଲା । ତେବେ ରୋପଣ କରାଯାଇଥିବା ସମସ୍ତ ଚାରାଗଛ ଗୁଡିକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇ ପୁନଃରୋପଣ କରାଯାଇଥିଲା । ସେହିପରି ସରକାରୀ ଜମିରେ ନିର୍ମାଣ ହୋଇଥିବା ବହୁମୂଲ୍ୟ ଅଟ୍ଟାଳିକାର ମୁଖ୍ୟ ଦୁଆର ତାଲା ଭାଙ୍ଗିବା ପରେ ଘର ଭିତରେ ଖଟ, ଡ୍ରେସିଂ ଟେବୁଲ୍, ଏସି, ଫ୍ରିଜ୍ ଓ ଚେୟାର ପରି ଅନେକ ମଲ୍ୟବାନ ସାମଗ୍ରୀ ରଖା ଯାଇଥିବାର ଦେଖିବାକୁ ମିଳିଥିଲା। ଉକ୍ତ ସାମଗ୍ରୀକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଉପ ଜିଲ୍ଲାପାଳ ଫାର୍ମ ହାଉସର ତତ୍ତ୍ୱାବଧାରକଙ୍କୁ ଚବିଶ ଘଣ୍ଟା ସମୟ ଦେଇଥିବା ବେଳେ ଅମାନ୍ୟ କଲେ ନିୟମ ଅନୁସାରେ ପ୍ରଶାସନ ପକ୍ଷରୁ ଆଗାମୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ନୋଟିସ୍ କରିଥିଲେ । ପ୍ରଥମ ଦିନରେ ସରକାରୀ ଜମିରେ ନିର୍ମାଣ ପାଚେରୀଓ ସିକ୍ୟୁରିଟି ହାଉସକୁ ସମସ୍ତ ଜବର ଦଖଲକୁ ଉଚ୍ଛେଦ କରାଯାଇଥିବା ବେଳେ ଦ୍ୱିତୀୟ ଦିନରେ ଉକ୍ତ ଜମି ସବୁ ଇଡକୋକୁ ହସ୍ତାନ୍ତର କରାଯିବ ବୋଲି ଉପ ଜିଲ୍ଲାପାଳ ସଙ୍କଳ୍ପ ସ୍ୱସ୍ତିକ ସାହୁ ସୂଚନା ଦେଇଛନ୍ତି ।

### ମହେନ୍ଦ୍ରଙ୍କୁ ୨୪ଘଣ୍ଟାର ମହଲତକୁ ନେଇ ଉଠିଲା ପ୍ରଶ୍ନ

ଗରିବ ଦୋକାନୀ ମାନଙ୍କୁ ସରକାରୀ ଜମିରୁ ଉଚ୍ଛେଦ କ୍ଷେତ୍ରରେ ଖୋର୍ଦ୍ଧା ପ୍ରଶାସନର ନିୟମ କଡ଼ାକଡ଼ି ପାଳନ ହେଉଥିବା ବେଳେ ବିତ୍ତଶାଳୀ ଫାର୍ମ ହାଉସ୍ ମାଲିକ ମହେନ୍ଦ୍ର ପ୍ରସାଦଙ୍କ କ୍ଷେତ୍ରର ଉଚ୍ଛେଦ ନିୟମ ସମ୍ପୂର୍ଣ୍ଣ ଭାବରେ ଭିନ୍ନ ବୋଲି ଦେଖିବାକୁ ମିଳିଛି। ଖୋର୍ଦ୍ଧା ସହରକୁ ଜବରଦଖଲ ମୁକ୍ତ କରିବା ଯାଇ ବିଗତ ଦିନରେ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଧିବଦ୍ଧ ଭାବେ ନୋଟିସ୍ ଜାରି ହେବା ପରେ ଦୋକାନୀ ମାନଙ୍କୁ ମହଲତ ଦିଆ ନଯାଇ ଧାର୍ଯ୍ୟ ତାରିଖରେ ଉଚ୍ଛେଦ ପ୍ରକ୍ରିୟା ହୋଇଥିବା ବେଳେ ଦୋକାନୀ ମାନଙ୍କୁ ନିଜ ଜିନିଷ କାଢ଼ିବାକୁ ମଧ୍ୟ ସମୟ ଦିଆ ନଯାଇ ଉଚ୍ଛେଦ କରା ଯାଇଥିଲା । କିନ୍ତୁ ଗତ ବୁଧବାର ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ପୁରୁସାହି ଅଞ୍ଚଳରେ ସରକାରୀ ଜମିରେ ଉଚ୍ଚ ଅଟ୍ଟାଳିକା ଓ ବିଶାଳ ପ୍ରାଚୀର ନିର୍ମାଣ କରିଥିବା ବିତ୍ତଶାଳୀ ଫାର୍ମ ହାଉସ୍ ମାଲିକ ମହେନ୍ଦ୍ର ପ୍ରସାଦଙ୍କୁ ଉପ ଜିଲ୍ଲାପାଳଙ୍କ ଦ୍ୱାରା ଜାରି ହୋଇଥିବା ନୋଟିସକୁ ୨୪ଘଣ୍ଟାରୁ ଅଧିକ ସମୟ ବିତି ଯାଇଛି। ଏହା ପରେ ମହେନ୍ଦ୍ରଙ୍କୁ ଆହୁରି ସମୟ ଦେବା ପଛରେ ପ୍ରଶାସନିକ ଅଧିକାରୀଙ୍କ ଭୂମିକା ଏବେ ପ୍ରଶ୍ନ ଘେରରେ । ମାନ୍ୟବର ହାଇକୋର୍ଟଙ୍କ କଡ଼ା ନିର୍ଦ୍ଦେଶ ଥିବା ପରେ ମଧ୍ୟ ଏହି ମହଲତ ଦେବା ପଛରେ କୌଣସି ନ୍ୟସ୍ତସ୍ୱାର୍ଥ ପ୍ରଶାସନିକ ଅଧିକାରୀଙ୍କ କିଛି ମହତଙ୍କାକ୍ଷା ଲୁକାୟିତ ରହୁଥିବା ଅନୁମାନ କରାଯାଉଛି। ଏହାଦ୍ୱାରା ମହେନ୍ଦ୍ର ପ୍ରସାଦଙ୍କୁ ମାନ୍ୟବର ଉଚ୍ଚତମ ନ୍ୟାୟାଳୟରୁ ରହିତାଦେଶ ଆଣିବା ପାଇଁ ପରୋକ୍ଷରେ ସମର୍ଥନ ରହୁଥିବା ଅନୁମାନ ମଧ୍ୟ କରାଯାଉଛି । ଏମିତି କରି ଆଗାମୀ ଦିନରେ ଏକ ବଡ ଧରଣର ଜନ ଆନ୍ଦୋଳନଙ୍କୁ ଜିଲ୍ଲା ପ୍ରଶାସନ ନିମନ୍ତ୍ରଣ କରୁନି ତ ? ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଜିଲ୍ଲା ପ୍ରଶାସନ ତ୍ୱରିତ ପଦକ୍ଷେପ ନେଇ ବାକି ରହିଥିବା ସରକାରୀ ଜମିରୁ ଜବର ଦଖଲ ଉଚ୍ଛେଦକୁ ତ୍ୱରାନିତ କରିବା ପାଇଁ ସାଧାରଣରେ ଦାବି ହେଉଛି ।

## ପ୍ରଶାସନିକ ଅବହେଳାର ମୂକସାକ୍ଷୀ ସୁନାରିଗୁଡା ବିଶ୍ରାମାଗାର: ମୁଖ୍ୟ ରାସ୍ତାରୁ ମାତ୍ର ୨ କିମି ଦୂରରେ ଏଭଳି ଅବସ୍ଥା, ଦୁର୍ଗମ ଅଞ୍ଚଳ କଥା ପଚାରେ କିଏ ?



ବିଷମକଟକ, (ମହାଭାରତ): ବିଷମକଟକ ବ୍ଲକର ବିକାଶମୂଳକ କାର୍ଯ୍ୟର ଅସଲ ଚିତ୍ର ଏବେ ପଦାରେ ପଡ଼ିଛି। ବିଷମକଟକ ମୁଖ୍ୟ ରାସ୍ତାରୁ ମାତ୍ର ୨ କିଲୋମିଟର ଦୂରରେ ଅବସ୍ଥିତ ସୁନାରିଗୁଡା ବିଶ୍ରାମାଗାରର ଅବସ୍ଥା ଏବେ ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ସହରର ଏତେ ନିକଟରେ ଥାଇ ମଧ୍ୟ ଏହି ସରକାରୀ ଗୃହଟି ରକ୍ଷଣାବେକ୍ଷଣ ଅଭାବରୁ ଭାଙ୍ଗିରୁଜି ଯାଉଥିବା ବେଳେ ପ୍ରଶାସନର ନଜର ପଡୁନଥିବା ଅତ୍ୟନ୍ତ ପରିତାପର ବିଷୟ। ବର୍ତ୍ତମାନ କାଳବୈଶାଖୀ ଋତୁ ଜାରି ରହିଥିବାରୁ ଅପରାହ୍ନରେ ହଠାତ ଝଡ଼ବର୍ଷା ହେଉଛି। ଏହି ସମୟରେ ପଥଚାରୀମାନେ ବାଧ୍ୟ ହୋଇ ସୁନାରିଗୁଡା ବିଶ୍ରାମାଗାରରେ ଆଶ୍ରୟ ନେଉଛନ୍ତି। ମାତ୍ର ଏଠାରେ ବସିବା ପାଇଁ ଖଣ୍ଡେ ସିମେଣ୍ଟ ବେଞ୍ଚ ମଧ୍ୟ ଭଲ ଅବସ୍ଥାରେ ନାହିଁ। ଅପରିଷ୍କାର ପରିବେଶ ଓ ଜରାଜୀର୍ଣ୍ଣ କାନ୍ଥ ଭିତରେ ଲୋକେ ବିପଦ ସଙ୍କୁଳ ଅବସ୍ଥାରେ ଛିଡ଼ା ହେଉଛନ୍ତି। ପଥଚାରୀଙ୍କ ଅଭିଯୋଗ ଅନୁଯାୟୀ, ବିଶ୍ରାମାଗାରଟି ନାମକୁ ମାତ୍ର ଛିଡ଼ା ହୋଇଛି, କିନ୍ତୁ ଏହା କୌଣସି କାମରେ ଆସୁନାହିଁ। ସ୍ଥାନୀୟ ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି ଯେ, ଯଦି ବ୍ଲକ ମୁଖ୍ୟାଳୟଠାରୁ ମାତ୍ର ୨ କିଲୋମିଟର ଭିତରେ ଥିବା ସରକାରୀ ସମ୍ପତ୍ତିର ଅବସ୍ଥା ଏମିତି, ତେବେ ବ୍ଲକର ଦୂରଦୂରାନ୍ତର ତଥା ଦୁର୍ଗମ ପାହାଡ଼ିଆ ଅଞ୍ଚଳରେ ଥିବା ବାଟୋଇ ଘର ଓ ବିଶ୍ରାମାଗାରର ଅବସ୍ଥା କଣ ଥିବ? ପ୍ରଶାସନିକ ଅଧିକାରୀମାନେ ସବୁ ଜାଣିଶୁଣି ନିରବଦ୍ରଷ୍ଟା ସାଜିଛନ୍ତି କି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି ତୁରନ୍ତ ଏହି ବିଶ୍ରାମାଗାରର ମରାମତି କରିବା ସହ ଏହାର ପରିବେଶକୁ ସଫାସୁତୁରା ରଖିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ସାଂସ୍କୃତିକ ଓ ପାଇକ ଆଖଡା ନୃତ୍ୟରେ ଦର୍ଶକ ବିଭୋର



କୃଷ୍ଣପ୍ରସାଦ, (ମହାଭାରତ) : ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ତିତିପ ପଞ୍ଚାୟତ ଦେଉଳପଡା ଠାରେ ସୋମବାର ଠାରୁ ଆରମ୍ଭ ହୋଇଥିବା ଦ୍ୱିତୀୟ ବାଲିଯାତ୍ରା (ପଣାଯାତ୍ରା)ର ଆଜି ଥିଲା ଦ୍ୱିତୀୟ ଦିବସ । ଏହି ଦିବସରେ ଯାତ୍ରା ପଡ଼ିଆରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଅଞ୍ଚଳର ସମରକଳା ପାଇକ ଆଖଡା, ଲୋକନୃତ୍ୟ ଭାରତ ଲୀଳା, ସଂକୀର୍ତ୍ତନ କଳାକାର ମାନଙ୍କ ଦ୍ୱାରା ପଦର୍ଶିତ ହୋଇଥିଲା । ଏହି ଦ୍ୱିତୀୟ ବାଲିଯାତ୍ରାର ଗୋଟିଏ ସ୍ୱତନ୍ତ୍ରତା ରହିଛି ଯାହା ଓଡ଼ିଶାର କୌଣସି ଯାତ୍ରାରେ ଏହି ଭଳି ପରିଲକ୍ଷିତ ହୋଇନଥାଏ । ବିଭିନ୍ନ ଦୋଳ, ପଞ୍ଚଦୋଳ, ସପ୍ତଦୋଳ, ଦଶଦୋଳ ଆଦି ବିଭିନ୍ନ ଯାନିଯାତ୍ରା ସମୟରେ ଠାକୁର ମାନେ ଯାତ୍ରା ପଡ଼ିଆକୁ ଆସି ନିଜ ନିଜ ଆସ୍ଥାନରେ ଅବସ୍ଥାନ କରିଥାନ୍ତି । ଉକ୍ତ ସ୍ଥାନ ମାନଙ୍କରେ ଅନ୍ନ ଭୋଗ ହୋଇନଥାଏ । ଏହି ଦ୍ୱିତୀୟ ବାଲିଯାତ୍ରାକୁ ଆସୁଥିବା ଠାକୁର ମାନେ ପ୍ରତ୍ୟହ ସକାଳ ୭ଟାରୁ ମନ୍ଦିର ପରିସରରେ ଥିବା ଏକ ସ୍ୱତନ୍ତ୍ର କୋଠରୀ ମଧ୍ୟରେ ଭିନ୍ନ ଭିନ୍ନ ଭାବେ ଅବସ୍ଥାନ କରିଥାନ୍ତି । ଏହି ସ୍ଥାନରେ ପ୍ରତିଦିନ ମନ୍ଦିରରେ ହେଉଥିବା ଅନ୍ନ ନୀତି ଭୋଗ ହୋଇଥାଏ । ଠାକୁର ମାନଙ୍କର ପ୍ରତିଦିନ ଭଳି ଉକ୍ତ ସ୍ଥାନରେ ନୀତିଭୋଗ ସମର୍ପଣ ହୋଇଥାଏ । ସନ୍ଧ୍ୟା ୭ଟାରୁ ପୁନର୍ବାର ଯାତ୍ରା ପଡ଼ିଆ ଆସ୍ଥାନରେ ବିଜେ ହୋଇଥାନ୍ତି । ଯାହା ଅନ୍ୟ କୌଣସି ସ୍ଥାନରେ ପରିଲକ୍ଷିତ ହୋଇନଥାଏ । ବିଶୃଙ୍ଖଳା ସମ୍ପର୍କରେ ଜାଣିବା ପାଇଁ ଯାତ୍ରା ପଡ଼ିଆର ବିଭିନ୍ନ ସ୍ଥାନରେ ସିସି କ୍ୟାମେରା ଲଗାଯାଇଛି । ପରିଚାଳନା କମିଟିର ଏକ କାର୍ଯ୍ୟ ନିର୍ଘଣ୍ଟ କରାଯାଇ ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଇଛି । ଉକ୍ତ ପଣା ଯାତ୍ରା ମହୋତ୍ସବକୁ ବ୍ଲକ, ଜିଲ୍ଲା, ରାଜ୍ୟ ପ୍ରଶାସନ ସହିତ ଲୋକପ୍ରତିନିଧି ମାନଙ୍କୁ ନିମନ୍ତ୍ରଣ କରାଯାଇଛି । ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ପଡ଼ିଆର ସାମଗ୍ରିକ ସ୍ୱଚ୍ଛତା ଉପରେ କଡା ନଜର ରଖିଛନ୍ତି । ବେପରୁଆ ଗାଡି ଚାଳକ ମାନଙ୍କୁ କୃଷ୍ଣପ୍ରସାଦ ପୋଲିସ ତାଗିଦ କରୁଥିବା ଜଣାଯାଇଛି । ଯାତ୍ରା ପଡ଼ିଆରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ କୃଷ୍ଣପ୍ରସାଦ ଥାନା ଆଇଆଇସି ବିଚିତ୍ରାନନ୍ଦ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି । ଏହି ଉତ୍ସବକୁ ୩୫ ମୌଜା ପରିଚାଳନା କମିଟି ସଭାପତି ସୁରେନ୍ଦ୍ର ନାଥ ମାଝୀ, ସମ୍ପାଦକ ଦିଲ୍ଲିପ କୁମାର ଦାଶ ପରିଚାଳନା କରୁଥିବା ବେଳେ ୧୪୭ ଜଣ ସଦସ୍ୟ ସହଯୋଗ କରୁଛନ୍ତି ।

## ଦିନ ଦିପହରରେ ଡକାୟତି : ଦମ୍ପତିଙ୍କୁ ଆକ୍ରମଣ କରି ରୁପା ଅଳଙ୍କାର ସହ ୮ ହଜାର ୨ ଶହ ଟଙ୍କା ଲୁଟି ନେଲେ ଦୁଇ ଦୁର୍ବୃତ୍ତ



ନୟାଗଡ, (ମହାଭାରତ) : ନୟାଗଡ଼ ବାଇପାସ୍ ରାସ୍ତାର ମାଅଁଙ୍କପଲ୍ଲୀ ଗାଁ ନିକଟରେ ଦିନ ଦିପହର ରେ ଘଟିଛି ଡକାୟତି। ଚଣ୍ଡୀବସ୍ତ ରୁ ନୟାଗଡ଼ ବାଇକ ଯୋଗେ ବ୍ୟାଙ୍କ କୁ ଯାଉଥିବା ଦମ୍ପତିଙ୍କୁ ଆକ୍ରମଣ କରି ରୁପା ଅଳଙ୍କାର ଏବଂ ୮ ହଜାର ୨ ଶହ ଟଙ୍କା ଲୁଟି ନେଲେ ଦୁଇ ଦୁର୍ବୃତ୍ତ। ପଲସର ବାଇକ୍ ରେ ଆସି ଦୁଇ ଜଣ ଡକାୟତ ଲୁଟ କରିଥିବା ଅଭିଯୋଗ। ଆହତ ଦମ୍ପତି ଚଣ୍ଡୀବସ୍ତ ଗାଁ ର ପ୍ରହଲ୍ଲାଦ ବିଶ୍ୱାଳ ଏବଂ ସ୍ତ୍ରୀ ରେଣୁବାଳା ବିଶ୍ୱାଳ। ଡକାୟତି ର ଶିକାର ହୋଇ ଗୁରୁତର ଅବସ୍ଥାରେ ଉଭୟ ଦମ୍ପତି ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ପ୍ରହଲ୍ଲାଦ ଏବଂ ତାଙ୍କ ଧର୍ମପତ୍ନୀ ରେଣୁବାଳା ନିଜ ଘର ଚଣ୍ଡିବସ୍ତ ରୁ ନଜର ବାଇକ୍ ଯୋଗେ ନୟାଗଡ଼ ଅଭିମୁଖେ ବ୍ୟାଙ୍କ କୁ ଆସୁଥିବା ବେଳେ ବାଟରେ ଛକି ରହିଥିବା ଦୁଇ ଦୁର୍ବୃତ୍ତ ସେମାନଙ୍କ ପିଛା କରିଥିଲେ। ଦୁଇ ଦୁର୍ବୃତ୍ତ ପ୍ରହଲ୍ଲାଦଙ୍କୁ ପିଛା କରିବା କଥା କିଛି ବି ଜାଣି ପାରିନଥିବା ବେଳେ ସୁଜୋଗ ଅପେକ୍ଷା ରେ ପିଛା କରୁଥିବା ଦୁର୍ବୃତ୍ତ ମାନେ ମାଅଁଙ୍କପଲ୍ଲୀ ବାଇପାସ୍ ନିକଟ ରାସ୍ତାରେ ଉଭୟ ଦମ୍ପତି ଙ୍କ ଗାଡିକୁ ଧକ୍କା ଦେଇଥିଲେ। ପ୍ରହଲ୍ଲାଦ ଓ ତାଙ୍କ ଧର୍ମପତ୍ନୀ ରେଣୁବାଳା ତଳେ ପଡି ଗୁରୁତର ହୋଇଥିବା ବେଳେ ଦୁର୍ବୃତ୍ତ ମାନେ ରେଣୁବାଳା ଧରିଥିବା ଭ୍ୟାନିଟି ବ୍ୟାଗ୍ କୁ ଛଡାଇ ନେବାସହ ହାତରେ ଲଗାଇଥିବା ରୂପା ଅଳଙ୍କାର କୁ ଛଡାଇ ନେଇ ବାଇପାସ୍ ରାସ୍ତା ଦେଇ ଖସି ପଳାଇଥିଲେ। କିଛି ସ୍ଥାନୀୟ ଲୋକେ ଏହି ଘଟଣା ଦେଖି ଦୁର୍ବୃତ୍ତ ଙ୍କ ପିଛା କରିଥିଲେ ମଧ୍ୟ କିଛି ସୁଫଳ ମିଳିନଥିଲା। ଶେଷରେ ସ୍ଥାନୀୟ ଲୋକ ଙ୍କ ସହାୟତା ରେ ଉଭୟ ଗୁରୁତର ଦମ୍ପତି ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଚିକିତ୍ସିତ ହେଉଛନ୍ତି। ସେପଟେ ଟାଉନ ଥାନା ପୋଲିସ ଘଟଣା ସମ୍ପର୍କରେ ଯାଇ ଘଟଣାର ତଦନ୍ତ ଆରମ୍ଭ କରିବା ସହ ଉଭୟ ଦୁର୍ବୃତ୍ତ ଙ୍କୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଖୋଜିବା ଆରମ୍ଭ କରିଛି।

## ବାଟ ହୁଡୁଛି କ୍ଷେତ ପୋଖରୀ

ଗଜପତି, (ମହାଭାରତ) : ଜିଲ୍ଲାରେ ମୃତିକ ସଂରକ୍ଷଣ ତଥା ଜଳ ବିଭଜିକା ପକ୍ଷରୁ କ୍ଷେତ ପୋଖରୀ ଜିଲ୍ଲାରେ ଖୋଳ ଯାଇଛି। ଚାଷୀ ଙ୍କ ସକାଶେ । ଚାଷୀ ନିଜ ଜମିରେ କ୍ଷେତ ପୋଖରୀ ଖୋଳି ଚାଷୀ ନିଜର ଚାଷ କାର୍ଯ୍ୟରେ ବେବ ହାର କରି ପାରିବ ମହ୍ଣଭଙ୍ଗରକ୍ଷ-ଶରଭମର ମାଧ୍ୟମରେ ବିଭିନ୍ନ ବିଭାଗର ସହାୟତା ରେ, ମାଛ ଚାଷ, ବତକ ଚାଷ ହୁଡରେ ବିଭିନ ଲତା ଜାତୀୟ ପାରିବା ଚାଷ କରାଯାଇ ହିତା ଧିକାରୀ ଙ୍କ ଜୀବନ ଜୀବିକରେ ମନର ଉନତି କରିବା ସକାଶେ ସରକାର ଙ୍କ ଲକ୍ଷ କିନ୍ତୁ ବାସ୍ତବ ରେ କ୍ଷେତ ପୋଖରୀ ଜେସିବି ସାହାଯ୍ୟ ରେ ଖୋଳ । ଯାଇଥିବାର ଅଭି ଯୋଗ ହଉଛି। ସର କାର ମହାତ୍ମା ଗାନ୍ଧୀ ନିତିୟ କର୍ମ ନିଯୁକ୍ତି ଯୋଜନା ରେ କ୍ଷେତ ପୋଖରୀ ଖୋଳି ଶ୍ରମିକ ସହାଜ୍ୟ ରେ କିନ୍ତୁ ଜେସବି ସହଯ୍ୟରର କାମ କର । ଯାଉ ଥିବା ଅଭିଯୋଗ ହଉଛି । ଏହି ଯୋଜନା ରେ ଲୋକେ ନିଜ ଅଞ୍ଚଳ ରେ କାମ କରିବେ ନିଜର ଜୀବନ ଜୀବିକା ହୋଇ ପାରିବ ବାହାର ରାଜ୍ୟକୁ ଦାଦନ ଖଟି ବାକୁ ଯିବେ ନାହିଁ ନିଜ ଅଞ୍ଚଳ ରେ କାମ କରିବେ ବୋଲି ଲକ୍ଷ କିନ୍ତୁ ବାସ୍ତବ ରେ ମଣିଷ ନ ଖୋଳି ଜେସିବ ସାହାଯ୍ୟରେ ଖୋଳ ଯାଇଥିବାର ଅଭି ଯୋଗ ହଉଛି ।

## ପାରାଦୀପରେ ଡ଼ଃ. ବି.ଆର ଆମ୍ବେଦକର ଙ୍କ ୧୩୫ତମ ଜୟନ୍ତୀ ସମାରୋହ ଓ ମଟରସାଇକେଲ ଶୋଭାଯାତ୍ରା



ପାରାଦୀପ, (ମହାଭାରତ) : ଫୁଲେ-ଆମ୍ବେଦକର ସାମାଜିକ ବିକାଶ ପରିଷଦ ଓ ଛାତ୍ର ଓ ଶିକ୍ଷକ ସଙ୍ଘ ମିଳିତ ଆନୁକୂଲ୍ୟରେ ସମ୍ବିଧାନ ପ୍ରଣେତା, ଦଳିତ ସମାଜର ମୁକ୍ତିଦାତା ନାରୀ ସମାଜର ତ୍ରାଣକର୍ତ୍ତା, ଆଧୁନିକ ଭାରତ ବର୍ଷର ନିର୍ମାତା, ମହାନ ଜନନାୟକ, ସମାଜ ସଂସ୍କାରକ, ସୁଦକ୍ଷ ଶିକ୍ଷକ, ଅର୍ଥଶାସ୍ତ୍ରବିତ୍, ମହାନ୍ ଦାର୍ଶନିକ, ଭାରତର ପ୍ରଥମ ଆଇନ୍ ମନ୍ତ୍ରୀ ବାବାସାହେବ ଡ଼ଃ.ଭୀମରାଓ ରାମ୍‌ଜୀ ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ଅପ୍ରେଲ ୧୪ ତାରିଖ ମଙ୍ଗଳବାର ଦିନ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ଫୁଲେ ଆମ୍ବେଦକର ସାମାଜିକ ବିକାଶ ପରିଷଦ ଓ ଛାତ୍ର ଶିକ୍ଷକ ସଙ୍ଘ, ଆମ୍ବେଦକର ସେବାସଙ୍ଘ, ମାହାଳ, ଢ଼ିଙ୍କିଆ, ଆମ୍ବେଦକର ସାଂସ୍କୃତିକ ପରିଷଦ, ନୂଆଗାଁ, ଏରସମା ମିଳିତ ସହଯୋଗରେ ଏକ ମୋଟର ସାଇକେଲ ଶୋଭାଯାତ୍ରା କୁଜଙ୍ଗ ଓ ପାରାଦୀପ ପରିକ୍ରମା କରିଥିଲା । ଏହି ଶୋଭାଯାତ୍ରା ପାରାଦୀପରେ ଥିବା ଆମ୍ବେଦକର ପାର୍କରେ ଶେଷ ହୋଇଥିଲା ଏବଂ ସେଠାରେ ଥିବା ବାବାସାହେବ ଡ଼ଃ. ଆମ୍ବେଦକରଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ତଥା ଶ୍ରଦ୍ଧାସୁମନ ଅର୍ପଣ ଓ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା । ଛାତ୍ର ଶିକ୍ଷକ ସଂଘର ପ୍ରତିଷ୍ଠାତା ସଭାପତି ଦୀପ୍ତିରଞ୍ଜନ ସେଠୀ ଙ୍କ ତତ୍ତ୍ୱାବଧାନ ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ଯୁବକ ଓ ଛାତ୍ରୀ ଯୋଗ ଦେଇଥିବାର ଦେଖିବାକୁ ମିଳିଥିଲା । ଏହି ଅବସରରେ ସଂଗଠନର ସଭାପତି ଶ୍ରୀ ସେଠୀ ବାବାସାହେବ ଡ଼ଃ. ଭୀମରାଓ ରାମ୍‌ଜୀ ଆମ୍ବେଦକରଙ୍କ ତ୍ୟାଗ, ତପସ୍ୟା, ବଳିଦାନ ଓ ଆଜୀବନ କଠୋର ସଂଘର୍ଷ ଯୋଗୁଁ ଆଜି ଆମେ ଶିକ୍ଷା, ଚାକିରୀ, ବ୍ୟବସାୟ, ରାଜନୀତି ଓ ସମ୍ପତି ଆଦି କ୍ଷେତ୍ରରେ ସରଂକ୍ଷଣ ପାଇପାରିଛୁ ଓ ସାମାଜିକ ସ୍ରୋତରେ ସାମିଲ ହୋଇପାରିଛୁ ବୋଲି ଉଲ୍ଲେଖ କରିବା ସହ ଦେଶର ହିତ ପାଇଁ ସମସ୍ତେ ଡ଼ଃ. ଆମ୍ବେଦକରଙ୍କ ଆଦର୍ଶ ରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ ।

## ଥାନା ଠାରୁ ଏକ କିଲୋମିଟର ଭିତରେ ଜାଳିଦିଆ ଗଲା କାର, ସମଗ୍ର ଘଟଣା ସନ୍ଦେହ ଘରରେ

ବାଲିଚନ୍ଦ୍ରପୁର, (ମହାଭାରତ): ପଟାମୁଣ୍ଡାଇ କେନାଲ ବନ୍ଧ ବାଲିଚନ୍ଦ୍ରପୁର-ବେଣିପୁର ରାସ୍ତାର ପତରାଜପୁର ସିଂହସାହି ନିକଟରେ ବୁଧବାର ମଧ୍ୟରାତ୍ରୀରେ ଏକ କାରକୁ ଜାଳିଦିଆଯାଇଛି । ବାଲିଚନ୍ଦ୍ରପୁର ଥାନା ଠାରୁ ଏକ କିଲୋମିଟର ମଧ୍ୟରେ ଘଟଣାଟି ଘଟିଥିଲେ ମଧ୍ୟ କାହାରି ପାଖରେ କିଛି ଖବର ନାହିଁ କି ଥାନାରେ ମଧ୍ୟ ଅଭିଯୋଗ ହୋଇନାହିଁ । ଅନୁସନ୍ଧାନୁ ଜଣାଯାଏ ବୁଧବାର ରାତି ୧୦ଟା ପରେ ଏକ କାର ଯୋଗେ ୪/୫ ଜଣ ବ୍ୟକ୍ତି ପତରାଜପୁର ସିଂହସାହି ଠାରେ ଛିଡ଼ା ହୋଇଥିବା ଆଲୋଚନା ହୁଏ । ସେହି କାରଟି ବନ୍ଧ ରାସ୍ତା କଡ଼ରେ ଜଳିଯାଇଥିବା ନେଇ ଗୁରୁବାର ସକାଳୁ ଦୃଶ୍ୟମାନ ହୁଏ । ତେବେ ଘଟଣା ସମ୍ପର୍କରେ ଉକ୍ତ ଛକରେ ବୁଝିବା ପରେ କେହି କେହି ଗୋରୁ ଗାଡ଼ି ଯାଉଥିବା ବେଳେ ପାଇଲଟ ଗାଡ଼ିକୁ ବଜରଙ୍ଗ ଦଳର କର୍ମୀମାନେ ଅଟକାଇ ଏପରି ଘଟଣା ଘଟାଇଛନ୍ତି କହୁଥିବା ବେଳେ ବଜରଙ୍ଗ ଦଳର ବ୍ଲକ ସଂଯୋଜକ ଘଟଣାକୁ ଖଣ୍ଡନ କରିବା ସହ ସମ୍ପୂର୍ଣ୍ଣ କପୋଳ କଳ୍ପିତ ବୋଲି ମତ ଦେଇଛନ୍ତି । ଏ ନେଇ ବାଲିଚନ୍ଦ୍ରପୁର ଥାନାରେ ଯୋଗାଯୋଗ କରିବା ପରେ ଉକ୍ତ ଗାଡ଼ିରେ ଦୁଇଟି ନମ୍ବର ଥିଲା, ଗୋଟିଏ ନମ୍ବର ଯାଂଚ କରିବା ପରେ ଉକ୍ତ ଗାଡ଼ିଟି ବୈରୀ ଥାନା ଅଂଚଳର ବୋଲି ସୂଚନା ମିଳିଥିଲା । ତେବେ ଆମେ ବୈରୀ ଥାନାକୁ ଖବର ଦେଇଛୁ, ସେମାନେ ଘଟଣାର ଅନୁସନ୍ଧାନ କରି ଖବର ଦେଲା ପରେ ଅଧିକ କାରଣ ଜଣାପଡ଼ିବ । ତେବେ କେଉଁ କାରଣରୁ ଏପରି ଘଟଣା ଘଟିଲା କାହାରି ପାଖରେ କୌଣସି ଖବର ନଥିବା ବେଳେ ପ୍ରଶାସନିକ ଅଧିକାରୀଙ୍କ ଭୂମିକା ସନ୍ଦେହ ଘରକୁ ଆସିଛି । ଆଗାମୀ ଦିନରେ ଘଟଣାର କ'ଣ ସ୍ପଷ୍ଟିକରଣ ମିଳୁଛି ତାହା ଜଣାପଡ଼ିବ ।

## ଦୀର୍ଘ ୧୫ ଘଣ୍ଟାର କସରତ ପରେ ଜବତ ହେଲା ବେଆଇନ ବାଲି ବୋଝେଇ ହାଇଓ୍ୱା



ଆସିକା, (ମହାଭାରତ) : ଦୀର୍ଘ ୧୦ଘଣ୍ଟାର କସରତ ପରେ ଜବତ ହେଲା ବେଆଇନ ବାଲି ବୋଝେଇ ହାଇଓ୍ୱା । ଗତକାଲି ରାତିରେ ଆସିକା ତହସିଲଦାର ସଂଗୀତା ସେଣ କନିଷ୍ଠ ଖଣି ଅଧିକାରୀ ବିଜୟ କୁମାର ଜେନା ପ୍ରମୁଖ ବେଆଇନ ବାଲି ଚାଲାଣ ହେଉଥିବାର ଖବର ପାଇ ଆସିକା ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ । ଚଢ଼ାଉ ସମୟରେ କାଳଷଣ୍ଡପୁର ଛକ ଠାରେ ଓଡ଼ି ୦୪ଏନ ୮୮୭୭ ନମ୍ବର ହାଇଓ୍ୱା କୁ ଅଟକାଇଲା ବେଳେ ଗାଡିଟିକୁ ଅଟକାଇ ଗାଡି ଡ୍ରାଇଭର ଫେରାର ହୋଇଯାଇଥିଲା । ଘଟଣା ସ୍ଥଳରେ ରାତ୍ର ୧୦.୩୦ ମିନଟରୁ ଅପରାହ୍ନ ୧୨ଘଣ୍ଟ ପର୍ଯ୍ୟନ୍ତ ଅଧିକାରୀ ମାନେ ଗାଡିଟିକୁ ଜଗିରହିଥିଲେ ମଧ୍ୟ ଗାଡି ଡ୍ରାଇଭର କି ମାଲିକ କାହାର ମଧ୍ୟ ଦେଖା ମିଳିନଥିଲା ।ଶେଷରେ ଆସିକା ତହସିଲଦାର ଆସିକା ଥାନାକୁ ଲିଖିତ ଅଭିଯୋଗ ପରେ ପୋଲିସ ଉକ୍ତ ଗାଡିଟିକୁ ଆସିକା ଥାନାରେ ଅଟକ ରଖିଛି । ଗାଡିଟିର ଟ୍ରାଞ୍ଜିଟ ପାସ ନଥିବା ଯୋଗୁଁ ଗାଡିଟି ଅଟକ ଥିବା ଖଣି ଅଧିକାରୀଙ୍କ ସୂତ୍ରରୁ ଜଣାପଡିଛି ।ପ୍ରକାଶ ଥାଉକି ଆସିକା ଦେଇ ପ୍ରବାହିତ ହୋଇଥିବା ଋଷିକୂଲ୍ୟା ଓ ବଡ଼ନଦୀରେ କେନ୍ଦୁପଦର, ରିଷିପୁର, ନିରାଳ, ପଥରା, ନୂଆପଲ୍ଲୀ, ଚରାମାରିଆ,ଫାପଲପୁର ଆଦି ୭ଗୋଟି ସ୍ଥାନରେ ପ୍ରଶାସନ ପକ୍ଷରୁ ବେଆଇନ ବାଲି ଚୋରା ଚାଲାଣ କୁ ରୋକିବା ପାଇଁ ୧୬୩ ଧାରା ଲଗାଯାଇଥିବା ସତ୍ତ୍ୱେ ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ପ୍ରଶାସନ କୁ ଖୋଲା ଚ୍ୟାଲେଞ୍ଜ କରି ବାଲି ମାଫିଆ ମାନେ ପ୍ରତିଦିନ ଶହ ଶହ ହାଇଓ୍ୱା ବାଲି ଚୋରା ଚାଲାଣ କରି ଜିଲ୍ଲା ତଥା ପଡୋଶୀ ରାଜ୍ୟ ଆନ୍ଧ୍ର ପ୍ରଦେଶ କୁ ଚାଲାଣ କରି ଦୈନିକ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ଲୁଟ କରିବାରେ ଲାଗିଛନ୍ତି । ଗତ କାଲିର ଏହି ବେଆଇନ ବାଲି ବୋଝେଇ ହାଇଓ୍ୱା କୁ ଘଟଣା ସ୍ଥଳରେ ସ୍ଥାନୀୟ ଅଧିକାରୀ ମାନେ ଜଗିରହିବା ଘଟଣା ସ୍ଥାନୀୟ ପ୍ରଶାସନ ଓ ଜିଲ୍ଲା ପ୍ରଶାସନର ପାରିବା ପଣିଆ ଉପରେ ପ୍ରଶ୍ନ ଉଠାଉଛି ।

# ଜିଲ୍ଲା ପରିଷଦର ୫୪ତମ ବୈଠକ ଅନୁଷ୍ଠିତ

ଗଜପତି, (ମହାଭାରତ) : ଗଜପତି ଜିଲ୍ଲା ପରିଷଦ ୫୪ତମ ବୈଠକ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି ଏହି ବୈଠକରେ ଜିଲ୍ଲା ପରିଷଦ ଅଧକ୍ଷ ଶ୍ରୀଯୁକ୍ତ ଗବାରା ତିରୁପତି ରାଓଙ୍କ ଅଧକ୍ଷତା କରିଥିବା ବେଳେ ଗଜପତି ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଜିଲ୍ଲା ପରିଷଦର ଉପାଧକ୍ଷା କୁନ୍ତଳା ମଲ୍ଲିକ, ବିଧାୟକ ମୋହନା ଦାଶରଥି ଗମାଙ୍ଗ, ବିଧାୟକ ପାରଳାଖେମୁଣ୍ଡି ଶ୍ରୀଯୁକ୍ତ ରୁପେଶ କୁମାର ପାଣିଗ୍ରାହୀ, ବ୍ରହ୍ମପୁର ସାଂସଦ ପ୍ରତିନିଧି ନବ କିଶୋର ଶବର,ମୁଖ୍ୟ ଉନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଦୟାମୟ ପାଢ଼ୀ ପ୍ରମୁଖ ମଞ୍ଚାସୀନ ଥିବା ବେଳେ ଜିଲ୍ଲାର ସମସ୍ତ ଜିଲ୍ଲା ପରିଷଦର ସଭ୍ୟ/ସଭ୍ୟା, ବ୍ଲକ୍ ଅଧକ୍ଷ/ଅଧକ୍ଷା, ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଲାଇନ୍ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ବୈଠକରେ ସ୍ୱାଗତ ଭାଷଣ ପୂର୍ବକ ମୁଖ୍ୟ ଉନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଦୟାମୟ ପାଢ଼ୀ ସମସ୍ତ ଜିଲ୍ଲାପରିଷଦ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ ଜଣାଇ ଥିଲେ । ମଞ୍ଚାସନ ସମସ୍ତ ଅତିଥି କହିଥିଲେ ଯେ ଗଜପତି ଜିଲ୍ଲାର ଯେଉଁ ଲକ୍ଷ୍ୟ ରହିଛି ତାହା ସଫଳତାର ସହିତ କାର୍ଯ୍ୟକାରୀ କରାଯାଉଛି ଏବଂ ଆଗକୁ ମଧ ସଫଳତାର ସହିତ କାର୍ଯ୍ୟକାରୀ ଚାଲୁରହିବ ବୋଲି କହିଥିଲେ । ଏହି ବୈଠକରେ ଜିଲ୍ଲାରେ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ବିଭାଗ ତଥା ଗ୍ରାମ୍ୟ ପାନୀୟ ଜଳ ଓ ପରିମଳ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ରାସ୍ତା ଓ କୋଠାବାଡ଼ି, କୃଷି ଓ କୃଷକ ସଶକ୍ତି କରଣ ,ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ବେସାମରିକ ଯୋଗାଣ ଓ ଖାଦ୍ୟ ପ୍ରକ୍ରିୟା କରଣ, ଜଳ ସେଚନ ପ୍ରକଳ୍ପ, ମେଗା ଜଳସେଚନ, କ୍ଷୁଦ୍ର ଜଳସେଚନ, ଛେଲିଗଡ ପ୍ରକଳ୍ପ, ଉଦ୍ୟାନ, ଜଳ ଛାୟା, ପଶୁ ସମ୍ପଦ, ମତ୍ସ୍ୟ ବିଭାଗ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଏବଂ ବିପଣନ ସଂସ୍ଥା (ଡଜଗଇଝ), ଓଡ଼ିଶା ଜୀବିକା ମିଶନ, ମିଶନ ଶକ୍ତି, ସମାଜ କଲ୍ୟାଣ ଓ ଶିଶୁ କଲ୍ୟାଣ ବିକାଶ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ,ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି,ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା,ଜଙ୍ଗଲ ଓ ପରିବେଶ,ଶ୍ରମ ଓ ନିଯୁକ୍ତି,ଅବକାରୀ, ପରିବହନ, ବିଦ୍ୟୁତ,ଗ୍ରାମ୍ୟ ସାମାଜିକ ନିରାପତ୍ତା, କ୍ଷୁଦ୍ର ଉଦ୍ୟୋଗ ପ୍ରକ୍ରିୟା କରଣ, ପାନୀୟ ଜଳ ଓ ପରିମଳ ପ୍ରଭୃତି ବିଷୟକୁ ନେଇ ସମସ୍ତ ଜିଲ୍ଲାପରିଷଦ ସଭ୍ୟସଭ୍ୟା , ବ୍ଲକ ଅଧକ୍ଷଅଧକ୍ଷା ଓ ଜିଲ୍ଲାର ସମସ୍ତ ଲାଇନ୍ ବିଭାଗୀୟ ଅଧିକାରୀ ମାନଙ୍କ ସହ ପୁଙ୍ଖାନପୁଙ୍ଖ ଆଲୋଚନା ହୋଇଥିଲା । ଜିଲ୍ଲାରେ ଚାଲଥିବା ବିଭିନ୍ନ ଉନ୍ନୟନମୂଳକ ଯୋଜନା ଗୁଡ଼ିକୁ ତ୍ୱରାନ୍ୱିତ କରାଯିବା ଓ ଅସମ୍ପୂର୍ଣ୍ଣ ପ୍ରକଳ୍ପ ଗୁଡ଼ିକୁ ଯଥା ଶୀଘ୍ର ସମ୍ପୂର୍ଣ୍ଣ କରାଯିବା ପାଇଁ ଜିଲ୍ଲା ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଗଲା । ଏହି ବୈଠକରେ ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ପୃଥ୍ୱୀରାଜ ମଣ୍ଡଳ, ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଅଂଶୁମାନ ମହାପାତ୍ର, ଜିଲ୍ଲା ପଂଚାୟତ ଅଧିକାରୀ ଅଶୋକ କୁମାର ପଟ୍ଟନାୟକଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।




## ପାରାଦୀପ ପୋର୍ଟ ମଜଦୁର ସଂଘର ମୂଖ୍ୟ ପରାମର୍ଶଦାତା ହେଲେ ସତ୍ୟ ସାରଥୀ ମହାନ୍ତି : ସାଧାରଣ ସଭାରେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା



ପାରାଦୀପ, (ମହାଭାରତ): ବନ୍ଦର ଓ ଶିଳ୍ପ ନଗରୀ ପାରାଦୀପରେ ଶ୍ରମିକ ଙ୍କ ସ୍ୱାର୍ଥ ସୁରକ୍ଷା ପାଇଁ ନୂଆ ସମୀକରଣ ଦେଖିବାକୁ ମିଳିଛି । ସ୍ଥାନୀୟ ଯୁବ ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ ଙ୍କ ନେତୃତ୍ୱାଧୀନ ପାରାଦୀପ ପୋର୍ଟ ମଜଦୁର ସଂଘର ମୂଖ୍ୟ ଉପଦେଷ୍ଟା ହୋଇଛନ୍ତି ବାଲିକୁଦା-ଏରସମା ନିର୍ବାଚନ ମଣ୍ଡଳୀ ର ଚର୍ଚ୍ଚିତ ବିଜେପି ନେତା ସତ୍ୟ ସାରଥୀ ମହାନ୍ତି । ଏହି ଅବସରରେ ବୁଧବାର ସନ୍ଧ୍ୟାରେ ପାରାଦୀପ ବନ୍ଦର ନୂତନ କଲ୍ୟାଣମଣ୍ଡପ ଠାରେ ପାରାଦୀପ ପୋର୍ଟ ମଜଦୁର ସଂଘର ର ସାଧାରଣ ସଭାରେ ସଂଘର ନୂତନ ମୁଖ୍ୟ ଉପଦେଷ୍ଟା ସତ୍ୟ ସାରଥୀ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ହଜାର ହଜାର ଶ୍ରମିକଙ୍କୁ ଉତ୍ସାହିତ କରିଥିଲେ । ସଂଘର ସଭାପତି ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ ଙ୍କ ନେତୃତ୍ୱରେ ଏବଂ ସମ୍ପାଦକ ରତ୍ନାକର ଜେନା ଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ତଥା ଅଭିଜ୍ଞ ଶ୍ରମିକ ନେତା ସୁଧାକର ମନ୍ତ୍ରୀ, ସଂଘର କାର୍ଯ୍ୟକାରୀ ସଭାପତି ଅଭିମନ୍ୟୁ ବେହେରା, ସାଧାରଣ ସମ୍ପାଦକ ପରେଶ ମୁର୍ମୁ, ଉପସଭାପତି ସୁବ୍ରତ ପ୍ରଧାନ, ଉପଦେଷ୍ଟା ସର୍ବେଶ୍ୱର ବଳିୟାର ସିଂ, ସମ୍ପାଦକ ଅନ୍ତର୍ଯ୍ୟାମୀ ବାରିକ ଓ ଦିଲ୍ଲୀପ ବଳିୟାରସିଂହ, ଶ୍ରମିକ କର୍ମଚାରୀ ୟୁନିଅନ ର ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ସାହୁ ଏବଂ ବିଜେପି ଜିଲ୍ଲା ଓବିସି ସେଲ ର ସଭାପତି ସୁବ୍ରତ ବାରିକ ପ୍ରମୁଖ ଉପସ୍ଥିତ ଥିଲେ । ମୁଖ୍ୟ ଅତିଥି ସତ୍ୟ ସାରଥୀ ମହାନ୍ତି ଶ୍ରମିକ ମାନଙ୍କ ସ୍ୱାର୍ଥ ସୁରକ୍ଷା ଦିଗରେ ଯୁବ ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ ଙ୍କ ଅବଦାନ ଓ ତ୍ୟାଗ ସମ୍ପର୍କରେ ଆଲୋକପାତ କରିବା ସହ ଏବେ ଡବଲ ଇଞ୍ଜିନ ସରକାରରେ ଶ୍ରମିକ ଙ୍କ ସ୍ୱାର୍ଥ ନିଶ୍ଚିତ ହାସଲ ହେବ ବୋଲି ଦୃଢୋକ୍ତି ର ସହ କହିଥିଲେ । ସେହିପରି ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ ଶ୍ରମିକ ଙ୍କ ସ୍ୱାର୍ଥ ହାସଲ ଦିଗରେ ସଂଘର ମୁଖ୍ୟ ଉପଦେଷ୍ଟା ସତ୍ୟ ସାରଥୀ ଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ ବୋଲି କହିଥିଲେ । ଏହି ଅବସରରେ ଶ୍ରମିକ ମାନେ ଅତିଥି ମାନଙ୍କୁ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ମୁଖ୍ୟ ଅତିଥି ଙ୍କ ସମେତ ସମସ୍ତ ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରି ଥିଲେ ।

## ସଙ୍କଟ ମୋଚନ ମହାବୀରଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ବାଲିପାଟଣା, (ମହାଭାରତ) : ବାଲିପାଟଣା ବ୍ଲକ ପମ୍ପାଲୋ ପଞ୍ଚାୟତ ସରାଟ ଶାସନ ପ୍ରଭୂ ସଙ୍କଟ ମୋଚନ ମହାବୀରଙ୍କ ପୀଠରେ ୨୫ ତମ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେଉଛି । ସୋମବାର ଅଙ୍କୁରା ରୋପଣ , ପଣାସଂକ୍ରାନ୍ତି ମଙ୍ଗଳବାର କଳସ ଯାତ୍ରା , ଅଗ୍ନିସ୍ଥାପନ ହୋଇଥିଲା । ଢୋଲ, ତୁରି, ଶଙ୍ଖ ଏବଂ ବାଣ ରୋଷଣୀ ରେ କୁସଭଦ୍ରା ନଦୀରୁ କଳସରେ ଜଳ ଭରି ଶୋଭାଯାତ୍ରାରେ ଯଜ୍ଞ ମଣ୍ଡପ କୁ ଆସିଥିଲେ । ବୁଧବାର ସୂର୍ଯ୍ୟ ପୂଜା , ଯଜ୍ଞ, ଗୁରୁବାର ସୂର୍ଯ୍ୟପୂଜା, ଗୋ ପୂଜା , ମଣ୍ଡଳ ପୂଜା , ଗ୍ରହପୂଜା , ହୋମ ପୂର୍ଣ୍ଣାହୁତି , ହନୁମାନ ଚାଳିଶା ସମ୍ପନ୍ନ ହୋଇଛି । ଏହି ଅବସରରେ ମର୍ଯ୍ୟାଦା ପୁରୁଷ ଶ୍ରୀରାମ ଚନ୍ଦ୍ରଙ୍କ ମୁର୍ତ୍ତିମୟୀ ପ୍ରତିମା ସ୍ଥାପନ କରାଯାଇଥିଲା । ପ୍ରଭୂ ଶ୍ରୀରାମ ଙ୍କ ପ୍ରତିମା ସୁସଜ୍ଜିତ ବିମାନ ରେ ଗ୍ରାମ ପରିକ୍ରମା କରିଥିଲେ । କର୍ତ୍ତା ଭାବେ ଅଶ୍ୱିନୀ କୁମାର ଦାଶ ଓ କର୍ତ୍ତି ନିନା ଦାଶ କର୍ମ ସଂପାଦକ କରିଥିଲେ । ମହାବୀରଙ୍କ ପୂଜକ ପୁରୁଷୋତ୍ତମ ମିଶ୍ର ଓ ବଟକୃଷ୍ଣ ମିଶ୍ର ପୂଜା ଦାୟିତ୍ୱ ତୁଲାଇ ଥିଲେ । ବିଡ଼ିଓ ଶୁଭ୍ରାଂଶୁ ଶେଖର ପାଢ଼ୀ , ସତ୍ୟ ପଣ୍ଡିତ ଡମ୍ବରୁ ଧର ମିଶ୍ର , ମନୋଜ କୁମାର ମିଶ୍ର , ମିଶ୍ର , ପ୍ରଦୀପ କୁମାର ତ୍ରିପାଠୀ , ଦେବାଶିଷ ଦାଶ, ଦୀପକ କୁମାର ଦାଶ ,ପ୍ରଦୀପ୍ତ ମିଶ୍ର ପ୍ରମୁଖ କର୍ମ ପାଠ କରିଥିଲେ । ରାଜ କିଶୋର ମିଶ୍ର ଅବସର ପ୍ରାପ୍ତ ଶିକ୍ଷକ କାର୍ତିକ ଚନ୍ଦ୍ର ଦାଶ , ବେବେନ୍ଦ୍ର ନାଥ ଦାଶ , ଭବାନୀ ଶଙ୍କର ଦାଶ , ପ୍ରଫୁଲ ଚନ୍ଦ୍ର ଦାଶ , ହେମନ୍ତ କୁମାର ଦାଶ , ପ୍ରସନ୍ନ ମିଶ୍ର , ଜ୍ଞାନ ରଞ୍ଜନ ଦାଶ, ରବିନ୍ଦ୍ର ମିଶ୍ର , ଜନ୍ମଜୟ ମିଶ୍ର , ଶକ୍ତି ପ୍ରସାଦ ଦାଶ , ରଘୁ ନନ୍ଦନ ଦାଶ , ବସନ୍ତ କୁମାର ଦାଶ , ଅଶୋକ କୁମାର ଦାଶ , ସୁକାନ୍ତ କୁମାର ଦାଶ , ପ୍ରଶାନ୍ତ ମିଶ୍ର , ସରତ ମିଶ୍ର, ଧନଞ୍ଜୟ ମିଶ୍ର , ତନ୍ମୟ ମିଶ୍ର, ରତିକାନ୍ତ ମିଶ୍ର , ଅଭୟ ମିଶ୍ର , ରଞ୍ଜନ ମିଶ୍ର , ତାପସ ରଥ , ଫଣି ଭୂଷଣ ମହାନ୍ତି , ଚିନ୍ମୟ ବେହେରା , ଟୁଲା ମହାନ୍ତି , ଅଶୋକ ଦାଶ , ରମାକାନ୍ତ ମିଶ୍ର , ରମେଶ ମିଶ୍ର ପ୍ରମୁଖ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ ।



## ମଧ୍ୟଖଣ୍ଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଅଗ୍ନିଶମ ବାହିନୀର ମକଡ୍ରିଲ

ଦଶପଲ୍ଲା, (ମହାଭାରତ): ଦଶପଲ୍ଲା ବ୍ଲକ ଅନ୍ତର୍ଗତ ମଧ୍ୟଖଣ୍ଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଗୁରୁବାର ଦିନ ଦଶପଲ୍ଲା ଦମକଳ ବାହିନୀ ପକ୍ଷରୁ ମକ ଡ୍ରିଲ ଶିକ୍ଷା ଅନୁଷ୍ଠିତ ହୋଇଯାଇଛି । ଅପାତତଃ କାଳରେ ନିଜକୁ ଓ ରୋଗୀଙ୍କୁ କିପରି ସୁରକ୍ଷା ଦବ ଏହି ଶିକ୍ଷା ଦିଆଯାଇଥିଲା । ସେ ଗ୍ୟାସ ସିଲିଣ୍ଡର ରେ ନିଆଁ ଲାଗିବା ହେଉ କି ଏସି ରେ ନିଆଁ ଲାଗିବା ଆଦି ବିଷୟରେ ଦମକଳ ପକ୍ଷରୁ ସଚେତନ ତା ଶିକ୍ଷା ବ୍ଲକ ପରିସରରେ ଦିଆଯାଇଥିଲା । ଏହି ସମୟରେ ମଧ୍ୟଖଣ୍ଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ଅଧିକାରୀ ତଥା ସବୁ କର୍ମଚାରୀ ଏବଂ ଦମକଳ ଅଧିକାରୀ ତଥା ସମସ୍ତ କର୍ମଚାରୀ ଓ ଜନସାଧାରଣ ଉପସ୍ଥିତ ଥିଲେ ।

## ଜିଲ୍ଲାସ୍ତରୀୟ କ୍ରୟ କମିଟି ବୈଠକ

ମାଲକାନଗିରି, (ମହାଭାରତ) : ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଏଫଏଲସି ହଲ ଠାରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ଅଧକ୍ଷତାରେ ଜିଲ୍ଲାସ୍ତରୀୟ କ୍ରୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ୨୦୨୫-୨୬ ରବି ଋତୁ ପାଇଁ ଜିଲ୍ଲାରେ ଉତ୍ପାଦିତ ହେଉଥିବା ମୁଗ, ବିରି ଓ ଚିନାବାଦାମର ସର୍ବନିମ୍ନ ସହାୟକ ମୂଲ୍ୟ ଧାର୍ଯ୍ୟ କରାଯିବା ସହ ଶସ୍ୟ ସଂଗ୍ରହ ପ୍ରକ୍ରିୟା ଉପରେ ବିସ୍ତୃତ ଆଲୋଚନା ହୋଇଛି । ଏହି ବୈଠକରେ ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଅନିଲ କୁମାର ପ୍ରହରାଜ, ସମବାୟ ସମିତି ସମୂହର ଉପ-ନିବନ୍ଧକ ଥିଓଫିଲ ଶବର, ମାର୍କଫେଡ୍‌ର ଆଞ୍ଚଳିକ ପରିଚାଳକ ଚନ୍ଦ୍ର ସେଠିଆ, ଆରଏମସି ସମ୍ପାଦକ ସଞ୍ଜୟ କୁମାର ଦାସ, ସାଂସଦ ପ୍ରତିନିଧି ସଞ୍ଜୟ ସରକାର ଏବଂ ସମସ୍ତ ବ୍ଲକ କୃଷି ଅଧିକାରୀମାନେ ଉପସ୍ଥିତ ଥିଲେ ।ବୈଠକରେ ଅଧକ୍ଷତା କରି ଜିଲ୍ଲାପାଳ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସେ କହିଥିଲେ ଯେ, କୌଣସି ପ୍ରକୃତ ଚାଷୀ ଯେପରି ଶସ୍ୟ ବିକ୍ରୟରୁ ବଞ୍ଚିତ ନ ହୁଅନ୍ତି ଏବଂ ମଣ୍ଡିରେ ସେମାନଙ୍କ ପାଇଁ ପାନୀୟ ଜଳ ଓ ବିଶ୍ରାମାଗାର ଭଳି ସମସ୍ତ ମୌଳିକ ସୁବିଧା ଉପଲବ୍ଧ ହୁଏ, ତାହା ପ୍ରଶାସନ ପକ୍ଷରୁ ନିଶ୍ଚିତ କରାଯିବ । ସେହିପରି ସମବାୟ ଅଧିକାରୀଙ୍କୁ ସମବାୟ ସମିତି ଜରିଆରେ ହେଉଥିବା ପଞ୍ଜିକରଣ ପ୍ରକ୍ରିୟାକୁ ସ୍ୱଚ୍ଛ ରଖିବା ସହ ମଧ୍ୟସ୍ଥିମାନଙ୍କ ପ୍ରାଦୁର୍ଭାବ ରୋକିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି । ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଙ୍କୁ ବ୍ଲକ ସ୍ତରୀୟ ଅଧିକାରୀମାନଙ୍କ ଜରିଆରେ ଚାଷୀଙ୍କୁ ମଣ୍ଡି ତାରିଖ ଓ ସରକାରୀ ଦର ସମ୍ପର୍କରେ ସଚେତନ କରିବାକୁ ଏବଂ ଫସଲର ଗୁଣବତ୍ତା ଯାଞ୍ଚ କରିବାକୁ ଦାୟିତ୍ୱ ଦିଆଯାଇଛି ।

## ଚଡୟାପଲ୍ଲୀ ସତ୍ୟବାଦୀ ହାଇ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀଙ୍କ ନାଁରେ ସଙ୍ଗିନୀ ଅଭିଯୋଗ : ବିଦ୍ୟାଳୟ ଟଙ୍କା ଆତ୍ମସାତ୍ କରିବା ସହ ଛାତ୍ରଛାତ୍ରୀଙ୍କୁ ପାଠ ନ ପଢ଼ାଇ କରୁଛନ୍ତି ଦୁର୍ବ୍ୟବହାର

ନୟାଗଡ, (ମହାଭାରତ) : ନୟାଗଡ଼ ଚଡୟାପଲ୍ଲୀ ସତ୍ୟବାଦୀ ହାଇ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସ୍ନିଗ୍ଧାରାଣୀ ମହାପାତ୍ରଙ୍କ ନାଁ ସଙ୍ଗିନୀ ଅଭିଯୋଗ । ବିଦ୍ୟାଳୟ ଟଙ୍କା ଆତ୍ମସାତ୍ କରିବା ସହ ପିଲାଙ୍କୁ ପାଠ ନ ପଢ଼ାଇ ଦୁର୍ବ୍ୟବହାର କରିବାର ଅଭିଯୋଗ ହୋଇଛି । ଏଥିସହ ସେ ବିଦ୍ୟାଳୟକୁ ନିୟମିତ ଭାବେ ପ୍ରତିଦିନ ଡେରିରେ ଆସିବା ଭଳି ସଙ୍ଗିନୀ ଅଭିଯୋଗ ଆଣିଛନ୍ତି ସ୍ଥାନୀୟ ବାସିନ୍ଦା । ଅଭିଯୋଗ କଲେ ମଧ ସେ ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କୁ ଧମକ ଦେଉଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି । ଏହାର ପ୍ରତିବାଦରେ ଛାତ୍ରଛାତ୍ରୀ ଅଭିଭାବକ ଏବଂ ଗ୍ରାମ ବାସୀ ମାନେ ସ୍କୁଲ ଗେଟରେ ତାଲା ପକାଇ ଧାରଣା ଦେବା ସହ ଆନ୍ଦୋଳନ ଜାରୀ ରଖିଛନ୍ତି । ଅଜକୁ ଚାରି ଦିନ ହେଲା ଏଭଳି ସମସ୍ୟା ଲାଗି ରହିଛି ଚଡୟାପଲ୍ଲୀ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟରେ । ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ବିଦ୍ୟାଳୟରେ ଅନେକ ସମସ୍ୟା ଲାଗି ରହିଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ସ୍ନିଗ୍ଧାରାଣୀ ମହାପାତ୍ରଙ୍କ ଅବହେଳା ପାଇଁ ତାହାର ସମାଧାନ ହେଉ ନାହିଁ । ପ୍ରଧାନ ଶିକ୍ଷୟିତ୍ରୀ ସ୍ନିଗ୍ଧାରାଣୀ ମହାପାତ୍ରଙ୍କ ବଦଳି ଦାବିରେ ଚାରି ଦିନ ହେଲା ସ୍ଥାନୀୟ ବାସିନ୍ଦା ସ୍କୁଲରେ ତାଲା ବନ୍ଦ ରଖିଛନ୍ତି । ଫଳରେ ପିଲାଙ୍କ ପାଠ ପଢା ବନ୍ଦ ରହିଛି । ସ୍କୁଲ ଗେଟ୍ ରେ ତାଲା ଝୁଲୁଥିବା ହେତୁ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ବାହାରେ ଠିଆ ହୋଇ ଘରକୁ ଫେରିଛନ୍ତି । ଚାରି ଦିନ ହେଲା ଶରଣକୁଳ ଚଡୟାପଲ୍ଲୀ ସତ୍ୟବାଦୀ ହାଇ ସ୍କୁଲରେ ତାଲା ପଡି ବନ୍ଦ ରହିଥିବା ବେଳେ ପ୍ରଧାନ ଶିକ୍ଷୟତ୍ରୀ ସ୍ନିଗ୍ଧାରାଣୀ ମହାପାତ୍ରଙ୍କ ବଦଳି ଦାବି କରିଛନ୍ତି ସ୍ଥାନୀୟ ବାସିନ୍ଦା । ସ୍କୁଲ ଗେଟରେ ତାଲା ପକାଇ ଆନ୍ଦୋଳନ କରିଛନ୍ତି ଛାତ୍ରଛାତ୍ରୀ ଏବଂ ଅଭିଭାବକ ଓ ଗ୍ରାମ ବାସୀ । ପ୍ରଧାନ ଶିକ୍ଷୟତ୍ରୀଙ୍କ ମନମୁଖୀ ଶାସନ ଏବଂ ସ୍କୁଲ ଟଙ୍କା ଆତ୍ମସାତ କରିବା ପିଲା ମାନଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗ ରେ ଗ୍ରାମ ବାସୀ ମାନେ ସ୍କୁଲ ଗେଟ ତାଲା ପକାଇ ଆନ୍ଦୋଳନ କରିଛନ୍ତି । ଫଳରେ ପିଲାଙ୍କ ପାଠ ପଢା ବନ୍ଦ ରହିଛି । ୧୯୯୫ ମସିହାର ଏହି ବିଦ୍ୟାଳୟରେ ଅଷ୍ଟମ ରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବା ବେଳେ ଏଠାରେ ୧୦୦ ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି । ସେମାନଙ୍କ ପାଠ ପଢାରେ ସମସ୍ୟା ସୃଷ୍ଟି ହୋଇଛି । ୨୦୧୫ ମସିହାରେ ବିଦ୍ୟାଳୟଙ୍କୁ ବ୍ଲକଗ୍ରାଣ୍ଟ ମାନ୍ୟତା ମିଳିବା ପରେ ପୂର୍ବ ସରକାର ଙ୍କ ଫାଇଭ୍-ଟି ରେ ବିଦ୍ୟାଳୟର ନୂଆ ଗୃହ ନିର୍ମାଣ ପାଇଁ ଟଙ୍କା ମଞ୍ଜୁର ହୋଇଥିଲା । ସେ ଟଙ୍କାକୁ ଆତ୍ମସାତ କରାଯାଇଛି । ଫଳରେ କାମ ଶେଷ ନ ହୋଇ ଅଧାପନ୍ତରିଆ ଅବସ୍ଥାରେ ରହିଛି ବିଦ୍ୟାଳୟର ଶ୍ରେଣୀ ଗୃହ । ଏଥିସହ ସ୍କୁଲ ର ପାଚେରୀ ନାହିଁ, ଶୌଚାଳୟ ନାହିଁ, ଦୁଇ ମାସ ହେଲା ବିଦ୍ୟାଳୟରେ ଲାଇନ ନାହିଁ । ଲାଇବ୍ରେରୀରେ ବହି ନାହିଁ । ସେ ସବୁ ଟଙ୍କାକୁ ଆତ୍ମସାତ କରାଯାଇଛି । ସ୍କୁଲ ଖେଳ ପଡିଆ ନାଁରେ ଆସିଥିବା ଟଙ୍କାକୁ କାମ ନ କରି ଆତ୍ମସାତ କରାଯାଇଛି । ଏହି ଦୁର୍ନୀତିରେ ପ୍ରଧାନ ଶିକ୍ଷୟତ୍ରୀ ସ୍ନିଗ୍ଧାରାଣୀ ମହାପାତ୍ରଙ୍କ ସମ୍ପୃକ୍ତି ରହିଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି । ଏହାର ଉଚ୍ଚ ସ୍ତରୀୟ ତଦନ୍ତ କରିବା ସହ ପ୍ରଧାନ ଶିକ୍ଷୟତ୍ରୀ ସ୍ନିଗ୍ଧାରାଣୀ ମହାପାତ୍ରଙ୍କ ବଦଳି ଦାବି କରିଛନ୍ତି ସ୍ଥାନୀୟ ବାସିନ୍ଦା । ସେପଟେ ଅଭିଯୋଗକୁ ଖଣ୍ଡନ କରିଛନ୍ତି ପ୍ରଧାନ ଶିକ୍ଷୟତ୍ରୀ ସ୍ନିଗ୍ଧାରାଣୀ ମହାପାତ୍ର । ତାଙ୍କ ବିରୋଧରେ ଏହା ଷଡ଼ଯନ୍ତ୍ର ବୋଲି ସେ କହିଛନ୍ତି । ଡିଇଓ ଚିଠି କଲେ ସେ ବିଦ୍ୟାଳୟର ଟଙ୍କାର ହିସାବ ଦେବା ସହ ଦାୟିତ୍ୱ ହସ୍ତାନ୍ତର କରିବେ ବୋଲି ସେ କହିଛନ୍ତି । ଚାରି ଦିନ ହେବ ଚଡୟାପଲ୍ଲୀ ସତ୍ୟବାଦୀ ହାଇ ସ୍କୁଲରେ ତାଲା ଝୁଲୁଥିବା ବେଳେ ଜିଲ୍ଲା ଶିକ୍ଷା ଅଧିକାରୀ ଙ୍କ ସେହି ଚିରାଚରିତ ଉତ୍ତର କି ସ୍କୁଲ କମିଟି ବିଚାର କରି ରିପୋର୍ଟ ଦେଲେ ଶିକ୍ଷା ବିଭାଗ ଏହି ଘଟଣା ର ତଦନ୍ତ କରିବ । ପ୍ରଧାନ ଶିକ୍ଷୟିତ୍ରୀ ଙ୍କୁ ନେଇ ସୃଷ୍ଟି ହୋଇଥିବା ବିବାଦ ପାଇଁ ଏବେ ଛାତ୍ରଛାତ୍ରୀ ଙ୍କ ଭବିଷ୍ୟତ ଅନ୍ଧାର । ଦେଖାଯାଉ କେବେ ଏହି ବିବାଦ ର ଅନ୍ତ ଘଟୁଛି ଏବଂ ସ୍କୁଲ ର ତାଲା ଖୋଲା ହେଉଛି । କେବେ ସ୍କୁଲ ରେ ଛାତ୍ରଛାତ୍ରୀ ଙ୍କ ପାଠ ପଢ଼ା ସ୍ୱାଭାବିକ ହେଉଛି ।



## ରନୱେରେ ଧକ୍କା ହେଲା ଦୁଇଟି ବିମାନ, ସମସ୍ତ ଯାତ୍ରୀ ଓ କ୍ରୁ ସଦସ୍ୟ ସୁରକ୍ଷିତ



ନୂଆଦିଲ୍ଲୀ : ଦିଲ୍ଲୀ ଇନ୍ଦିରା ଗାନ୍ଧି ଇଣ୍ଟରନ୍ୟାସନାଲ ଏୟାରପୋର୍ଟରେ ଟଳିଲା ବଡ଼ ବିମାନ ଦୁର୍ଘଟଣା । ସାଇସ୍ପଜେଟ ଈ୭୩୭-୭୦୦ ବିମାନ ଏୟାରପୋର୍ଟରେ ଟ୍ୟାକ୍ସିଂ କରୁଥିବା ବେଳେ ଅନ୍ୟ ଏକ ଆକାସା ଏୟାର ବିମାନକୁ ରନୱେରେ ଧକ୍କା ଦେଇଥିଲା । ଏହି ଧକ୍କା ଫଳରେ ସ୍ପାଇସଜେଟ ବିମାନର ଡାହାଣ ୱିଙ୍ଗ କ୍ଷତିଗ୍ରସ୍ତ ହୋଇଥିବ ବେଳେ ଆକାସା ଏୟାର ବିମାନର ବାମ ପଟେ ଥିବା ହରିଜେଣ୍ଟାଲ ଷ୍ଟେବଲାଇଜର କ୍ଷତିଗ୍ରସ୍ତ ହୋଇଛି। ଆକାଶା ଏୟାରର ପ୍ରବକ୍ତା କହିଛନ୍ତି, ଆକାଶ ଏୟାରର ବିମାନ ରନୱେରେ ଠିଆ ହୋଇଥିଲା, ସେତେବେଳେ ସ୍ପାଇସଜେଟ ବିମାନ ଧକ୍କା ଦେଇଥିଲା । ସମସ୍ତ ଯାତ୍ରୀ ଏବଂ କ୍ରୁ ସଦସ୍ୟ ସୁରକ୍ଷିତ ରହିଥିବା ଜଣାପଡିଛି। ଏୟାରଲାଇନ୍ସ ତରଫରୁ ଯାତ୍ରୀଙ୍କୁ ତୁରନ୍ତ ହାଇଦ୍ରାବାଦ ପହଞ୍ଚାଇବା ପାଇଁ ବିକଳ୍ପ ବ୍ୟବସ୍ଥା କରାଯାଉଛି । ସ୍ପାଇସଜେଟର ପ୍ରବକ୍ତା କହିଛନ୍ତି, ଦିଲ୍ଲୀ ଏୟାରପୋର୍ଟରେ ଟ୍ୟାକ୍ସି କରୁଥିବା ବେଳେ ସ୍ପାଇସଜେଟ ବିମାନ ଦୁର୍ଘଟଣାର ଶିକାର ହୋଇଥିଲା । ତେଣୁ ବିମାନର ଡାହାଣ ୱିଙ୍ଗ ଏବଂ ଅନ୍ୟ ବିମାନର ହରିଜେଣ୍ଟାଲ ଷ୍ଟେବଲାଇଜର କ୍ଷତିଗ୍ରସ୍ତ ହୋଇଛି । ସ୍ପାଇସଜେଟ ବିମାନକୁ ଦିଲ୍ଲୀରେ ରୋକିଦିଆଯାଇଛି । ସୂଚନାଯୋଗ୍ୟ, ଏହା ପୂର୍ବରୁ ୩ ଫେବୃଆରୀରେ ମୁମ୍ବାଇ ଏୟାରପୋର୍ଟରେ ଏଭଳି ଏକ ଘଟଣା ଘଟିଥିଲା । ଇଣ୍ଡିଗୋ ଏବଂ ଏୟାର ଇଣ୍ଡିଆ ବିମାନ ଏଭଳି ଧକ୍କା ହୋଇଥିଲା ।

## ଲସ୍କର-ଇ-ତୋଏବାର କୁଖ୍ୟାତ ଆତଙ୍କୀ ଆମିର ହମଜା ଉପରେ ଆଖିବୁଜା ଗୁଳିମାଡ

ପାକିସ୍ତାନ : ପାକିସ୍ତାନର ଲାହୋରରେ ଲସ୍କର-ଇ-ତୋଇବାର ଫାଉଣ୍ଡର ସଦସ୍ୟ ଓ କୁଖ୍ୟାତ ଆତଙ୍କୀ ଆମିର ହମଜା ଉପରେ ଆଖିବୁଜା ଗୁଳିମାଡ଼ । ମିଳିଥିବା ସୂଚନା ଅନୁସାରେ, ହମଜା ଲାହୋରରେ ଥିବା ଏକ ନ୍ୟୁଜ



ଚ୍ୟାନେଲ ଅଫିସରୁ ଏକ କାର୍ଯ୍ୟକ୍ରମ ସାରିବା ପରେ ଘରକୁ ଯାଉଥିବା ବେଳେ ଏହି ଘଟଣା ଘଟିଛି । ଏହି ଆକ୍ରମଣରେ ସେ ଗୁରୁତର ଭାବରେ ଆହତ ହୋଇ ବର୍ତ୍ତମାନ ହସ୍ପିଟାଲରେ ଜୀବନ ଏବଂ ମୃତ୍ୟୁ ସହ ଲଢୁଛନ୍ତି। ଖବର ମୁତାବକ, ଆଜି ସକାଳ ୧୦ ସମୟରେ, ପାକିସ୍ତାନର ଲାହୋରରେ କାରରେ ବସିଥିବା ଆମିର ହମଜାଙ୍କ ଉପରେ ଅଜଣା ବନ୍ଧୁକଧାରୀ ଏକ ନ୍ୟୁଜ ଚ୍ୟାନେଲର କାର୍ଯ୍ୟାଳୟ ବାହାରେ ଟାର୍ଗେଟ କରିଥିଲେ । ଆକ୍ରମଣ କରି ସେମାନେ ଫେରାର ହୋଇଯାଇଛନ୍ତି । ଏହାପରେ ହମଜାକୁ ତୁରନ୍ତ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ତାଙ୍କ ଅବସ୍ଥା ଗୁରୁତର ରହିଛି ବୋଲି ଜଣାପଡିଛି । ତାଙ୍କ ଡାହାଣ ହାତରେ ଗୁଳି ବାଜିଛି । ତେବେ ତାଙ୍କ ଅବସ୍ଥା ଠିକ୍ ଥିବା ନେଇ ଫଟୋ ଜାରି କରି ଲସ୍କର-ଏ-ତୋଏବାର ପାକିସ୍ତାନ ମରକଜୀ ମୁସଲିମ ଲିଗ ଜାରି କରି ଦାବି କରାଯାଇଛି କି, ସେ ସଂପୂର୍ଣ୍ଣ ସୁସ୍ଥ ଅଛନ୍ତି । ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ଘରକୁ ପଠାଯାଇଛି ବୋଲି କୁହାଯାଇଛି । ଆମିର ହମଜା ଆତଙ୍କବାଦୀ ହାଫିଜ୍ ସଇଦ ସହ ମିଶି ଲସ୍କରର ମୂଳଦୁଆ ରଖିଥିବା ପ୍ରମୁଖ ବ୍ୟକ୍ତି । ତାକୁ ଲସ୍କରର ବୈଚାରିକ ପ୍ରଚାର-ପ୍ରସାର ଓ ଫଣ୍ଡ ଏକାଠି କରିବା ନେଇ ବିଶେଷଜ୍ଞ ଭାବରେ ଜଣାଯାଏ । ଏହାଛଡା 'କାଫିଲ ଦାଓ୍ବତ' ଓ ଶହାଦତ ଭଳି ବହୁ ବିବାଦୀୟ ପୁସ୍ତକ ଲେଖି ସାରିଛି ।

## ଦୁଇଟି ଗାଡ଼ି ମଧ୍ୟରେ ଧକ୍କା, ୮ ମୃତ

ଆନ୍ଧ୍ରପ୍ରଦେଶ : ଆନ୍ଧ୍ରପ୍ରଦେଶର କୁର୍ଣ୍ଣୁଲରେ ଏକ ଭୟଙ୍କର ଦୁର୍ଘଟଣା ଘଟିଛି। ଦୁଇଟି ଗାଡ଼ି ମଧ୍ୟରେ ଧକ୍କା ହେବ ଫଳରେ ଏହି ଦୁର୍ଘଟଣା ଘଟିଥିବା ଜଣାପଡିଛି । ଏହି ଦୁର୍ଘଟଣାରେ ୮ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୧୦ ରୁ ୧୨ ଜଣ ଆହତ ହୋଇଛନ୍ତି । ବର୍ତ୍ତମାନ ଆହତମାନେ ଚିକିତ୍ସାଧୀନ ଅଛନ୍ତି ।



ଆହତମାନଙ୍କୁ ଚିକିତ୍ସା ପାଇଁ ଏମିଗାନୁର ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ମୃତକମାନଙ୍କୁ କର୍ଣ୍ଣାଟକର ତୀର୍ଥଯାତ୍ରୀ ଭାବରେ ଚିହ୍ନଟ କରାଯାଇଛି । ସମସ୍ତ ତୀର୍ଥଯାତ୍ରୀ ଚିକ୍କାମାଗାଲୁରୁ ଅଞ୍ଚଳର ବାସିନ୍ଦା ଥିଲେ ବୋଲି ମଧ୍ୟ ଜଣାପଡିଛି । ସୂଚନାନୁଯାୟୀ, ଶ୍ରୀ ରାଘବେନ୍ଦ୍ର ସ୍ୱାମୀଙ୍କୁ ଦର୍ଶନ କରିବା ପାଇଁ ମନ୍ତ୍ରଣାଳୟମକୁ ଯାଉଥିବାବେଳେ ଏହି ଅଘଟଣ ଘଟିଥିଲା । ଘଟଣା ପରେ ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛି । ଏକ ମାମଲା ରୁଜୁ କରାଯାଇ ଦୁର୍ଘଟଣାର କାରଣ ଜାଣିବା ପାଇଁ ଅଧିକ ତଦନ୍ତ ଚାଲିଛି । ଏହାରି ମଧ୍ୟରେ ପରିବହନ ମନ୍ତ୍ରୀ ମଣ୍ଡିପାଲି ରାମପ୍ରସାଦ ରେଡ୍ଡୀ ଏହି ଭୟଙ୍କର ସଡ଼କ ଦୁର୍ଘଟଣା ପାଇଁ ଗଭୀର ଶୋକ ପ୍ରକାଶ କରିଛନ୍ତି ଏବଂ ଦୁର୍ଘଟଣାରେ ପ୍ରାଣ ହରାଇଥିବା କର୍ଣ୍ଣାଟକ ବାସିନ୍ଦାଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି । ପରିବହନ ମନ୍ତ୍ରୀ ଆହତମାନଙ୍କୁ ସର୍ବୋତ୍ତମ ସମ୍ଭାବ୍ୟ ଚିକିତ୍ସା ପାଇବାକୁ ସୁନିଶ୍ଚିତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ଶାନ୍ତି ଚୁକ୍ତି ପ୍ରତ୍ୟାଖ୍ୟାନ ହେଲେ ପୁଣି ଯୁଦ୍ଧ

ୱାସିଂଟନ: ଆମେରିକା ଇରାନକୁ ଆଜି ଧମକ ଦେଇ କହିଛି ଯେ ଯଦି ଶାନ୍ତି ଚୁକ୍ତି ପ୍ରତ୍ୟାଖ୍ୟାନ ହୁଏ, ତେବେ ଆମେ ପୁନର୍ବାର ଯୁଦ୍ଧ ଆରମ୍ଭ କରିବୁ। ଆମେରିକାର ପ୍ରତିରକ୍ଷା ସଚିବ ପିଟ୍ ହେଗସେଥ୍ ଇରାନକୁ ଏକ ବାର୍ତ୍ତାରେ କହିଛନ୍ତି, ଆମେ ଆପଣଙ୍କ ଉପରେ ନଜର ରଖିଛୁ। ଆମେରିକା ଯେତେଦିନ ଆବଶ୍ୟକ ହେବ ଇରାନର ବନ୍ଦର ଓ ହର୍ମୁଜକୁ ଅବରୋଧ କରିବ। ଯଦି ତେହେରାନ ଚୁକ୍ତି ନକରେ ତେବେ ପୁନର୍ବାର ଭୀଷଣ ଆକ୍ରମଣ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ପେଣ୍ଟାଗନ ସାମ୍ବାଦିକ ସମ୍ମିଳନୀରେ ହେଗସେଥ୍ କହିଛନ୍ତି, ଯଦି ଇରାନ୍ ଭୁଲ୍ ନିଷ୍ପତ୍ତି ନିଏ, ତେବେ ଏହା ଅବରୋଧର ସମ୍ମୁଖୀନ ହେବ ଏବଂ ଏହାର ଭିତ୍ତିଭୂମି, ବିଦ୍ୟୁତ୍ ଏବଂ ଶକ୍ତି କ୍ଷେତ୍ର ଉପରେ ବୋମା ବର୍ଷା କରାଯିବ।



ଆମେରିକାର ଶୀର୍ଷ ସାମରିକ ଅଧିକାରୀ ଜେନେରାଲ୍ ଡାନ୍ କେନ୍ କହିଛନ୍ତି ଯେ ଇରାନର ବନ୍ଦରରେ ପ୍ରବେଶ କରୁଥିବା କିମ୍ବା ବାହାରକୁ ଯାଉଥିବା ସମସ୍ତ ଜାହାଜ ଉପରେ ଏହି ଅବରୋଧ ଲାଗୁ ହେବ। ଆମେରିକାର ଅବରୋଧ ଯୋଗୁଁ ବର୍ତ୍ତମାନ ସୁଦ୍ଧା ୧୩ଟି ଜାହାଜ ହର୍ମୁଜରୁ ସେମାନଙ୍କୁ ମୂଳ ସ୍ଥାନକୁ ଫେରିବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି କେନ୍ କହିଛନ୍ତି।

ଏହି ସମୟରେ, ହେଗସେଥ୍ କହିଛନ୍ତି ଯେ ଇରାନ ଉପରେ ପାଞ୍ଚ ସପ୍ତାହରୁ ଅଧିକ ସମୟ ଧରି ଆମେରିକା-ଇସ୍ରାଏଲର ଆକ୍ରମଣ ସମୟରେ ଇରାନ ସେନାର ମେରୁଦଣ୍ଡ ଭାଙ୍ଗିଯାଇଛି। ଇରାନର ନେତାମାନଙ୍କୁ ସିଧାସଳଖ ସମ୍ବୋଧିତ କରି ସେ କହିଛନ୍ତି, ଆମେ ଆପଣମାନଙ୍କ ପ୍ରତ୍ୟେକ ପଦକ୍ଷେପ ଉପରେ ନଜର ରଖିଛୁ ଏବଂ ଆମ ସର୍ତ୍ତ ଗ୍ରହଣ ନକଲେ ଭୟାନକ ପରିଣାମ ଭୋଗିବା ନିଶ୍ଚିତ। ଆପଣଙ୍କର କୌଣସି ପ୍ରତିରକ୍ଷା ଶିଳ୍ପ ନାହିଁ ଏବଂ ଆପଣଙ୍କର ଆକ୍ରମଣାତ୍ମକ କିମ୍ବା ପ୍ରତିରକ୍ଷା କ୍ଷମତା ପୂରଣ କରିବାର କୌଣସି କ୍ଷମତା ନାହିଁ ବୋଲି ହେଗସେଥ୍ ? କହିଛନ୍ତି।

ମଧ୍ୟପ୍ରାଚ୍ୟରେ ଅବସ୍ଥାପିତ ଆମେରିକାର ସୈନ୍ୟବାହିନୀର ଦାୟିତ୍ୱରେ ଥିବା ସେଣ୍ଟ୍ରାଲ୍ କମାଣ୍ଡର ମୁଖ୍ୟ ଆଡମିରାଲ୍ ବ୍ରାଡ୍ କୁପର କହିଛନ୍ତି ଯେ ୱାସିଂଟନ୍ ଏହାର ସୈନ୍ୟବାହିନୀକୁ ପୁନଃ ସଶସ୍ତ୍ର କରିବା ଏବଂ ରଣନୀତି ପରିବର୍ତ୍ତନ କରିବା ପାଇଁ ଅସ୍ତ୍ରବିରତି ବ୍ୟବହାର କରୁଛି। କୁପର କହିଛନ୍ତି, ଆମେ ଆମର ସୈନ୍ୟବାହିନୀକୁ ପୁନଃ ସଶସ୍ତ୍ର କରୁଛୁ, ଆମର ଉପକରଣ ଠିକ୍ କରୁଛୁ ଏବଂ ଆମର ରଣନୀତି, କୌଶଳ ଏବଂ ପ୍ରକ୍ରିୟା ପରିବର୍ତ୍ତନ କରୁଛୁ। ଦୁନିଆର କୌଣସି ସେନା ଆମ ପରି ଦ୍ରୁତ ଗତିରେ ପରିବର୍ତ୍ତନ କରିପାରିବ ନାହିଁ ଏବଂ ଏହି ଅସ୍ତ୍ରବିରତି ସମୟରେ ଆମେ ତାହା କରୁଛୁ ବୋଲି ସେ କହିଛନ୍ତି।

## ଦକ୍ଷିଣ ରାଜ୍ୟଗୁଡ଼ିକୁ ନେଇ ରାଜନୈତିକ ଦ୍ୱନ୍ଦ୍ୱ ଦୂର କଲେ ଶାହ

ନୂଆଦିଲ୍ଲୀ: ନୂତନ ସୀମା ନିର୍ଦ୍ଧାରଣ ପରେ ଦକ୍ଷିଣ ରାଜ୍ୟଗୁଡିକ ସଂସଦରେ ପ୍ରତିନିଧିତ୍ୱ ହରାଇବେ ବୋଲି ଆଶଙ୍କା କରି ଦେଉଥିବା ବୟାନକୁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଆଜି ଲୋକସଭାରେ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ ସେମାନଙ୍କର ଅଂଶ ହ୍ରାସ ପାଇବ ନାହିଁ ବରଂ ବୃଦ୍ଧି ପାଇବ ଏବଂ ୨୦୨୯ ଲୋକସଭା ନିର୍ବାଚନ ପୂର୍ବରୁ ସମସ୍ତ ନିର୍ବାଚନ ବର୍ତ୍ତମାନର ବ୍ୟବସ୍ଥାରେ ଅନୁଷ୍ଠିତ ହେବ। ଲୋକସଭାରେ ମହିଳା ସଂରକ୍ଷଣ ଆଇନ ସହ ଜଡିତ ସମ୍ବିଧାନ ସଂଶୋଧନ ବିଲ୍-୨୦୨୬, ସୀମା ନିର୍ଦ୍ଧାରଣ ବିଲ୍-୨୦୨୬ ଏବଂ 'କେନ୍ଦ୍ର ଆଇନ (ସଂଶୋଧନ) ବିଲ୍, ୨୦୨୬ ଉପରେ ଆଲୋଚନାରେ କିଛି ବିରୋଧୀ ସଦସ୍ୟଙ୍କ ବିଭିନ୍ନ ଆଶଙ୍କା ଏବଂ ଆପତ୍ତିକୁ ପ୍ରତ୍ୟାଖ୍ୟାନ କରି ଶାହ ଏହା କହିଛନ୍ତି। ବିରୋଧୀଙ୍କ ରାଜନୈତିକ ଦ୍ୱନ୍ଦ୍ୱକୁ ଦୂର କରି ଶାହ କହିଛନ୍ତି ଯେ କର୍ଣ୍ଣାଟକରେ ବର୍ତ୍ତମାନ ୨୮ଟି ଲୋକସଭା ଆସନ ଅଛି, ଯାହା ମୋଟ ୫୪୩ ଆସନର ୫.୧୫ ପ୍ରତିଶତ, କିନ୍ତୁ ଏହି ବିଲ୍ ପାରିତ ହେବା ପରେ କର୍ଣ୍ଣାଟକର ଆସନ ସଂଖ୍ୟା ୪୨ ହେବ। ଆନ୍ଧ୍ରପ୍ରଦେଶରେ ବର୍ତ୍ତମାନ ୨୫ଟି ଲୋକସଭା ଆସନ ଅଛି ଏବଂ ଏହାର ପ୍ରତିନିଧିତ୍ୱ ୪.୬ ପ୍ରତିଶତ ରହିଛି, ଯାହା ସୀମା ନିର୍ଦ୍ଧାରଣ ପରେ ୩୮କୁ ବୃଦ୍ଧି ପାଇବ। ସେ କହିଛନ୍ତି ଯେ ତେଲେଙ୍ଗାନାରେ ବର୍ତ୍ତମାନ ଆସନ ସଂଖ୍ୟା ୧୭ ରହିଛି, ଯାହା ପରେ ୨୬ ହେବ। ଶାହ କହିଛନ୍ତି, ମୁଁ ତାମିଲନାଡୁବାସୀଙ୍କୁ ଆଶ୍ୱାସନା ଦେବାକୁ ଚାହୁଁଛି ଯେ ସେମାନଙ୍କ ପ୍ରତିନିଧିତ୍ୱରେ କୌଣସି ହ୍ରାସ ହେବ ନାହିଁ ଏବଂ ରାଜ୍ୟର କୌଣସି କ୍ଷତି ହେବ ନାହିଁ। ବର୍ତ୍ତମାନ ରାଜ୍ୟରେ ୩୯ ଜଣ ସଦସ୍ୟ (୭.୧୮ ପ୍ରତିଶତ) ଅଛନ୍ତି, ଯାହା ସୀମା ପୁନଃନିର୍ଦ୍ଧାରଣ ପରେ ୫୯ (୭.୨୩ ପ୍ରତିଶତ)କୁ ବୃଦ୍ଧି ପାଇବ ବୋଲି ସେ କହିଛନ୍ତି। ଶାହା କହିଛନ୍ତି ଯେ ଲୋକସଭାରେ କେରଳର ବର୍ତ୍ତମାନର ପ୍ରତିନିଧିତ୍ୱ ୩.୬୮ ପ୍ରତିଶତ ରହିଛି, ଯାହା ୩.୬୭ ପ୍ରତିଶତ (୩୦ଟି ଆସନ) ହେବ। ତେବେ ସଂସଦର ଅନୁମୋଦନ ଏବଂ ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ହିଁ ସୀମା ନିର୍ଦ୍ଧାରଣ ଆୟୋଗ ରିପୋର୍ଟ କାର୍ଯ୍ୟକାରୀ ହେବ। ୨୦୨୯ ପୂର୍ବରୁ ଏହାର କାର୍ଯ୍ୟାନ୍ୱୟନର ପ୍ରଶ୍ନ ଉଠୁନାହିଁ । ସେପର୍ଯ୍ୟନ୍ତ ସମସ୍ତ ନିର୍ବାଚନ ପୁରୁଣା ବ୍ୟବସ୍ଥାରେ ଅନୁଷ୍ଠିତ ହେବ ବୋଲି ଶାହ କହିଛନ୍ତି।



ସମାଜବାଦୀ ପାର୍ଟି ସଭାପତି ଅଖିଳେଶ ଯାଦବଙ୍କୁ ସମାଲୋଚନା କରି ଶାହ କହିଛନ୍ତି ଯେ ୨୦୨୭ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନକୁ ନେଇ ତାଙ୍କୁ ଭୟ କରିବାର ଆବଶ୍ୟକତା ନାହିଁ। ଯେଉଁମାନେ ଆମ ଉପରେ ୧୩୦ କୋଟି ଲୋକଙ୍କୁ ପ୍ରଭାବିତ କରୁଥିବା ଅଭିଯୋଗ କରୁଛନ୍ତି, ସେମାନେ ଆମର ଶକ୍ତିକୁ ଅଧିକ ଆକଳନ କରୁଛନ୍ତି। କଂଗ୍ରେସକୁ ଟାର୍ଗେଟ କରି ସେ କହିଛନ୍ତି, ଗଣତନ୍ତ୍ରରେ ଲୋକମାନେ ନିଷ୍ପତ୍ତି ନିଅନ୍ତି। ରାଜନୈତିକ ଦଳମାନେ ଏହା କରିପାରିବେ ନାହିଁ। ଯଦି ଆମେ କରିପାରିଥାନ୍ତୁ, ତେବେ ଆମେ ଜିତି ନଥାନ୍ତୁ କାରଣ ଆପଣ କ୍ଷମତାରେ ଥିଲେ ।

## ବୃନ୍ଦାବନରେ ଡଙ୍ଗାବୁଡ଼ି ଘଟଣା, ମାଜିଷ୍ଟ୍ରେଟ୍ ଯାଞ୍ଚ ପାଇଁ ଆଦେଶ ଜାରି



ମଥୁରା : ବୃନ୍ଦାବନରେ ହୋଇଥିବା ଡଙ୍ଗା ଦୁର୍ଘଟଣାରେ ମାଜିଷ୍ଟ୍ରେଟ୍ ଯାଞ୍ଚ ପାଇଁ ଆଦେଶ ଦେଇଛନ୍ତି । ଡଙ୍ଗା ବୁଡ଼ି ଘଟଣାରେ ୧୫ ଜଣ ଲୋକଙ୍କ ଜୀବନ ଚାଲିଯାଇଥିଲା । ଜିଲ୍ଲାଧିକାରୀ ଚନ୍ଦ୍ରପ୍ରକାଶ ସିଂ ଯାଞ୍ଚ ପାଇଁ ଉପରିସ୍ଥ ଜିଲ୍ଲାଧିକାରୀଙ୍କୁ ନିଯୁକ୍ତ କରାଯାଇଛି । ୧୦ ଏପ୍ରିଲରେ ହୋଇଥିବା ଡଙ୍ଗା ବୁଡ଼ି ଘଟଣାରେ ପଞ୍ଜାବରୁ ଆସିଥିବା ତୀର୍ଥଯାତ୍ରୀ ଯମୁନା ପରିକ୍ରମା କରୁଥିବା ବେଳେ ଡଙ୍ଗାଟି ବୁଡ଼ିଯାଇଥିଲା । ଘଟଣାରେ ଏଯାଏଁ ୧୫ ଜଣଙ୍କ ଜୀବନ ଚାଲିଯାଇଥିବା ବେଳେ ୧୦ ଜଣଙ୍କୁ ଉଦ୍ଧାର କରଯାଇଛି । ଜଣେ ଏଯାଏଁ ନିଖୋଜ ରହିଛନ୍ତି । ଘଟଣା ପରେ ଯାଞ୍ଚ ଅଧିକାରୀ ଏଡିଏମ ବର୍ମା ଦୁର୍ଘଟଣାର କାରଣ ଖୋଜିବା ପାଇଁ ମାଜିଷ୍ଟ୍ରେଟ ଯାଞ୍ଚ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ପ୍ରଶାସନ ତରଫରୁ ଏକ ସାର୍ବଜନିନ ନୋଟିସ ଜାରି କରାଯାଇ ଘଟଣା ସଂପର୍କରେ ସୂଚନା ଏବଂ ପ୍ରମାଣ ଦେବାକୁ ଅନୁରୋଧ କରାଯାଇଛି । ଜିଲ୍ଲାଧିକାରୀ କହିଛନ୍ତି, କୌଣସି ବ୍ୟକ୍ତି କିମ୍ବା ସଂସ୍ଥା ଯଦି କୌଣସି ସୂଚନା ଦେବାକୁ ଚାହୁଁଛନ୍ତି, ସେମାନେ ୨୩ ଏପ୍ରିଲ ସକାଳ ୧୦ଟାରୁ ୫ଟା ଯାଏଁ ଏଡିଏମ କାର୍ଯ୍ୟାଳୟରେ ଲିଖିତ କିମ୍ବା ମୌଖିକ ବୟାନ ଦାୟର କରିପାରିବେ । ଏହି ଘଟଣା ଅଭିଯୋଗରେ ୨ ଜଣଙ୍କୁ ଗିରଫ କରାଯାଇଛି । ତେବେ ଶ୍ରଦ୍ଧାଳୁଙ୍କୁ ବାରମ୍ବାର ଚେତାବନୀ ଦିଆଯିବା ସତ୍ତ୍ୱେ ମଧ୍ୟ ଠିକାଦାର ଏବଂ ଡଙ୍ଗା ଚାଳକ ଦାୟିତ୍ୱହୀନତା ଦର୍ଶାଇଥିଲେ । ପରିଣାମସ୍ୱରୂପ ଡଙ୍ଗା ଯମୁନାରେ ଓଲଟିପଡିଥିଲା । ଆଉ ସମସ୍ତ ଲୋକ ପାଣିରେ ବୁଡ଼ିଯାଇଥିଲେ ।

# 'ହର୍ମୁଜ ଗେଟ'ରେ ମୁହାଁମୁହିଁ ହେଲେ ଭାରତ-ପାକିସ୍ତାନ ଯୁଦ୍ଧଜାହାଜ

ତେହରାନ/ନୂଆଦିଲ୍ଲୀ : ପଶ୍ଚିମ ଏସିଆରେ ଚାଲିଥିବା ସଂଘର୍ଷ ଏବଂ ଆମେରିକା ନୌସେନାର ହର୍ମୁଜ ପ୍ରଣାଳୀ ଅବରୋଧ ସହିତ ମିଳିତ ହୋଇ ଏହି ଅଞ୍ଚଳରେ ଉତ୍ତେଜନା ବୃଦ୍ଧି ପାଇଛି। ଏହି ପୃଷ୍ଠଭୂମି ମଧ୍ୟରେ, ଓମାନ ଉପକୂଳରେ ଏକ ବିରଳ ଏବଂ ଆଶ୍ଚର୍ଯ୍ୟଜନକ ଦୃଶ୍ୟ ପରିଲକ୍ଷିତ ହୋଇଛି। ସାଟେଲାଇଟ ଚିତ୍ରରୁ ଜଣାପଡିଛି ଯେ ଭାରତୀୟ ଏବଂ ପାକିସ୍ତାନୀ ଯୁଦ୍ଧଜାହାଜ ପରସ୍ପରର ଅତ୍ୟନ୍ତ ନିକଟତର ହୋଇଥିଲେ। ଦୁଇ ଦେଶର ନୌସେନା ଜାହାଜ ମଧ୍ୟରେ ଦୂରତା ମାତ୍ର ୧୮ ନଟିକାଲ ମାଇଲ (ପ୍ରାୟ ୩୩ କିଲୋମିଟର) ରେକର୍ଡ କରାଯାଇଛି। ସାଧାରଣତଃ, ଏହି ଦୁଇ ଦେଶର ନୌସେନା ପରସ୍ପରର ଏତେ ନିକଟତର ହୁଅନ୍ତି ନାହିଁ; ତଥାପି, ବର୍ତ୍ତମାନର ପରିସ୍ଥିତି ସମୁଦ୍ରରେ ସୁରକ୍ଷା ଗତିଶୀଳତାକୁ ସମ୍ପୂର୍ଣ୍ଣ ପରିବର୍ତ୍ତନ କରିଛି।




ସାଟେଲାଇଟ ଚିତ୍ର ବିଶ୍ଳେଷକ ଡାମିଏନ ସାଇମନଙ୍କ ଅନୁଯାୟୀ, ଏହି ନିୟୋଜନ ଓମାନ ଉପସାଗରରେ ପରିଲକ୍ଷିତ ହୋଇଥିଲା। ଜାରି ରହିଥିବା ସଂଘର୍ଷ ଯୋଗୁ, ଏହି ଜଳଭାଗ ଦେଇ ବାଣିଜ୍ୟ ଜାହାଜଗୁଡ଼ିକର ନିରାପଦ ପଥ ଅତି କଷ୍ଟକର ହୋଇପଡୁଛି। ଭାରତ ଏବଂ ପାକିସ୍ତାନ ଉଭୟ ନିଜ ନିଜ ବାଣିଜ୍ୟ ନୌବାହିନୀ ପାଇଁ ସୁରକ୍ଷିତ ପଥ ସୁରକ୍ଷିତ କରିବା ପାଇଁ ପ୍ରୟାସରେ ସକ୍ରିୟ ଭାବରେ ନିୟୋଜିତ ଅଛନ୍ତି। ଏହା ବ୍ୟାଖ୍ୟା କରେ ଯେ ଉଭୟ ରାଷ୍ଟ୍ରର ନୌସେନା ଆଜିକାଲି ଉପସାଗର ଅଞ୍ଚଳରେ ବିଶେଷ ଭାବରେ ସକ୍ରିୟ ଦେଖାଯାଉଛି। ଶକ୍ତି ଏବଂ ବାଣିଜ୍ୟ ଦୃଷ୍ଟିରୁ, ଏହି ଅଞ୍ଚଳକୁ ବିଶ୍ୱର ଜୀବନରେଖା ବୋଲି ବିବେଚନା କରାଯାଏ। ଯଦି ଏଠାରେ ଉତ୍ତେଜନା ବୃଦ୍ଧି ପାଏ – ସାମାନ୍ୟ ହେଲେ ମଧ୍ୟ – ତେବେ ଏହାର ସିଧାସଳଖ ଏବଂ ତୁରନ୍ତ ପ୍ରଭାବ ବିଶ୍ୱ ଯୋଗାଣ ଶୃଙ୍ଖଳା ଏବଂ ତୈଳ ମୂଲ୍ୟ ଉପରେ ପଡ଼ିବ।

ସମ୍ପ୍ରତି, ୨୦,୪୦୦ ମେଟ୍ରିକ ଟନ ଏଲପିଜି ବହନ କରି ଭାରତୀୟ ଜାହାଜ 'ଜଗ ବିକ୍ରମ' ଗୁଜୁରାଟର କାଣ୍ଡଲା ବନ୍ଦରରେ ପହଞ୍ଚିଛି। ସରକାରୀ ତଥ୍ୟ ଅନୁଯାୟୀ, ମାର୍ଚ୍ଚ ଆରମ୍ଭରୁ କେବଳ ନଅଟି ଭାରତୀୟ ଜାହାଜ ପାରସ୍ୟ ଉପସାଗରରୁ ବାହାରିବାରେ ସଫଳ ହୋଇଛି। ପ୍ରାୟ ୧୫ଟି ଭାରତୀୟ ପତାକା ଜାହାଜ ସେହି ଅସ୍ଥିର ଅଞ୍ଚଳରେ ଫସି ରହିଛି, ପ୍ରସ୍ଥାନ ପାଇଁ କ୍ଲିୟରାନ୍ସ ଅପେକ୍ଷାରେ।

ଏହି ସମୟରେ, ଇରାନ କର୍ତ୍ତୃପକ୍ଷ ପୂର୍ବରୁ ଦୁଇଟି ପାକିସ୍ତାନୀ ବାଣିଜ୍ୟ ଜାହାଜକୁ ଅଟକ ରଖିଥିଲେ। ଯଥେଷ୍ଟ ପ୍ରୟାସ ପରେ, ସେମାନଙ୍କୁ ଶେଷରେ କୁଏଟ ଏବଂ ୟୁଏଇ ଯିବା ପାଇଁ ଅନୁମତି ଦିଆଯାଇଥିଲା। ଏହି ପରିସ୍ଥିତି ଏହି ସତ୍ୟକୁ ସ୍ପଷ୍ଟ କରେ ଯେ ସାମୁଦ୍ରିକ ପଥ ଆଉ ସୁରକ୍ଷିତ ନୁହେଁ।

ଓମାନ ଉପସାଗରକୁ ହର୍ମୁଜ ପ୍ରଣାଳୀର ପ୍ରବେଶପଥ ଭାବରେ ବିବେଚନା କରାଯାଏ। ବିଶ୍ୱର ମୋଟ ତୈଳ ଯୋଗାଣର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଏହି ସଂକୀର୍ଣ୍ଣ ଜଳପଥ ଦେଇ ଗତି କରେ। ବିଦେଶୀ ନୌସେନାର ବର୍ଦ୍ଧିତ ଉପସ୍ଥିତି ପ୍ରମାଣ କରେ ଯେ ଆଗାମୀ ଦିନରେ ବାଧା ବୃଦ୍ଧି ପାଇପାରେ। ଯେତେବେଳେ ଭାରତ ଏବଂ ପାକିସ୍ତାନ ଭଳି ପଡ଼ୋଶୀ ରାଷ୍ଟ୍ରମାନେ ସମାନ ଅଞ୍ଚଳରେ ସେମାନଙ୍କର ଯୁଦ୍ଧଜାହାଜ ମୁତୟନ କରନ୍ତି, ସେତେବେଳେ ମୁକାବିଲାର ଆଶଙ୍କା ସର୍ବଦା ରହିଥାଏ। ତଥାପି, ଏହି ସମୟରେ ଉଭୟ ରାଷ୍ଟ୍ର ପାଇଁ ପ୍ରାଥମିକ ଧ୍ୟାନ ହେଉଛି ସେମାନଙ୍କ ବାଣିଜ୍ୟିକ ଜାହାଜର ସୁରକ୍ଷା ସୁନିଶ୍ଚିତ କରିବା।

## ଡ୍ରାଇଭରଙ୍କ ଭୁଲ୍ ଯୋଗୁଁ ଚାଲିଗଲା ୩ ଜୀବନ

ରାଜସ୍ଥାନ : ଗତକାଲି ବିଳମ୍ବିତ ରାତିରେ ରାଜସ୍ଥାନ କୋଟାର ନ୍ୟାସନାଲ ହାଇୱେରେ ଦୁର୍ଘଟଣା ଘଟିଥିବା ସୂଚନା ମିଳିଛି । ଏହି ଦୁର୍ଘଟଣାରେ ୩ ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୩୫ ଜଣ ଆହତ ହୋଇଛନ୍ତି । କୋଟା ବାଇପାସର ହରେ କୃଷ୍ଣ ମନ୍ଦିର ନିକଟରେ ଏକ ଦ୍ରୁତଗାମୀ ସ୍ଲିପର କୋଚ୍ ବସ୍ ନିୟନ୍ତ୍ରଣ ହରାଇ ଓଲଟି ପଡ଼ିବାରୁ ଦୁର୍ଘଟଣା ଘଟିଥିବା ଜଣାପଡିଛି । ସୂଚନାନୁଯାୟୀ, ଦୁର୍ଘଟଣା ସମୟରେ ବସରେ ପ୍ରାୟ ୬୦ ଜଣ ଯାତ୍ରୀ ଥିଲେ । ବସ୍ ?ଟି ଦିନ ୧୨ଟାରେ ଅହମ୍ମଦାବାଦରୁ ବାହାରି ମଧ୍ୟପ୍ରଦେଶର ଭିଣ୍ଡ-ମୋରେନା ଅଭିମୁଖେ ଯାଉଥିଲା । ରାତି ପ୍ରାୟ ୧୧ଟା ୧୫ ମିନିଟ୍‌ରେ କୋଟା ବାଇପାସ୍‌ରେ ହଠାତ୍ ଡ୍ରାଇଭର ବସ୍ ଉପରୁ ନିୟନ୍ତ୍ରଣ ହରାଇଥିଲେ । ବସ୍‌ଟି ଏତେ ଦ୍ରୁତ ଗତିରେ ଯାତ୍ରା କରୁଥିଲା ଯେ ଏକ ଛୋଟ କଲଭର୍ଟକୁ ଧକ୍କା ଦେଇଥିଲା । ଯାହା ଦ୍ୱାରା ଡିଭାଇଡର୍ ପାର ହୋଇ ଓଲଟି ପଡ଼ିଥିଲା । ସେହି ସମୟରେ ବିପରୀତ ଲେନ୍‌ରେ ଏକ ଟ୍ରେଲର ଯାଉଥିଲା । ଟ୍ରେଲର ଡ୍ରାଇଭର ସାମ୍ନାରେ ଥିବା ବସ୍‌କୁ ଦେଖି ହଠାତ୍ ବ୍ରେକ୍ ଲଗାଇ ବସ୍‌କୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ ।

ଭୁବନେଶ୍ୱର, ଶୁକ୍ରବାର ୧୭ ଏପ୍ରିଲ୍ ୨୦୨୬
Bhubaneswar, Friday 17 April, 2026
ମଇଦାନ୍
ମହାଭାରତ
ଏଇ ମାଟିରେ ଯୋଡୁଛି ନୂଆ ସମ୍ପାନ


# ଲକ୍ଷ୍ନୌକୁ ୫ ୱିକେଟରେ ହରାଇଲା ଆରସିବି



ନୂଆଦିଲ୍ଲୀ୧୬।୪:: ବୋଲରଙ୍କ ଘାତକ ବୋଲିଂ ପରେ ବ୍ୟାଟରଙ୍କ କମାଲ। ଏମ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳା ଯାଇଥିବା ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଧମାକାଦାର ବିଜୟ ହାସଲ କରିଛି। ଆଇପିଏଲର ୨୨ତମ ମ୍ୟାଚ୍‌ରେ ଆରସିବି ଏଲସଜିକୁ ୫ ୱିକେଟରେ ହରାଇଛି। ପ୍ରଥମେ ବ୍ୟାଟିଂ କରିଥିବା ଏଲଏସଜି ୧୪୬ ରନ କରିଥିଲା। ଜବାବରେ ଆରସିବି ୫ ୱିକେଟ୍ ହରାଇ ୨୯ଟି ବଲ୍ ପୂର୍ବରୁ ମ୍ୟାଚ୍‌କୁ ସହଜରେ ଜିତି ନେଇଛି। ବିରାଟ କୋହଲି ସର୍ବାଧିକ ୪୯ ରନ କରିଥିବା ବେଳେ ବାକି ବ୍ୟାଟର ଉପଯୋଗୀ ରନ କରିଛନ୍ତି। ଆରସିବି ପଞ୍ଚମ ମ୍ୟାଚ୍‌ରୁ ଚତୁର୍ଥ ବିଜୟ ସହ ପଏଣ୍ଟ ତାଲିକାର ଶୀର୍ଷକୁ ଉଠିଛି। ଅନ୍ୟପଟେ ଲକ୍ଷ୍ନୌ ତୃତୀୟ ପରାଜୟ ଭୋଗିଛି। ୧୪୯ ରନର ବିଜୟ ଲକ୍ଷ୍ୟକୁ ୧୫ ଓଭର ୧ ବଲରେ ଜିତି ନେଇଛି ବେଙ୍ଗାଲୁରୁ । ବିରାଟ କୋହଲି ୪୯ ରନର ପାଳି ଖେଳିଥିବାବେଳେ ୱିକେଟ କିପର ବ୍ୟାଟ୍ସମ୍ୟାନ ଜିତେଶ ଶର୍ମା ୨୩ ରନ୍ କରିଛନ୍ତି । ସେପଟେ ଲକ୍ଷ୍ନେ ପକ୍ଷରୁ ପ୍ରିନ୍ସ ଯାଦବ ୩ ଏବଂ ଆଭେଶ ଖାନ ୨ ୱିକେଟ ଅକ୍ତିଆର କରିବାରେ ସକ୍ଷମ ହୋଇଛନ୍ତି । ଦଳର ବାକି ବୋଲର ୱିକେଟ୍ ଲେସ୍ ରହିଛନ୍ତି ।୧୪୭ ରନକୁ ପିଛା କରୁଥିବାବେଳେ ୧୫.୧ ବଲରେ ଜିତି ନେଇଛି ବେଙ୍ଗାଲୁରୁ । କୋହଲିଙ୍କ ବ୍ୟତିତ ଫିଲ୍ ସଲ୍ଟ ୭, ପାଡିକଲ ୧୦, ଅଧିନାୟକ ପଟିଦାର ୧୦ ବଲରୁ ୨୭, ଟିମ ଡେଭିଡ ୮ ବଲରୁ ୨୭ ଏବଂ ସେଫର୍ଡ ମଧ ୮ ବଲରୁ ୨୭ ରନ୍ କରିବାରେ ସକ୍ଷମ ହୋଇଥିଲେ । ଦଳର ବୋଲିଂ ଯେଭଳି ସୁଦୃଢ଼ ହୋଇଥିଲା ବ୍ୟାଟିଂରେ ବ୍ୟାଟ୍ସମ୍ୟାନମାନେ ମଧ କମାଲ କରିଥିବାବେଳେ ସହଜରେ ବିଜୟ ହାସଲ କରିଛନ୍ତି ।

ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା ଜଉଇ । ଲକ୍ଷ୍ନେକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିବାବେଳେ ଅଲଆଉଟ ହୋଇ ୧୪୬ ରନ କରିବାରେ ସକ୍ଷମ ହୋଇଥିଲା । ଯଦିଓ ଦଳର ଦୁଇ ଓପନର ମାକ୍ରମ ଏବଂ ମାର୍ସ ଭଲ ଆରମ୍ଭ କରିଥିଲେ ତଥାପି ଦଳର ବାକି ଖେଳାଳି ବିଫଳ ହୋଇଥିଲେ । ଦଳ ପକ୍ଷରୁ ଆୟୁଷ ବଦୋନି ୩୮, ମୁକୁଲ ଚେଧୁରୀ ୩୯ ରନ କରିଥିଲେ । ଏହାସହ ମାକ୍ରମ ୧୨ ରନ କରିଛନ୍ତି । କାବି କେଣସି ଖେଳାଳି ଦୁଇ ଅଙ୍କ ଛୁଇଁ ପାରିନାହାନ୍ତି । ସେପଟେ ଆରସିବି ପକ୍ଷରୁ ଭୁବନେଶ୍ୱର କୁମାର ୩, କୃନାଲ ପାଣ୍ଡ୍ୟା ୨ ଏବଂ ହାଜେଲହୁଡ ଗୋଟିଏ ୱିକେଟ୍ ନେଇଥିଲେ ।

## ଆର୍‌ସିବି ପ୍ରଶଂସକଙ୍କ ପସନ୍ଦ ଅନୁଷ୍କାଙ୍କ ସ୍କର୍ଟ-ଟପ୍



ବେଙ୍ଗାଲୁରୁ,୧୬।୪: ବୁଧବାରର ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ବିପକ୍ଷ ମ୍ୟାଚ୍‌ରେ ଆର୍‌ସିବିର କିଂବଦନ୍ତି ତାରକା ବିରାଟ କୋହଲିଙ୍କ ପତ୍ନୀ ଅନୁଷ୍କା ଶର୍ମା ଏକ ସୁନ୍ଦର ସ୍କର୍ଟ ଓ ଆକର୍ଷଣୀୟ ଫୁଲପକା ଟପ୍ ପିନ୍ଧିଥିଲେ। ଏହି ଷ୍ଟାଇଲିସ୍ ପୋଷାକ ପିନ୍ଧି ଦର୍ଶକ ଗ୍ୟାଲେରିରୁ ନିୟମିତ ଭାବେ କୋହଲିଙ୍କୁ ଉତ୍ସାହିତ କରୁଥିଲେ। କୋହଲି ମାତ୍ର ଗୋଟିଏ ରନ୍ ପାଇଁ ଅର୍ଦ୍ଧଶତକରୁ ବଞ୍ଚିତ ହୋଇଥିଲେ ମଧ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ଲାଭ କରି ଅନୁଷ୍କାଙ୍କ ଉପସ୍ଥିତିକୁ ଆହୁରି ରୋମାଣ୍ଟିକ୍ ବନାଇ ଦେଇଥିଲେ। ତେବେ କୋହଲିଙ୍କ ଅର୍ଦ୍ଧଶତକ ଅପେକ୍ଷା ଅନୁଷ୍କାଙ୍କ ସ୍କର୍ଟ ଓ ଟପ୍ ଆର୍‌ସିବି ପ୍ରଶଂସକଙ୍କର ଅଧିକ ଧ୍ୟାନ ଆକର୍ଷଣ କରିଥିଲା। ଅନୁଷ୍କାଙ୍କ ରୁଚି ଓ ପୋଷାକର ରୂପକୁ ସେମାନେ ବେଶ୍ ପ୍ରଶଂସା କରିଥିଲେ। ଅନୁଷ୍କା ପିନ୍ଧିଥିବା ଏହି ପୋଷାକ ଏକ ପ୍ରସିଦ୍ଧ ଫରାସୀ ବ୍ରାଣ୍ଡ୍ 'ସାନ୍ଦ୍ରୋ ପ୍ୟାରିସ୍ ଅଫିସିଏଲ୍'ର ବୋଲି ଜଣାପଡିଛି। ଟପ୍ ଟିର ଦାମ ଭାରତୀୟ ମୁଦ୍ରାରେ ପାଖାପାଖି ୩୨,୬୬୫ ଟଙ୍କା ହୋଇଥିଲା ବେଳେ ସ୍କର୍ଟର ମୂଲ୍ୟ ୩୯,୬୬୫ ଟଙ୍କା ଥିବାଜଣାପଡିଛି। ପ୍ରଶଂସକ ତାଙ୍କ ପୋଷାକକୁ ପସନ୍ଦ କରୁଥିଲେ ମଧ ଚ଼ା ଦର ପାଇଁ ଏହାକୁ ପିନ୍ଧିବା ସେମାନଙ୍କ ପକ୍ଷରେ ସମ୍ଭବ ହେବନି ବୋଲି ସାମାଜିକ ଗଣାମଧମରେ ମନ୍ତବ୍ୟ ଦେଉଛନ୍ତି। ପୋଷାକ ଛଡା କୋହଲି ଯେତେବେଳେ ଅର୍ଦ୍ଧଶତକର ଗୋଟିଏ ରନ୍ ପୂର୍ବରୁ ଆଉଟ୍ ହୋଇଯାଇଥିଲେ, ସେତେବେଳେ ଅନୁଷ୍କା ଦେଇଥିବା ପ୍ରତିକ୍ରିୟା ମଧ ସାମାଜିକ ଗଣମାଧମରେ ବେଶ୍ ଭାଇରାଲ୍ ହେଉଛି।

### ଆଇପିଏଲ୍‌ରେ ଚେନ୍ନାଇକୁ ଝଟକା

# ବାଦ ପଡିଲେ ଖଲୀଲ ଅହମ୍ମଦ



ନୂଆଦିଲ୍ଲୀ,୧୬।୪: ଚେନ୍ନାଇ ସୁପର କିଙ୍ଗସ(ସିଏସ୍‌କେ))କୁ ବଡ ଝଟକା। ୨୦୨୬ ଆଇପିଏଲରୁ ବାଦ ପଡିଛନ୍ତି ଦଳର ପ୍ରମୁଖ ଦ୍ରୁତ ବୋଲର ଖଲୀଲ ଅହମଦବ। କ୍ରମାଗତ ଚେନ୍ନାଇ ପାଇଁ ଭଲ ପ୍ରଦର୍ଶନ କରି ଆସୁଥିବା ଖଲୀଲଙ୍କୁ ୪.୮ କୋଟି ଟଙ୍କାରେ କିଣିଥିଲା ଦଳ। କିନ୍ତୁ ଏବେ ୫ଟି ମ୍ୟାଚ୍ ପରେ ଖଲୀଲ ପୂରା ଆଇପିଏଲରୁ ଆହତ ସମସ୍ୟା ଯୋଗୁ ବାଦ ପଡିଛନ୍ତି।

ଏପ୍ରିଲ ୧୪ରେ କେକେଆର ବିପକ୍ଷ ମ୍ୟାଚ୍‌ରେ ଖଲୀଲ ଆହତ ହୋଇଥିଲେ। ନିଜ ସ୍ପେଲର ଶେଷ ବଲ ପକାଇବାକୁ ଯାଉଥିବା ବେଳେ ସେ ଜଙ୍ଘରେ ସମସ୍ୟା ସାମ୍ନା କରିଥିଲେ। ଏଥିଯୋଗୁ ତାଙ୍କୁ ପଡିଆ ଛାଡିବାକୁ ପଡିଥିଲା। ଉକ୍ତ ମ୍ୟାଚ୍‌ରେ ସେ ୩.୫ ଓଭରରେ ମାତ୍ର ୨୪ ରନ ଦେଇ ଗୋଟିଏ ୱିକେଟ ନେଇଥିଲେ।

ଲାଗୁଥିଲା ଖଲୀଲଙ୍କ ଆହତ ସମସ୍ୟା ସାମାନ୍ୟ। କିନ୍ତୁ ଏହା ଅତ୍ୟନ୍ତ ଗୁରୁତର ଥିବାରୁ ତାଙ୍କୁ ଆଇପିଏଲ ଅଧାରୁ ବିଦାୟ ନେବାକୁ ପଡିଛି। ସେ ଗ୍ରେଡ ୨ ଟିୟରର ସମ୍ମୁଖୀନ ହୋଇଛନ୍ତି। ଏଥିରୁ ମୁକୁଳିବା ପାଇଁ ୧୦ରୁ ୧୨ ସପ୍ତାହ ସମୟ ଲାଗିବ। ତେଣୁ ସେ ଚଳିତ ଆଇପିଏଲରେ ଆଉ ନଜର ଆସିବେ ନାହିଁ। ଆଇପିଏଲ ବ୍ୟତୀତ ଖଲୀଲ ଭାରତ ପାଇଁ ୧୧ଟି ଦିନିକିଆ ଓ ୧୮ଟି ଟି-୨୦ ଖେଳିଛନ୍ତି। ଶେଷଥର ସେ ୨୦୨୪ ଜୁଲାଇ ମାସରେ ଭାରତ ପାଇଁ ଖେଳିଥିଲେ।

ଚଳିତ ଆଇପିଏଲରେ ଚେନ୍ନାଇ କ୍ରମାଗତ ୩ଟି ମ୍ୟାଚ୍ ହାରିବା ପରେ ୨ଟି ବିଜୟ ହାସଲ କରିଛି। ଏବେ ଦଳ ପଏଣ୍ଟ ଟେବୁଲର ୮ମ ସ୍ଥାନରେ ଅଛି। ଶେଷ ମ୍ୟାଚ୍‌ରେ ଚେନ୍ନାଇ ୩୨ ରନରେ କୋଲକାତାକୁ ହରାଇଥିଲା।

ଧୀରେଧୀରେ ଦଳ ଲୟକୁ ଫେରୁଥିବା ବେଳେ ଖଲୀଲଙ୍କ ରୂପରେ ଚେନ୍ନାଇକୁ ବଡ ଝଟକା ଲାଗିଛି। ଏବେ ଦଳ ଚୂଡ଼ାନ୍ତ ଏକାଦଶରେ ପୁଣି ପରିବର୍ତ୍ତନ କରିବ। ଟିମ କମ୍ବିନେସନ ବିଗିଡିବାର ମଧ ଆଶଙ୍କା ରହିଛି। ଏହାବାଦ ଚଳିତ ଆଇପିଏଲରେ ଖଲୀଲଙ୍କ ବଦଳ ଖେଳାଳିଙ୍କ ନାଁ ମଧ ଚେନ୍ନାଇ ଘୋଷଣା କରିପାରେ।

ଘରୋଇ କ୍ରିକେଟରେ କ୍ରମାଗତ ଭଲ ପ୍ରଦର୍ଶନ କରିଥିବା କୌଣସି ଦ୍ରୁତ ବୋଲରଙ୍କୁ ଚେନ୍ନାଇ ନିଜ ସ୍କ୍ୱାଡରେ ସାମିଲ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ଏନେଇ ଟିମ ମ୍ୟାନେଜମେଣ୍ଟ ବିଚାରବିମର୍ଶ କରୁଥିବା ଜଣାପଡିଛି।

# ଆଇପିଏଲ୍‌ରେ କେମିତି ବଛା ହୁଅନ୍ତି ଚିୟରଗର୍ଲ



ନୂଆଦିଲ୍ଲୀ୧୬।୪:: ଛକା-ଚୌକା ହେଉ କି ଆଉଟ୍, ଯେତେବେଳେ ଏଭଳି ହୁଏ ନାଚନ୍ତି ଚିୟରଗାର୍ଲ । ଆଇପିଏଲରେ ଏହି ଚିୟରଲିଡରଙ୍କ ଉପରେ ରହିଥାଏ କ୍ୟାମେରା । ମ୍ୟାଚ୍ ସମୟରେ ଏମାନେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥାନ୍ତି । ତେବେ ଏଥିରେ ବହୁ ବିଦେଶୀ ଯୁବତୀମାନେ ଦେଖିବାକୁ ମିଳନ୍ତି । ତେବେ ଏମାନଙ୍କୁ କେମିତି ମିଳେ ସୁଯୋଗ ଯେ କେହି ଚାହିଁବ ସେ କଣ ଫ୍ରାଞ୍ଚାଇଜ୍ ସହ କରି ପାରିବ କି ଚୁକ୍ତି ଏମିତି ଅନେକ ପ୍ରଶ୍ନ ସାଧାରଣତଃ ସମସ୍ତଙ୍କ ମନରେ ଉଠିଥାଏ । ତେବେ ଚିୟରଗାର୍ଲ ହେବା ପାଇ କେଣସି ଫର୍ମ କିମ୍ବା ବିଜ୍ଞପ୍ତି ପ୍ରକାଶ ପାଇନଥାଏ । ଏବଂ ଏଥିରେ ବିସିସିଆଇ କେଣସି ହସ୍ତକ୍ଷେପ ମଧ କରେ ନାହିଁ ।

ତେବେ ଏହି ଚିୟରଲିଡର୍ସ ହେବା ଏତେ ସହଜ ମଧ ନୁହେଁ । ଏହା କେଣସି ରିଆଲିଟି ଶୋ'ଠାରୁ ମଧ କମ୍ ନୁହେଁ । ଏହା ଏକ ଏଜେନ୍ସି ମାଧ୍ୟମରେ ଅନଲାଇନରେ କାଷ୍ଟିଂ କିମ୍ବା ଆବେଦନ କରାଯାଏ । ଏହାସହ ନୃତ୍ୟ ଅଡିସନ, ଭିଡିଓ ଦାଖଲ, ଫିଟନେସ୍ ଏବଂ ଷ୍ଟାମିନା ମଧ ପରୀକ୍ଷା କରାଯାଏ । କ୍ୟାମେରା ଆଗରେ କେମିତି ପ୍ରଦର୍ଶନ କରିପାରୁଛନ୍ତି ଏହା ମଧ ଦେଖାଯାଏ ଏବଂ ଫ୍ରାଞ୍ଚାଇଜ୍ ସହ ଚୁକ୍ତି ସ୍ୱାକ୍ଷରିତ ହୋଇଥାଏ । ତେବେ ଅଧିକାଂଶ ଏଜେନ୍ସିମାନେ ବିଦେଶୀ ନୃତ୍ୟଶିଳ୍ପୀଙ୍କୁ ଏଥିରେ ସ୍ଥାନ ଦିଅନ୍ତି । ଯଦିଓ କିଛି ଭାରତୀୟ ସ୍ଥାନ ପାଆନ୍ତି ତଥାପି ବିଦେଶୀଙ୍କ ଉପରେ ଧ୍ୟାନ ଦିଆଯାଏ ।

ମିଳିଥିବା ଏକ ସୂତ୍ରକୁ ଯଦି ବିଶ୍ୱାସ କରିବା ତାହେଲେ ଜଣେ ଚିୟରଲିଡର୍ସଙ୍କ ଦରମାର ଗୋଟିଏ ମ୍ୟାଚ୍‌ରେ ୧୨ରୁ୨୫ ହଜାର ଟଙ୍କା । ଏହାସହ ସେମାନଙ୍କ ହୋଟେଲ ଖର୍ଚ୍ଚ, ଯାତ୍ରା କରିବା ଏବଂ ଅନ୍ୟାନ୍ୟ ସୁବିଧା ମଧ ଫ୍ରାଞ୍ଚାଇଜ୍‌ଯୋଗାଇଥାଏ ।ତେବେ ଏଥିରେ କେଣସି ସ୍ଥାୟୀ ନିଯୁକ୍ତି ହୋଇନଥାଏ । ପ୍ରତିବର୍ଷ ଫ୍ରାଞ୍ଚାଇଜମାନେ ଏମାନଙ୍କୁ ବଦଳାଇଥାନ୍ତି । ପ୍ରଥମେ ଆମେରିକାରୁ ଏହି ଚିୟରଗର୍ଲ ପରମ୍ପରା ଆରମ୍ଭ ହୋଇଥିବା କୁହାଯାଏ ।

# ହାର୍ଦ୍ଦିକଙ୍କ ସହ ବିବାଦକୁ ମୁହଁ ଖୋଲିଲେ କୃନାଲ ପାଣ୍ଡ୍ୟା



ନୂଆଦିଲ୍ଲୀ,୧୬।୪: ପାଣ୍ଡ୍ୟା ବ୍ରଦର୍ସଙ୍କ ମଧ୍ୟରେ ରହିଛି କି ବିବାଦ କାହିଁକି ମ୍ୟାଚ୍ ସମୟରେ ଦେଖିବାକୁ ମିଳିଲା ଏମିତି ଏଭଳି ଖବର ଏବେ ଗଣମାଧମରେ ହେଡଲାଇନ୍ ପାଲଟିଛି । ଆଇପିଏଲର ମୁମ୍ବାଇ ଇଣ୍ଡିଆନ୍ସ ଏବଂ ରୟାଲ ଚ୍ୟାଲେଞ୍ଜର୍ସ ମ୍ୟାଚ୍ ସମୟରେ ପାଣ୍ଡ୍ୟା ବ୍ରଦର୍ସଙ୍କ ମଧ୍ୟରେ ଠିକରେ ପଡୁନିଥିବା ଖବର ଆସିଥିଲା । ହାର୍ଦ୍ଦିକ ବ୍ୟାଟିଂ କରୁଥିବାବେଳେ କୃନାଲ ଏକ ବାଉନ୍ସର ମାରିଥିଲେ । ଏବଂ ଉଭୟ ପୂର୍ବରୁ ଯେଭଳି ଭାବେ ବିପକ୍ଷ ଦଳରେ ଖେଳୁଥିଲେ ସୁଦ୍ଧା ସମ୍ପର୍କ ବଜାୟ ରଖିଥିଲେ ଚଳିତବର୍ଷ ତାହା ଦେଖିବାକୁ ମିଳିନାହିଁ । ଯାହାକୁ ନେଇ ଚର୍ଚ୍ଚା ଜୋରଦାର ହୋଇଥିଲା ।

ଏକ ଜାତୀୟ ଗଣମାଧ୍ୟମକୁ ନିଜର ପ୍ରତିକ୍ରିୟା ଦେଇ କୃନାଲ କହିଛନ୍ତି କି, ଆମ ଭିତରେ ସେମିତି କିଛି ନାହିଁ । ମୋର ମୂଳ ଲକ୍ଷ୍ୟ ହେଉଛି ପୁଣିଥରେ ଭାରତୀୟ ଦଳକୁ ଫେରିବା ।ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ସମୟରେ କୃଣାଲ କହିଛନ୍ତି, 'ଦେଶର ପ୍ରତିନିଧିତ୍ୱ କରିବା ହେଉଛି ସବୁଠାରୁ ବଡ଼ ଲକ୍ଷ୍ୟ,ଏବଂ ମୁଁ ଏହା ବିଷୟରେ ଅଧିକ ଚିନ୍ତା କରେନାହିଁ ।ମୁଁ ମୋ କ୍ଷମତାରେ ଯାହା ଅଛି ତାହା କରିବାକୁ ଚାହୁଁଛି,ସେଠାକୁ ଯାଇ ଭଲ ପ୍ରଦର୍ଶନ କରି ମ୍ୟାଚ୍ ଜିତିବାକୁ ଚାହୁଁଛି...ଏବଂ ଏହି ପ୍ରକ୍ରିୟାରେ,ଯଦି ମୋତେ ସେହି ସୁଯୋଗ ମିଳେ,ତେବେ ମୁଁ ବହୁତ ଖୁସି ହେବି,କାରଣ ଦେଶ ପାଇଁ ଖେଳିବା ମୋର ସବୁଠାରୁ ବଡ଼ ଲକ୍ଷ୍ୟ।'

### ଇତିହାସ ରଚିଲେ ବୈଶାଳୀ

# ଫିଡେ ମହିଳା କ୍ୟାଣ୍ଡିଡେଟ୍ସ ଜିତିବାରେ ପ୍ରଥମ ଭାରତୀୟ

ନୂଆଦିଲ୍ଲୀ,୧୬/୦୪; ସାରା ଭାରତ ଆଇପିଏଲ୍ ରୋମାଞ୍ଚରେ ମସଗୁଲ ରହିଥିବାବେଳେ ସବୁ ଆଲୋଚନାଠୁ ଦୂରରେ ରହି ଇତିହାସ ରଚିଛନ୍ତି ଭାରତୀୟ ଚେସ୍ ଖେଳାଳି ତଥା ଗ୍ରାଣ୍ଡମାଷ୍ଟର ଆର ବୈଶାଳୀ । ସାଇପ୍ରସରେ ଚାଲିଥିବା କ୍ୟାଣ୍ଡିଡେଟ୍ସ ଚେସ ଚାମ୍ପିଅନସିପର ମହିଳା ବର୍ଗରେ ଚାମ୍ପିଅନ୍ ହୋଇ ବୈଶାଳୀ ବିଶ୍ୱ ଚେସ୍ ଚାମ୍ପିଅନସିପ୍ ଫାଇନାଲ୍କୁ ଯୋଗ୍ୟତା ଅର୍ଜନ କରିଛନ୍ତି ।

ଟାଇଟଲ ଲଢେଇରେ ସେ ଡିଫେଣ୍ଡିଂ ଚାମ୍ପିଅନ ଚୀନ୍‌ର ଜୁ ୱେନଜୁନଙ୍କୁ ଭେଟିବେ । ପ୍ରଥମ ଭାରତୀୟ ମହିଳା ଚେସ୍ ଖେଳାଳି ଭାବେ ବୈଶାଳୀ କ୍ୟାଣ୍ଡିଡେଟ୍ସ ଚେସ ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଛନ୍ତି ଓ ଦ୍ୱିତୀୟ ଭାରତୀୟ ମହିଳା ଖେଳାଳି ଭାବେ ବିଶ୍ୱ ଚାମ୍ପିଅନ୍ସିପ ଟାଇଟଲ ପାଇଁ ଯୋଗ୍ୟତା ଲାଭ କରିଛନ୍ତି । ତାଙ୍କ ପୂର୍ବରୁ ଗ୍ରାଣ୍ଡ ମାଷ୍ଟର କନେରୁ ହମ୍ପି ପ୍ରଥମ ଭାରତୀୟ ମହିଳା ଭାବେ ୨୦୧୧ରେ ବିଶ୍ୱ ଚାମ୍ପିଅନ୍ସିପ ଫାଇନାଲ ଖେଳିଥିଲେ । ସେ ଫିଡେ



ଗ୍ରାଣ୍ଡପ୍ରିକ୍ସ ସିରିଜରେ ଶୀର୍ଷ ସ୍ଥାନ ଦଖଲ କରି ବିଶ୍ୱ ଚାମ୍ପିଅନସିପ୍ ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଥିଲେ । କ୍ୟାଣ୍ଡିଡେଟ୍ସ ଚାମ୍ପିଅନସିପ୍‌ରେ ବୈଶାଳୀ ମୋଟ୍ ୮.୫ ପଏଣ୍ଟ ଅର୍ଜନ କରିଥିଲେ । ଅନ୍ତିମ ରାଉଣ୍ଡରେ ସେ ରୁଷିଆର କାଟେରିନା ଲାଗନୋଙ୍କୁ ହରାଇଥିଲେ । ଅନ୍ତିମ ରାଉଣ୍ଡ ପୂର୍ବରୁ ବୈଶାଳୀ ଓ କାଜାଖସ୍ତାନର ବିବିସାରା ଆସାଉବୟେଭା ୭.୫ ପଏଣ୍ଟ ଲେଖାଏଁ ଅର୍ଜନ କରି ମିଳିତ ଶୀର୍ଷରେ ରହିଥିଲେ । ଆସାଉବୟେଭା ଅନ୍ତିମ ରାଉଣ୍ଡରେ ଭାରତର ଦିବ୍ୟା ଦେଶମୁଖଙ୍କ ସହ ଡ୍ର' ରଖିଥିଲେ । ଅନ୍ୟ ପଟରେ ବୈଶାଳୀ ବିଜୟ ହାସଲ କରି ଇତିହାସ ରଚିଥିଲେ । ଲାଗନୋ ୪୭ତମ ଗୋଟି ଚାଳନା ପରେ ପରାଜୟ ସ୍ୱୀକାର କରିଥିଲେ । ବୈଶାଳୀଙ୍କୁ ଏହି ଐତିହାସିକ ସଫଳତା ମିଳିଛି । ଏହି ବିଜୟ ସହିତ ବୈଶାଳୀ ମହିଳା ବିଶ୍ୱ ଚେସ୍ ପ୍ରତିଯୋଗିତା ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛନ୍ତି । ଏହି ବିଶ୍ୱ ମୁକୁଟ ଲଢେଇରେ ତାଙ୍କ ସମ୍ମୁଖରେ ରହିଛନ୍ତି ବିଜୟିନୀ ଚୀନର ଜୁ ୱେନ୍ଜୁଁ ।

# ପ୍ଲେୟାର ଅଫ୍ ଦି ମ୍ୟାଚ୍‌କୁ ନେଇ ବିବାଦ

ନୂଆଦିଲ୍ଲୀ,୧୬/୦୪; ଚଳିତ ଆଇପିଏଲରେ ଡିଫେଣ୍ଡିଂ ଚାମ୍ପିଅନ୍ ବେଙ୍ଗାଲୁରୁ ଚତୁର୍ଥ ବିଜୟ ସହ ପଏଣ୍ଟ ତାଲିକାର ଶୀର୍ଷ ସ୍ଥାନ ଦଖଲ କରିଛି । ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ୨୩ତମ ଲିଗ୍ ମୁକାବିଲାରେ ବେଙ୍ଗାଲୁରୁ ୫ ୱିକେଟ୍ରେ ଲକ୍ଷ୍ନୌକୁ ହରାଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଲକ୍ଷ୍ନୌ ୧୪୬ ରନ କରି ଅଲ୍ ଆଉଟ୍ ହୋଇ ଯାଇଥିଲା । ଜବାବରେ ବେଙ୍ଗାଲୁରୁ ୧୫.୧ ଓଭରରେ ୫ ୱିକେଟ୍ ହରାଇ ଆବଶ୍ୟକ ରନ ସଂଗ୍ରହ କରି ନେଇଥିଲା । ମ୍ୟାଚ୍‌ରେ ଆରସିବିର ପ୍ଲେୟାର ଅଫ୍ ଦି ମ୍ୟାଚ୍‌କୁ ନେଇ ବାବଦ ଦେଖା ଦେଇଛି । ଜୋସ୍ ହାଜେଲଉଡ୍ ତାଙ୍କ ୪ ଓଭରରେ ମାତ୍ର ୨୦ ରନ ଦେଇ ଗୋଟିଏ ୱିକେଟ୍ ନେଇଥିଲେ। ଏହି ସମୟରେ, ୨୬ ବର୍ଷୀୟ ରସିଖ୍ ସଲାମ୍ ତାଙ୍କ ୪ ଓଭରରେ ୨୪ ରନ ଦେଇ ୪ଟି ୱିକେଟ୍ ନେଇଥିଲେ । ହାଜେଲଉଡଙ୍କଠୁ ୪ରନ୍ ଅଧିକ ଦେଇଥିଲେ ରସିକ୍ । ହେଲେ ୱିକେଟ ଦେଖିଲେ ୩ଟି ଅଧିକ ୱିକେଟ ନେଇଥିଲେ । ରସିଖଙ୍କ ସ୍ଥାନରେ ଜୋସ୍ ହାଜେଲଉଡଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ କରିବାକୁ ନେଇ ବିବାଦ ଉପୁଜିଛି । ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳିଙ୍କ ଉପରେ ଆକାଶ ଚୋପ୍ରାଙ୍କ ପ୍ରଶ୍ନ- ଲକ୍ଷ୍ନୌ ସୁପରଜାଏଣ୍ଟସ୍ ବିପକ୍ଷରେ ଆରସିବିର ବିଜୟରେ , ଜୋସ ହାଜେଲଉଡ୍‌ଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ପୁରସ୍କାର ଦିଆଯାଇଥିଲା । ସେ କେବଳ ଗୋଟିଏ ୱିକେଟ୍ ନେଇଥିଲେ । ହାଜେଲଉଡ୍ ତାଙ୍କ ୪ ଓଭରର ୨୦ ରନ୍ ଦେଇ ନିକୋଲାସ୍ ପୁରନଙ୍କ ୱିକେଟ୍ ନେଇଥିଲେ । ଏହି ସମୟରେ, ରସିଖ ସଲାମ୍‌ଙ୍କ ବୋଲିଂ ପ୍ରଦର୍ଶନ ଭଲ ଥିଲା । ୨୬ ବର୍ଷୀୟ ଖେଳାଳି ତାଙ୍କ ଚ଼୪ ଓଭରରେ ୨୪ ରନ୍ ଦେଇ ୪ଟି ୱିକେଟ୍ ନେଇଥିଲେ । ଆକାଶ ଚୋପ୍ରା ଏହା ଉପରେ ପ୍ରଶ୍ନ ଉଠାଇ କହିଛନ୍ତି ଯେ, ରସିଖ ସଲାମଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ପୁରସ୍କାର କାହିଁକି ଦିଆଗଲା ନାହିଁ । ଏହା ଅନ୍ୟାୟ। ପିଓଟିଏମ୍‌କୁ ନେଇ ବିତର୍କ ତୀବ୍ର- ଆକାଶ ଚୋପ୍ରାଙ୍କ ପ୍ରଶ୍ନ ଏବେ ଏକ ଉଷ୍ମ ବିତର୍କ ଆରମ୍ଭ କରିଛି । ଲୋକମାନେ ସୋସିଆଲ ମିଡିଆରେ ଏହାକୁ ଖୋଲାଖୋଲି ଭାବରେ ଆଲୋଚନା କରିଛନ୍ତି । କେତେକ ହେଜେଲଉଡଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ନିଷ୍ପତ୍ତିକୁ ସମର୍ଥନ କରି ଲେଖିଛନ୍ତି, ଅନ୍ୟମାନେ ମଧ ପ୍ରଶ୍ନ ଉଠାଇଛନ୍ତି ଯେ, ତାଙ୍କୁ କାହିଁକି ଏହି ପୁରସ୍କାର ଦିଆଯାଇଥାନ୍ତା କିମ୍ବା କାହିଁକି ତାଙ୍କୁ ଏହା ଦିଆଯିବା ଉଚିତ୍ ନୁହେଁ। ହାଜେଲଉଡ୍ ନିକୋଲାସ୍ ପୁରନ୍‌ଙ୍କ ଗୁରୁତ୍ୱପୂର୍ଣ୍ଣ ୱିକେଟ୍ ନେଇଥିଲେ ମଧ, ରସିଖ୍ ସଲାମ୍ ତାଙ୍କ ୪ଟି ୱିକେଟ୍ ମଧ୍ୟରୁ ମାର୍କରାମ, ବାଡୋନି ଏବଂ ମୁକୁଲ ଚୌଧାରୀଙ୍କ ୩ଟି ଗୁରୁତ୍ୱପୂର୍ଣ୍ଣ ୱିକେଟ୍ ନେଇଥିଲେ। ତାଙ୍କର ଚତୁର୍ଥ ୱିକେଟ୍ ଥିଲା ଆଭେଶ ଖାନ । ହାଜେଲଉଡ୍ ଏବଂ ରସିଖ ପ୍ରତ୍ୟେକେ ୧୩ ଟି ଡଟ୍ ବଲ୍ ପକାଇଥିଲେ। ତେଣୁ, ରସିଖଙ୍କୁ ବାଦ ଦେଇ ହାଜେଲଉଡ୍‌ଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ପୁରସ୍କାର ଦେବା ଆଶ୍ଚର୍ଯ୍ୟଜନକ ମନେ ହେଉଛି।



## ନୂଆ ରେକର୍ଡ କଲେ ପାକିସ୍ତାନୀ କ୍ରିକେଟର ବାବର ଆଜମ୍

ନୂଆଦିଲ୍ଲୀ : ପାକିସ୍ତାନୀ ବ୍ୟାଟ୍ସମ୍ୟାନ ବାବର ଆଜମ ଏକ ନୂଆ ରେକର୍ଡ କରିଛନ୍ତି। ଗୋଟିଏପଟେ ଆଇପିଏଲରେ ବିରାଟ କୋହଲି ବେଙ୍ଗାଲୁରୁକୁ ଜିତାଉଥିଲେ, ଅନ୍ୟପଟେ ପେଶାୱାରକୁ ଜିତାଉଥିଲେ ବାବର ଆଜମ୍ । ପେଶାୱାର ଷ୍ଟାର ଖେଳାଳିସ ନିଜ ଦଳକୁ ବିଜୟ ଆଡ଼କୁ ନେଇଥିବାବେଳେ ନୂଆ ରେକର୍ଡ କରିଛନ୍ତି । ସେ ପାକିସ୍ତାନରେ ନମ୍ବର-୧, ଏସୀଆରେ-୨ ଏବଂ ଅନ୍ତର୍ଜାତୀୟ ସ୍ତରରେ ୩ ନମ୍ବର ସ୍ଥାନରେ ରହିଛନ୍ତି । ବୁଧବାର ଖେଳାଯାଇଥିବା ମୁକାବିଲାରେ ବାବର ୫୧ ବଲରୁ ୭୧ ରନ କରିଥିଲେ । ଏହି ଅର୍ଦ୍ଧଶତକ କରିବା ପରେ ସେ ଏକ ରେକର୍ଡ କରିଛନ୍ତି । ଏହି ଅର୍ଦ୍ଧଶତକ ହେଉଛି ତାଙ୍କର ଟି-୨୦ କ୍ରିକେଟରେ ୧୦୦ତମ ଅର୍ଦ୍ଧଶତକ । ଏହି ସଫଳତା ହାସଲ କରିବାରେ ସେ ପ୍ରଥମ ପାକିସ୍ତାନୀ କ୍ରିକେଟର । ୩୫୪ଟି ଟି-୨୦ ମ୍ୟାଚ୍‌ରେ ୧୦୦ ଅର୍ଦ୍ଧଶତକ ହାସଲ କରିଛନ୍ତି । ସେ ପାକିସ୍ତାନର ପ୍ରଥମ ବ୍ୟାଟ୍ସମ୍ୟାନଭାବେ ଏହି କିର୍ତ୍ତୀ ଅର୍ଜନ କରିଛନ୍ତି ।ବାବର ଆଜମଙ୍କ ପୂର୍ବରୁ ବିରାଟ କୋହଲି ଟି-୨୦ କ୍ରିକେଟରେ ୧୦୦ ଅର୍ଦ୍ଧଶତକ ଅତିକ୍ରମ କରିଥିଲେ। ବିରାଟଙ୍କ ନିକଟରେ ବର୍ତ୍ତମାନ ୧୦୭ ଅର୍ଦ୍ଧଶତକ ଅଛି, ସେ ୪୧୯ ଟି-୨୦ ମ୍ୟାଚ୍ ରୁ ୪୦୨ ଇନିଂସରେ ଏହି ସ୍କର କରିଛନ୍ତି। ବାବର ଆଜମ ଏସିଆର ଦ୍ୱିତୀୟ ବ୍ୟାଟସମ୍ୟାନ ଯିଏ ଟି-୨୦ କ୍ରିକେଟରେ ୧୦୦ ଅର୍ଦ୍ଧଶତକ ହାସଲ କରିଛନ୍ତି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ